ସ୍ୱାଗତଂ ଓଡ଼ିଶା

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

# ଡୁମାଣୀ ଖବର

Dumani Khabar (Odia Daily)

Visit us: www.dumanikhabar.in • e-paper.dumanikhabar.in

DUMANI TV

ବର୍ଷ-୬ | ସଂଖ୍ୟା-୭୫ | ଶନିବାର | ୭ ଜୁନ୍ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-75 | Saturday | 7 June 2025 | Bhubaneswar | Pages-8 | Rs. 2.00

Follow us: f You Tube

## ୭ଟି ବିଭାଗରେ ୧୨୯୪ ଜଣଙ୍କୁ ନିଯୁକ୍ତି ପତ୍ର ବାଣ୍ଟିଲେ ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର, ୬।୬ (ହି.ସ):** ବାପା ମାଆଙ୍କ ଆଶୀର୍ବାଦରେ ଆପଣ ମାନେ ଏହି ଚାକିରୀ ପାଇଛନ୍ତି । ତାଙ୍କ ସେବା ସବୁବେଳେ କରୁଥିବେ । ପରିବାର ଲୋକଙ୍କ ମନରେ କେବେହେଲେ କଷ୍ଟ ଦେବେ ନାହିଁ । ଆମ ସମାଜରେ ଗରିବ ଲୋକମାନେ ବହୁ କଷ୍ଟରେ ଅଛନ୍ତି, ସେମାନଙ୍କୁ ଠିକ୍ ସମୟରେ ନ୍ୟାୟ ଦେବାକୁ କେବେ ଭୁଲିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ବିଭିନ୍ନ ବିଭାଗର ନବନିଯୁକ୍ତ ୧,୨୯୪ ଜଣ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଏହି ଦୁଇଟି ମହତ୍ତ୍ୱପୂର୍ଣ୍ଣ ଉପଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଆଜି ଭୁବନେଶ୍ୱର ରେଳ ଅଡିଟୋରିୟମ ଠାରେ ୭ଟି ବିଭାଗରେ ୧୨୯୪ଟି ପଦବୀ ପୂରଣ ପାଇଁ ନିଯୁକ୍ତି ମେଳାର ଆୟୋଜନ କରାଯାଇଥିଲା । ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୮୨୬ଟି ସ୍ନାତକୋତ୍ତର ଶିକ୍ଷକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସହକାରୀ ପ୍ରାଧ୍ୟାପକ, କ୍ଲିନିକାଲ ମନୋବିଜ୍ଞାନୀ, ମନସ୍ତତ୍ତ୍ୱ ସାମାଜିକ କର୍ମୀ, ନର୍ସିଂ ଅଫିସର ଏବଂ ଡ୍ରଗ ଇନସପେକ୍ଟର ପଦବୀକୁ ମିଶାଇ ସମୁଦାୟ ୨୨୪ଟି ପଦବୀ, ବାଣିଜ୍ୟ ଓ ପରିବହନ ବିଭାଗରେ ମୋଟର ଯାନ କନିଷ୍ଠ ନୀରିକ୍ଷକ ଓ ଟ୍ରାଫିକ କନେଷ୍ଟବଳଙ୍କୁ ମିଶାଇ ସମୁଦାୟ ୬୩ଟି ପଦବୀ, ଦକ୍ଷତା ବିକାଶ ବିଭାଗର ୮୧ଟି ଅଧ୍ୟାପକ ପଦବୀ, ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗର ୪୯ଟି ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ପଦବୀ, ଅବକାରୀ ବିଭାଗର ୩୨ଟି ଅବକାରୀ ଉପନିରୀକ୍ଷକ ପଦବୀ, ଶ୍ରମ ବିଭାଗର ୧୯ଟି ବିଭିନ୍ନ ପଦବୀରେ ନିଯୁକ୍ତି ଦିଆଯାଇଛି । ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ନବନିଯୁକ୍ତଙ୍କୁ ଉଦବୋଧନ ଦେଇ କହିଲେ ଯେ, ଆମ ସରକାର ଆସିବା ଦିନଠାରୁ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ରୋଜଗାର ସୃଷ୍ଟିକୁ ଗୁରୁତ୍ୱ ଦେଉଛି । ପାଞ୍ଚବର୍ଷ ମଧ୍ୟରେ ଦେଢ଼ ଲକ୍ଷ ସରକାରୀ ପଦବୀ ପୂରଣ କରିବା ଆମର ଲକ୍ଷ୍ୟ ରହିଛି । ପ୍ରଥମ ଦୁଇ ବର୍ଷରେ ୬୫ ହଜାର ପଦବୀ ପୂରଣ ହେବ । ଏହି କ୍ରମରେ ଆଜିକୁ ମିଶାଇ ୨୭,୪୨୮ଟି ସରକାରୀ ପଦବୀ ପୂରଣ କରାଗଲା । ଏହି ସବୁ ପଦକ୍ଷେପରେ *ପୃଷ୍ଠା ୭ ଦେଖନ୍ତୁ...*

## ଚେନାବ ରେଲୱେ ବ୍ରିଜ୍‌ରେ ତ୍ରିରଙ୍ଗା ଉଡ଼ାଇଲେ ମୋଦି : ପାକିସ୍ତାନକୁ ଦେଲେ କଡ଼ା ବାର୍ତ୍ତା





**ନୂଆଦିଲ୍ଲୀ, ୬।୬ (ହି.ସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଜମ୍ମୁ-କାଶ୍ମୀରରେ ଚିନାବ ନଦୀ ଉପରେ ନିର୍ମିତ ବିଶ୍ୱର ସବୁଠୁ ଉଚ୍ଚ ରେଳ ବ୍ରିଜ୍‌ର ଉଦ୍‌ଘାଟନ କରିଛନ୍ତି । ଏଥି ସହିତ ସେ କଟରା ରେଳ ଷ୍ଟେସନରୁ କଟରା ଓ ଶ୍ରୀନଗରକୁ ଯୋଡୁଥିବା ବନ୍ଦେ ଭାରତ ଏକ୍ସପ୍ରେସକୁ ମଧ୍ୟ ସବୁଜ ପତାକା ଦେଖାଇଥିଲେ । ଉଦ୍‌ଘାଟନ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ଉଦ୍ଧମପୁର-ଶ୍ରୀନଗର-ବାରାମୁଲା ରେଳ ଲିଙ୍କ୍ ପ୍ରକଳ୍ପ ସହିତ ଜଡ଼ିତ ଟିମ୍ ସହିତ କଥାବାର୍ତ୍ତା କରିଥିଲେ । ଏହି ଅବସରରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ପିଏମଓରେ ରାଜ୍ୟମନ୍ତ୍ରୀ ଡଃ. ଜିତେନ୍ଦ୍ର ସିଂହ, ଜମ୍ମୁ-କାଶ୍ମୀରର ଉପରାଜ୍ୟପାଳ ମନୋଜ ସିହ୍ନା ଏବଂ ମୁଖ୍ୟମନ୍ତ୍ରୀ ଉମର ଅବଦୁଲା ଉପସ୍ଥିତ ଥିଲେ । ପ୍ରଧାନମନ୍ତ୍ରୀ ମୋଦୀ କଂଥନ ଚିନାବ ହଲ୍ଟରେ ପ୍ରକଳ୍ପ ଟିମ୍ ଏବଂ ଶ୍ରମିକ ମାନଙ୍କ ସହିତ ମଧ୍ୟ କଥା ହୋଇଥିଲେ । ସେ ଏହି ପ୍ରକଳ୍ପର ପ୍ରଗତି ବାବଦରେ ତଥ୍ୟ ନେଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର କହିଛନ୍ତି ଯେ, ୨୨ ଅପ୍ରେଲରେ ପହେଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ କେବଳ ନିର୍ଦ୍ଦୋଷ ଲୋକଙ୍କ ଉପରେ ନୁହେଁ, ବରଂ ମାନବତା ଓ କଶ୍ମୀରିୟତ ଉପରେ ସିଧାସଳଖ ପ୍ରହାର ଥିଲା । ପାକିସ୍ତାନଙ୍କ ଏହି ଷଡଯନ୍ତ୍ର ଭାରତରେ ଦଙ୍ଗା ଭଡ଼କେଇବା ଓ କଶ୍ମୀରର ପରିଶ୍ରମୀ ଲୋକମାନଙ୍କ ଜୀବିକା ଉପରେ ଆଘାତ କରିବା ପାଇଁ ଚେଷ୍ଟା ଥିଲା । କିନ୍ତୁ ଜମ୍ମୁ-କଶ୍ମୀରର ଲୋକମାନେ ଯେପରି ଏକତା ଓ ସାହସ ସହିତ ଏହାର ଜବାବ ଦେଇଛନ୍ତି, ତାହା ସମଗ୍ର ଦେଶ ଓ ବିଶ୍ୱ ପାଇଁ ଏକ ସ୍ୱଷ୍ଟ ବାର୍ତ୍ତା । ସେ କହିଛନ୍ତି ଯେ, ଏହା ସେହି ଆତଙ୍କବାଦ ଯାହା ଘାଟିରେ ଥିବା ବିଦ୍ୟାଳୟକୁ ଜଳାଇଦେଇଥିଲା, ହସ୍ପିଟାଲ ଉପରେ ଆକ୍ରମଣ କରିଥିଲା ଓ ଦୁଇ ପିଢ଼ିର ଭବିଷ୍ୟତକୁ ଧ୍ୱଂସ କରିଥିଲା । ଏବେ ଜମ୍ମୁ-କଶ୍ମୀରର ଯୁବକମାନେ ଆତଙ୍କବାଦକୁ ଦୃଢ଼ ଜବାବ ଦେବାର ସଂକଳ୍ପ ନେଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦି କଟର ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ୪୬ ହଜାର କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ବିଭିନ୍ନ ବିକାଶ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି । ସେ କହିଛନ୍ତି ଯେ, ପହେଲଗାମ ଆକ୍ରମଣ ରାଜ୍ୟର ବିକାଶ ବାତାବରଣକୁ କେବେ ବୁଡାଇ ଦେଇପାରିବ ନାହିଁ । ବିକାଶ ପଥରେ ଆସିଥିବା ପ୍ରତ୍ୟେକ ବାଧାକୁ ପ୍ରଥମେ 'ମୋଦି' ସାମ୍ନା କରିବ । ସେ କହିଛନ୍ତି ଯେ, ଆଜି ଜମ୍ମୁ-କଶ୍ମୀରର ଯୁବକମାନେ ବଡ଼ ସ୍ୱପ୍ନ ଦେଖୁଛନ୍ତି ଓ ସେଗୁଡ଼ିକୁ ପୂରଣ ମଧ୍ୟ କରୁଛନ୍ତି । ବଜାର, ମଲ୍ ଓ ସିନେମା ହଲ୍‌ଗୁଡ଼ିକ ପୁନଃ ଜୀବନ୍ତ ହେଉଛି । ଲୋକମାନେ ଚାହାଁନ୍ତି ଯେ, କଶ୍ମୀର ପୁଣିଥରେ ଫିଲ୍ମ ଶୁଟିଂ ଓ ଖେଳର କେନ୍ଦ୍ର ହେଉ । ପର୍ଯ୍ୟଟନ କେବଳ ଲୋକମାନଙ୍କୁ ଏକତ୍ର କରେ ନାହିଁ, ବରଂ ଚାକିରି ସୃଷ୍ଟି କରେ । କିନ୍ତୁ ପାକିସ୍ତାନ, ଯିଏକି ମାନବତା ଓ ପର୍ଯ୍ୟଟନ ଉଭୟର ବିରୋଧୀ ଅଟେ, ସେ କଶ୍ମୀରର ପର୍ଯ୍ୟଟନ ଓ ଗରିବ ଲୋକମାନଙ୍କ ଜୀବିକାକୁ ଟାର୍ଗେଟ କରୁଛି । ପ୍ରଧାନମନ୍ତ୍ରୀ ମୋଦି ପାକିସ୍ତାନକୁ କଡା ବାର୍ତ୍ତା ଦେଇଛନ୍ତି । ସେ କହିଛନ୍ତି, "ଆଜି ୬ ଜୁନ । ଏହି ଦିନ ସହ ଏକ ବିଶେଷ ସଂଯୋଗ ରହିଛି । ଆଜିର ଦିନରେ ଠିକ୍ ଏକ ମାସ ପୂର୍ବରୁ, ଏହି ରାତିରେ ହିଁ ପାକିସ୍ତାନୀ ଆତଙ୍କବାଦୀମାନଙ୍କ ଉପରେ ସଙ୍କଟ ପଡିଥିଲା । *ପୃଷ୍ଠା ୭ ଦେଖନ୍ତୁ...*

## ପରିବାରର ଆର୍ଥିକ ଦୁର୍ଗତି ସାଜିଲା ବାଧା : କେରଳରେ ଦାଦନ ଖଟୁଛି ମାଟ୍ରିକ ଟପ୍ପର ଛାତ୍ର



**କଳାହାଣ୍ଡି, ୬।୬ (ଡ଼ିକେ ନ୍ୟୁଜ୍):** ଦଶମ ବୋର୍ଡ ପରୀକ୍ଷାରେ ଏ-୨ ଗ୍ରେଡ୍ ପାଇ ସମଗ୍ର ବ୍ଲକକୁ ଗର୍ବିତ ଓ ଗୌରବାନ୍ୱିତ କରିଛି ଲାଞ୍ଜିଗଡ ବ୍ଲକ ବନ୍ଧପାରୀ ପଞ୍ଚାୟତ ଟିମନବାଡି ଗାଁ ତଥା ବିଶ୍ୱନାଥପୁର ଗୋପବନ୍ଧୁ ହାଇସ୍କୁଲର ଛାତ୍ର ସୁରଜ ନାଗ । ଏଇ କିଛି ଦିନ ତଳେ ଘୋଷିତ ଦଶମ ପରୀକ୍ଷା ଫଳାଫଳରେ ୪୯୮ ମାର୍କ ରଖି ସେ କୃତୀତ୍ୱ ଅର୍ଜନ କରିଛନ୍ତି । ପରୀକ୍ଷାରେ ଏଇ ସଫଳତାକୁ ନେଇ ପରିବାର ଓ ଗାଁ ଲୋକେ, ସ୍କୁଲ କର୍ତ୍ତୃପକ୍ଷ ସମସ୍ତେ ବେଶ ଖୁସି ଜାହିର କରୁଛନ୍ତି । ଏପରିକି ସୁରଜଙ୍କ ସହିତ ଆଉ ଦୁଇଜଣ ଛାତ୍ରଛାତ୍ରୀଙ୍କୁ ଲାଞ୍ଜିଗଡ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧନା ଦିଆଯାଇଛି । କିନ୍ତୁ ଏହି ସମ୍ବର୍ଦ୍ଧନା ସଭାରେ ସୁରଜ ନିଜେ ଉପସ୍ଥିତ ହୋଇପାରିନଥିଲା । କାରଣ ତିନିମାସ ହେଲା କେରଳରେ ଦାଦନ ଖଟୁଛି ମେଧାବୀ ଛାତ୍ର ସୁରଜ । ପରିବାରର ଆର୍ଥିକ ଅନାଟନ, ଗରିବୀ ତାକୁ ସଜାଇଛି ଜଣେ ଦାଦନ ଶ୍ରମିକ । କେରଳ ରାଜ୍ୟ ଆଲୁଭା ନିକଟସ୍ଥ ଏକ ପଥର କ୍ରସରରେ ସେ ଏବେ ଦିନ ମଜୁରିଆ ଦାଦନ ଶ୍ରମିକ । ଯେଉଁଠି ପାଦ ପାଦରେ ପ୍ରତି ମୁହୂର୍ତ୍ତରେ ବିପଦ ଛକି ବସିଛି । ସେଇ ପଥର କ୍ରସରରେ ମେଧାବୀ ଛାତ୍ର ସୂରଜ ଦାଦନ ଖଟୁଛି । ଅପରପକ୍ଷରେ ଲାଞ୍ଜିଗଡ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ପାଇଁ ନିମନ୍ତ୍ରଣ ଦେବା ପରେ ଏହି ଘଟଣା ଆଜି ସାମ୍ନାକୁ ଆସିଛି । *ପୃଷ୍ଠା ୭ ଦେଖନ୍ତୁ...*

## ଜୈବପ୍ରଯୁକ୍ତି ବିଜ୍ଞାନର ବିକାଶ ଯୋଜନାକୁ କ୍ୟାବିନେଟ୍ ମଞ୍ଜୁରୀ

**ଭୁବନେଶ୍ୱର, ୬।୬ (ହି.ସ):** ରାଜ୍ୟ କ୍ୟାବିନେଟ୍ ବୈଠକରେ ' ଜୈବପ୍ରଯୁକ୍ତି ବିଜ୍ଞାନର ବିକାଶ' ଯୋଜନାକୁ ମଞ୍ଜୁରୀ ମିଳିଛି । ଓଡିଶା ଦେଶରେ ସବୁଠାରୁ ବିବିଧ ଇକୋସିଷ୍ଟମରେ ପରିପୂର୍ଣ୍ଣ । ଏଠାରେ ସମାଜର କଲ୍ୟାଣ ପାଇଁ ଜୈବପ୍ରଯୁକ୍ତି ବିଜ୍ଞାନକୁ ସସ୍ଥାପିତ କରିବା ଏବଂ ପ୍ରୋତ୍ସାହିତ କରିବାର ସମସ୍ତ ଉପାଦାନ ରହିଛି । ଓଡ଼ିଶାର ଅବ୍ୟବହୃତ ପ୍ରାକୃତିକ ସମ୍ପଦର ବ୍ୟାପକ ବାୟୋପ୍ରୋସଟେକିଂ ଏବଂ ଉପଲବ୍ଧ ମାନବସମ୍ବଳର ଉପଯୋଗ କରିବାର ଅନେକ ସମ୍ଭାବନା ରହିଛି । ଓଡ଼ିଶାରେ ଅନେକ ପ୍ରମୁଖ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ରହିଛି ଏବଂ ସେଥିମଧ୍ୟରୁ ଅନେକ ଜୈବପ୍ରଯୁକ୍ତି ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ସକ୍ରିୟ ଭାବେ ନିୟୋଜିତ ଅଛନ୍ତି । ଏହି ଶିକ୍ଷାନୁଷ୍ଠାନଗୁଡ଼ିକ ଜୈବପ୍ରଯୁକ୍ତି ବିଜ୍ଞାନ ଏବଂ ଆନୁସଙ୍ଗିକ ବିଜ୍ଞାନ କ୍ଷେତ୍ରରେ ଉଚ୍ଚ କୁଶଳୀ ସ୍ନାତକ, ସ୍ନାତକୋତର ଏବଂ ଗବେଷକ ସୃଷ୍ଟି କରୁଛନ୍ତି ।ଅପାର ସମ୍ଭାବନାକୁ ହୃଦୟଙ୍ଗମ କରି, ଓଡିଶା ସରକାର ନିଜର ଔଦ୍ୟୋଗିକ ନୀତି ସଙ୍କଳ୍ପ (ଆଇପିଆର), ୨୦୨୨ ରେ ଜୈବପ୍ରଯୁକ୍ତିକୁ ଏକ *ପୃଷ୍ଠା ୭ ଦେଖନ୍ତୁ...*

## ଆଜି ମୁଖ୍ୟମନ୍ତ୍ରୀଙ୍କ ସୁବର୍ଣ୍ଣପୁର ଗସ୍ତ ଚୂଡ଼ାନ୍ତ



**ସୁବର୍ଣ୍ଣପୁର, ୬।୬ (ଡ଼ିକେ ନ୍ୟୁଜ୍):** ଆସନ୍ତା କାଲି ଜୁନ ୭ ତାରିଖ ଶନିବାର ଦିନ ଅପରାହ୍ନ ୩ଟାରେ ସୋନପୁର ଗସ୍ତରେ ଆସୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସ୍ଥାନୀୟ ରାମେଶ୍ୱର ଷ୍ଟାଡିୟମ ଠାରେ ଏ ନେଇ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ଥିବା ବେଳେ ଏକ ବିରାଟ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ ମୁଖ୍ୟମନ୍ତ୍ରୀ । ଓଡ଼ିଶାରେ ବିଜେପି ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀଙ୍କ ଏହା ପ୍ରଥମ ଥର ସୁବର୍ଣ୍ଣପୁର ଜିଲ୍ଲା ଗସ୍ତ । ବିଗତ ସରକାର ସମୟରେ ସୋନପୁରରେ ଆଖି ଦୃଶିଆ କିଛି ଉନ୍ନୟନ ମୂଳକ କାମ ହୋଇ ନ ଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଥିବା ବେଳେ ସହର ବାସୀ ମୌଳିକ ଅଧିକାର ବସଷ୍ଟାଣ୍ଡ, ଅସମ୍ପୂର୍ଣ୍ଣ ରିଙ୍ଗ ରୋଡ, ସହର ଉନ୍ନତିକରଣ, ପର୍ଯ୍ୟଟନ ସ୍ଥଳୀ, ସୋନପୁର ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା, ତଥା ଜିଲ୍ଲାରେ ଜଳସେଚନ କ୍ଷେତ୍ରରେ ଠୋସ ଆଖି ଦୃଶିଆ କିଛି କାର୍ଯ୍ୟ *ପୃଷ୍ଠା ୭ ଦେଖନ୍ତୁ...*

## ଅଗଷ୍ଟ ୩ରେ ନିଟ୍ ପିଜି : ସୁପ୍ରିମକୋର୍ଟ ଦେଲେ ଅନୁମତି

**ନୂଆଦିଲ୍ଲୀ, ୬।୬ (ହି.ସ):** ଆସନ୍ତା ଅଗଷ୍ଟ ୩ ତାରିଖରେ ଅନୁଷ୍ଠିତ ହେବ ନିଟ୍ ପିଜି । ଏଥିପାଇଁ ସୁପ୍ରିମକୋର୍ଟ ଅନୁମତି ଦେଇଛନ୍ତି । ଅଗଷ୍ଟ ୩ରେ ଦେଶବ୍ୟାପୀ ପରୀକ୍ଷା ପାଇଁ ଏନବିଇ ଆବେଦନ କରିଥିଲା । ଏହାକୁ ଆଜି ସର୍ବୋଚ୍ଚ ଅଦାଲତ ଗ୍ରହଣ କରିନେଇଛନ୍ତି । ଜଷ୍ଟିସ ପିକେ ମିଶ୍ର ଓ ଜଷ୍ଟିସ ଏଜି ମାସିଙ୍କ ଖଣ୍ଡପୀଠ ଶୁଣାଣି ବେଳେ କହିଛନ୍ତି, ୨୦୨୫ ମସିହା ଅଗଷ୍ଟ ୩ ତାରିଖରେ ପରୀକ୍ଷା ପାଇଁ ପୁନଃଧାର୍ଯ୍ୟ କରିବା ଆବେଦନରେ ଆମେ ସନ୍ତୁଷ୍ଟ । ଆମେ ମେ' ୩୦ରେ ଦେଇଥିବା ରାୟ ଅନୁସାରେ ସମୟ ବୃଦ୍ଧି କରାଯାଇଛି ଓ ଏନବିଇକୁ ଏବେ ପରୀକ୍ଷା ଅଗଷ୍ଟ ୩ରେ ଆୟୋଜନ କରିବାକୁ ଅନୁମତି ଦିଆଯାଉଛି । ଆଉ ସମୟ ସୀମା ବୃଦ୍ଧି କରାଯାଇ ପାରିବ ନାହିଁ । ପ୍ରାରମ୍ଭିକ ପର୍ଯ୍ୟାୟରେ *ପୃଷ୍ଠା ୭ ଦେଖନ୍ତୁ...*

## କରୋନାର ସକ୍ରିୟ ମାମଲା ୫୩୬୪ : ୨୪ ଘଣ୍ଟାରେ ୪ ମୃତ

**ନୂଆଦିଲ୍ଲୀ, ୬।୬ (ହି.ସ):** ଦେଶରେ ଆଜି କୋରୋନା ମାମଲାରେ ବୃଦ୍ଧି ହୋଇଛି । କୋରୋନାର ସକ୍ରିୟ ମାମଲାର ସଂଖ୍ୟା ୫୦୦୦ ଟପି ୫,୩୬୪ ପହଞ୍ଚିଛି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟର ତଥ୍ୟ ଅନୁସାରେ, ଗତ ୨୪ ଘଣ୍ଟାରେ କୋରୋନାରେ ଚାରିଜଣ ରୋଗୀଙ୍କ ମୃତ୍ୟୁ ଘଟିଛି । ବିଭିନ୍ନ ରାଜ୍ୟରେ ୪,୭୨୪ ଲୋକ ସୁସ୍ଥ ହୋଇଛନ୍ତି ଏବଂ ସେମାନଙ୍କୁ ହସ୍ପିଟାଲ ଏବଂ ହୋମ ଆଇସୋଲେସନରୁ ଛୁଟି ମିଳିଛି । ତଥ୍ୟାନୁସାରେ କୋରୋନାରେ ମୃତ୍ୟୁ ଘଟିଥିବା ଚାରି ଜଣ ମଧ୍ୟରୁ ଜଣେ ରୋଗୀ କେରଳରୁ, ଦୁଇଜଣ କର୍ଣ୍ଣାଟକରୁ ଏବଂ ଜଣେ ପଞ୍ଜାବରୁ । ସମସ୍ତ ମୃତ୍ୟୁ ହୋଇଥିବା ବ୍ୟକ୍ତିଙ୍କ ବୟସ ୬୫ ବର୍ଷରୁ ଅଧିକ ଥିଲେ । ସେମାନେ ଗୁରୁତର ଭାବରେ ରୋଗାକ୍ରାନ୍ତ ଥିଲେ । କେରଳ ୧,୬୭୯ ମାମଲା ସହିତ ସବୁଠୁ ଆଗରେ ଅଛି । ଏହାପରେ ଗୁଜରାଟ (୬୧୫), ପଶ୍ଚିମବଙ୍ଗ (୫୯୬) ଏବଂ ଦିଲ୍ଲୀ (୫୬୨) ଅଛି । ରାଜ୍ୟରେ ପୁଣି ୭ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ରାଜ୍ୟରେ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ୩୦କୁ ବୃଦ୍ଧି ପାଇଛି । ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୬, କଟକରେ ୯ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ପୁରୀ, ଜଗତସିଂହପୁର, କେନ୍ଦୁଝର, ସୁନ୍ଦରଗଡ଼ ଓ ବାଲେଶ୍ୱରରୁ ଜଣେ ଲେଖାଏଁ ଚିହ୍ନଟ ହୋଇଛନ୍ତି ।

सत्यमेव जयते



ପବିତ୍ର ଇଦ୍-ଉଜ୍-ଜୁହା-୨୦୨୫
ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଇଦ୍-ଉଜ୍-ଜୁହା-୨୦୨୫ ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ସେବା, ସମର୍ପଣ, ତ୍ୟାଗ ଓ ତିତିକ୍ଷାର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମ୍ପାଟି)

OIPR-15001/13/0671/2526

DADLS-25

ଓଡ଼ିଶା ଶାସନ



ଇଦ୍-ଉଜ୍-ଜୁହା ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ଇଦ୍-ଉଜ୍-ଜୁହା ପର୍ବ ଉପଲକ୍ଷେ ମୁସଲମାନ ଭାଇଭଉଣୀ ମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ବ୍ରହ୍ମପୁରରେ ତନିଷ୍କର ନୂଆ ଷ୍ଟୋର୍ ଉନ୍ମୋଚିତ



**ବ୍ରହ୍ମପୁର,(ଡିକେ ନ୍ୟୁଜ୍):** ଟାଟା ଗ୍ରୁପ୍ ଅଫ୍ କମ୍ପାନୀ ଭାରତର ସର୍ବବୃହତ ଅଳଙ୍କାର ଖୁଚୁରା ବ୍ରାଣ୍ଡ୍ ତନିଷ୍କ ଓଡ଼ିଶାର ବ୍ରହ୍ମପୁରରେ ଏହାର ଦ୍ୱିତୀୟ ଅତ୍ୟାଧୁନିକ ଷ୍ଟୋର୍ ଜୟପ୍ରକାଶ ନଗର ଛକ ନିକଟରେ ଆରମ୍ଭ କରିଛି। ଟାଇଟାନ୍ କମ୍ପାନୀ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ସି.କେ ଭେଙ୍କଟରମଣ ଏବଂ ପୂର୍ବାଞ୍ଚଳ ବ୍ୟବସାୟ ମୁଖ୍ୟ ଆଲୋକ ରଞ୍ଜନ ନିଜ କରକମଳରେ ଏହି ନୂତନ ଷ୍ଟୋରକୁ ଉଦ୍‌ଘାଟନ କରିଛନ୍ତି। ଏହି ଷ୍ଟୋରର ଉଦ୍‌ଘାଟନୀ ଉପହାର ସ୍ୱରୂପ ଗ୍ରାହକମାନଙ୍କ ପ୍ରତ୍ୟେକ କ୍ରୟ ଉପରେ ଏକ ମାଗଣା ଗୋଲ୍ଡ କଏନ ପାଇପାରିବେ। ଏହି ଅଫର ଜୁନ୍ ୬ରୁ ୮ ତାରିଖ ପର୍ଯ୍ୟନ୍ତ ରହିଛି। ଏହି ଷ୍ଟୋରଟି ତନିଷ୍କ ବ୍ରହ୍ମପୁର ୨ ଇଞ୍ଜିନିୟରିଂ ସ୍କୁଲ୍ ରୋଡ୍, ପୁରୁଣା ଡି.ପଲ୍ ସ୍କୁଲ୍ ସାମ୍ନାରେ ରହିଛି। ଏଠାରେ ତନିଷ୍କ ଦ୍ୱାରା ପ୍ରସ୍ତୁତ ଆକର୍ଷଣୀୟ ସୁନା, ହୀରା, କୁନ୍ଦନ ଏବଂ ପୋଲକି ଅଳଙ୍କାର ଅତ୍ୟାଧୁନିକ ଓ ନୂତନ ଡିଜାଇନର ପାଇ ପାରିବେ। ଏଠାରେ ମହିଳାଙ୍କ ପାଇଁ ନିତ୍ୟ ବ୍ୟବହାର୍ଯ୍ୟ ସୁନା ଅଳଙ୍କାର ସଂଗ୍ରହ 'ଗ୍ଲାମ ଡ଼େ' ଏବଂ ଆଧୁନିକ ଓ ହାଲୁକା ଅଳଙ୍କାର କଲେକ୍ସନ, 'ଷ୍ଟ୍ରିଙ୍ଗ ଇଟ୍' ମଧ୍ୟ ରହିଛି। ଏହା ସହିତ, ଷ୍ଟୋରରେ ସ୍ୱତନ୍ତ୍ର କାରିଗରୀର ପ୍ରସ୍ତୁତ ଚୁଡ଼ି 'କଲାଇ' ଏବଂ ହିନ୍ଦୁ ବିବାହର ପବିତ୍ର ପ୍ରତୀକ ମଙ୍ଗଳସୂତ୍ରର ସ୍ୱତନ୍ତ୍ର କଲେକ୍ସନ, 'ଡୋର' ରହିଛି। ଏହା ସହିତ ପୁରୁଷମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଅଳଙ୍କାର କଲେକ୍ସନ, 'ଆଭିର୍" ଭେରାଇଟିର ସୁନା ଅଳଙ୍କାର ପାଇ ପାରିବେ। ଏହା ବ୍ୟତୀତ ସୌନ୍ଦର୍ଯ୍ୟରେ ନୂତନ ଦିଗ୍‌ଦର୍ଶନ ସାଜିଥିବା ଅତି ମନାଲୋଭାନୀୟ କଲେକ୍ସନ 'ସ୍ରୋଟିକା'ର ବହୁ ଭେରାଇଟି ଗହଣା ପାଇବେ।

# ଜିନ୍ଦଲ ଷ୍ଟେନଲେସ ବାର୍ଷିକ ପ୍ଲାଷ୍ଟିକ ବର୍ଜ୍ୟ ସଂଗ୍ରହ ଅଭିଯାନକୁ ବ୍ୟାପକ କରିଛି

**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ଜିନ୍ଦଲ ଷ୍ଟେନଲେସ ଭାରତର ସର୍ବବଡ଼ ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦକ, ସେହି ତାରିଖରେ ବିଶ୍ୱ ପରିବେଶ ଦିବସକୁ ଉତ୍ସବ କରି ସୁଇଚଟୁଷ୍ଟେନଲେସ କ୍ୟାମ୍ପେନ୍ ଆରମ୍ଭ କରି, ତାହାର କର୍ମଚାରୀମାନେ ମଧ୍ୟ ପରିବେଶ ସଚେତନତା ବୃଦ୍ଧି କରିବାକୁ ଉଦ୍ଦେଶ୍ୟରେ କରିଛି। କମ୍ପାନୀ ଏହି ବର୍ଷରେ ତାହାର ବାର୍ଷିକ ପ୍ଲାଷ୍ଟିକ୍ ଓସରାଣୀ ସଂଗ୍ରହ କ୍ୟାମ୍ପେନ୍ ସହତେ ତାଙ୍କର କର୍ପୋରେଟ୍ କାର୍ଯ୍ୟାଳୟ ଓ ଉତ୍ପାଦନ ସ୍ଥଳଗୁଡ଼ିକୁ ଜାଜପୁର, ଓଡିଶା ଓ ହିସାର, ହରିୟାଣାରେ ଶୁଭାରମ୍ଭ କରିଥିଲେ। କର୍ମଚାରୀ ଓ ସ୍ଥାନୀୟ ସମୁଦାୟ ଭାଗ ନେଇଥିଲେ। ଏହି କ୍ୟାମ୍ପେନକୁ ସହଯୋଗ କରିଥିଲେ ଗ୍ରିନ୍ ଡ୍ରିମ୍ ଫାଉଣ୍ଡେସନ୍, ଯେଉଁଠାରେ ସ୍ଥାନୀୟ କମ୍ୟୁନିଟିଗୁଡ଼ିକୁ ଏହି ସଂଗ୍ରହ ପଦ୍ଧତି ସେବାରେ ଯୋଗ ଦେଇଥିଲେ। ଉତ୍ସବରେ କଥା ଚାଲିଛନ୍ତି, ଜିନ୍ଦଲ ଷ୍ଟେନଲେସ ମ୍ୟାନେଜିଂ ଡାଇରେକ୍ଟର



ଶ୍ରୀ ଅଭ୍ୟୁଦୟ ଜିଣ୍ଡାଲ୍ କହିଛନ୍ତି, "ଆମର ବାର୍ଷିକ ପ୍ଲାଷ୍ଟିକ୍ ସଂଗ୍ରହ କ୍ୟାମ୍ପେନ୍ ଏକ ସୂକ୍ଷ୍ମ କିନ୍ତୁ ଅର୍ଥପୂର୍ଣ୍ଣ ପଦକ୍ଷେପ ଅତୁଟ ଭବିଷ୍ୟତ ପାଇଁ ଆଗକୁ ବଢିବାକୁ ସାହାଯ୍ୟ କରୁଛି। ଏହା ଏକ ଜାତୀୟ ପ୍ରୟାସର ପ୍ରସଙ୍ଗରେ ସଂକୀର୍ଣ୍ଣ ହୋଇଥିଲେ ମଧ୍ୟ, ଆମର ଅବଦାନ ପ୍ରତିବର୍ଷ ସ୍ଥିର ଭାବେ ବୃଦ୍ଧି ପାଇଛି – ୨୦୨୩ ମସିହାରେ ୨ ଟନ୍ସରୁ ଏହି ବର୍ଷରେ ୧୩.୫ ଟନ୍ସ ପର୍ଯ୍ୟନ୍ତ – ଯାହା ଆମର ଏହି କାର୍ଯ୍ୟ ପ୍ରତି ନିରନ୍ତର ଭାବରେ ଦୃଢତାକୁ ପ୍ରମାଣିତ କରେ। ସସ୍ଥିରତା ଆମର ମୂଲ୍ୟରେ ଗଭୀର ଭାବରେ ଅନୁସୂତ, ଏବଂ ଆମେ ସେହି ପ୍ରତିଷ୍ଠିତ କାର୍ଯ୍ୟକୁ ସ୍କେଲ୍ କରିବାରେ କେନ୍ଦ୍ରିତ ରହିଛୁ। ଏହି ବର୍ଷ ବିଶେଷ ଅବସ୍ଥାନୀୟ କମ୍ୟୁନିଟି ସହିତ ସଂଲଗ୍ନ ହେବାକୁ ଏହି ପ୍ରୟାସକୁ କମ୍ପାନୀ ପ୍ରାରମ୍ଭ କରିଛି – କାରଣ ପରିବର୍ତ୍ତନ ସତରେ ସେହି ସମୟରେ ଆରମ୍ଭ ହୁଏ ଯେତେବେଳେ ସମସ୍ତେ ସଂଲଗ୍ନ ହୁଅନ୍ତି।" ଏହି ବର୍ଷରେ, ଏହି କ୍ୟାମ୍ପେନ୍ ହିସାରରୁ ୩,୭୯୫.୮ କିଲୋଗ୍ରାମ୍ ପ୍ଲାଷ୍ଟିକ୍, ଜାଜପୁରରୁ ୮,୯୨୬ କିଲୋଗ୍ରାମ୍, ଏବଂ ଦିଲ୍ଲୀ-ଏନସିଆର୍ କାର୍ପୋରେଟ୍ କାର୍ଯ୍ୟାଳୟରୁ ୭୬୯.୫୦ କିଲୋଗ୍ରାମ୍ ସଂଗ୍ରହ କରାଯାଇଛି। ସଂଗ୍ରହ କିଲେ ପ୍ଲାଷ୍ଟିକ୍ ଓସରାଣୀକୁ ଦାୟିତ୍ୱପୂର୍ଣ୍ଣ ଭାବେ ପୁନର୍ବ୍ୟବହାର କରାଯିବା ସମ୍ବଳିତ ବସ୍ତୁରେ ଯଥା ବେଞ୍ଚ, ଚେୟାର, ଏବଂ ଡଷ୍ଟବିନ୍ ନିର୍ମିତ କରାଯିବ। ସେଗୁଡିକ କମ୍ପାନୀର ପ୍ରତିଷ୍ଠାନ ଓ ସାଧାରଣ ସ୍ଥାନରେ ସ୍ଥାପିତ ହେବାକୁ ସ୍ଥାନୀୟ ପ୍ରାଧିକୃତି ସହିତ ସମନ୍ୱୟ କରାଯିବ। ପ୍ରୟାସର ଅଂଶ ସ୍ୱରୂପ, କମ୍ପାନୀ କର୍ମଚାରୀଙ୍କୁ ସେମାନେ ତାଙ୍କର କାମ ଓ ଘରେ କରୁଥିବା ବ୍ୟକ୍ତିଗତ ସସ୍ଥିରତା ପ୍ରୟାସଗୁଡିକୁ ଆନ୍ତରିକ ମାଧ୍ୟମରେ ପ୍ରଦର୍ଶନ କରିବାକୁ ଉତ୍ସାହିତ କରିଛି, ଏହା ଏକ ସାମ୍ପ୍ରତିକ ଦାୟିତ୍ୱ ସଂସ୍କୃତିକୁ ପ୍ରସାରିତ କରିଥାଏ। ତାଲିକା ଭାଗରେ, ଜିନ୍ଦଲ ଷ୍ଟେନଲେସ ଦୀର୍ଘକାଳୀନ ପରିବେଶୀୟ, ସାମାଜିକ ଏବଂ ପ୍ରଶାସନିକ ଲକ୍ଷ୍ୟଗୁଡିକୁ ପ୍ରାପ୍ତ କରିବା ପାଇଁ ୨୦୫୦ ପର୍ଯ୍ୟନ୍ତ ନେଟ୍-ଜିରୋ ଇମିସନ୍ ଲକ୍ଷ୍ୟରେ କାମ କରୁଛି। ଆର୍ଥିକ ବର୍ଷ ୨୫ରେ ଏହାର କର୍ପୋରେଟ୍ କାର୍ବନ୍ ଫୁଟ୍‌ପ୍ରଣ୍ଟକୁ ୧୫% କମାଇ ଦିଆଯାଇଛି, ଯାହା ଚାଲୁଥିବା ଡିକାର୍ବୋନାଇଜେସନ୍ ପ୍ରୟାସରେ ପ୍ରତିଷ୍ଠିତ ହୋଇଛି। ସାଧାରଣତଃ, କମ୍ପାନୀ ତାଙ୍କର ସବସିଡିଅରୀ ଜେଏସ୍‌ଏଲ୍ ସୁପର୍ ଷ୍ଟିଲ୍ ଦ୍ୱାରା ସଂସୋର ଏନର୍ଜି ସହିତ ୧୧ଏମଡବ୍ଲୁପି ସୋଲାର୍ ପାଓ୍ୱାର ପ୍ରାପ୍ତ କରିବା ପାଇଁ ପାଓ୍ୱାର ପର୍ଚେଜ୍ ଏଗ୍ରିମେଣ୍ଟ ସାଇନ୍ କରିଛି।

## ଡାଟା ସେଣ୍ଟର ହବ୍ ହେବ ଓଡ଼ିଶା : ୨୦୩୬ ସୁଦ୍ଧା ୧୦ହଜାର କୋଟି ନିବେଶ ଲକ୍ଷ୍ୟ

**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ରାଜ୍ୟକୁ ଡାଟା ସେଣ୍ଟର୍‌ର ଏକ ହବ୍‌ରେ ପରିଣତ କରିବା ଲାଗି ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ଏକ ବଡ଼ ଯୋଜନା ପ୍ରସ୍ତୁତ କରିଛି। ୨୦୩୬ ସୁଦ୍ଧା ଡାଟା ସେଣ୍ଟର ପାଇଁ ୧୦ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ହାସଲ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥି ସହିତ ଆର୍ଥିକ କ୍ଷେତ୍ରରେ ୫୦ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ସରକାର ଚାହୁଁଛନ୍ତି। ଆଇଟି ବିଭାଗ ପକ୍ଷରୁ 'ଓଡ଼ିଶାର ଆଇଟି/ଆଇଟିଇଏସ୍ ରୋଡ଼ମ୍ୟାପ୍' ପ୍ରସ୍ତୁତି କର୍ମଶାଳାରେ ଏହି ତଥ୍ୟ ଉପସ୍ଥାପନ କରାଯାଇଛି। କର୍ମଶାଳାରେ ଅଧ୍ୟକ୍ଷତା କରି ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଥିଲେ ଯେ, ଏଆଇ ନୀତି ଓ ଆଇଟି ନୀତି ଜରିଆରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏଆଇ ନୀତି ଆଣିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ। ଏହାଦ୍ୱାରା ରାଜ୍ୟରେ ବ୍ୟାପକ ଏଆଇ ଷ୍ଟାର୍ଟଅପ୍ ବିକାଶ ହେବ ବୋଲି ସେ କହିଛନ୍ତି। କର୍ମଶାଳାରେ ଉପସ୍ଥାପିତ ତଥ୍ୟରୁ ଜଣାପଡ଼ିଛି ଯେ ରାଜ୍ୟରେ ୮ଟି ଟେକ୍ ଟାଓ୍ୱାର ବିକାଶ କରାଯିବ। ଭୁବନେଶ୍ୱର ଏବଂ କଟକ ମଧ୍ୟରେ ଆଇଟି ପାର୍କ ବିକାଶ ପାଇଁ ଆବଶ୍ୟକ ମୁତାବକ ଜମି ଅଧିଗ୍ରହଣ କରାଯାଉଛି। ସିଙ୍ଗାପୁର ସହଯୋଗରେ ପୁରୀରେ କେବୁଲ୍ ଲାଣ୍ଡିଂ ଷ୍ଟେସନ ତଥା ଏକ ଡାଟା ସେଣ୍ଟର ପ୍ରତିଷ୍ଠା ପାଇଁ ଟେଣ୍ଡର କରାଯାଇଛି। ଓଡ଼ିଶାର ଭିଜନ ୨୦୩୬ ଏବଂ ୨୦୪୭ ଅନୁଯାୟୀ ସ୍ଥିର କରାଯାଇଥିବା ଲକ୍ଷ୍ୟ ଅନୁସାରେ ଭୁବନେଶ୍ୱର-କଟକ-ପୁରୀ କରିଡର୍‌ରେ ବିଶ୍ୱସ୍ତରୀୟ ଜିସିସି ହବ୍ ବିକାଶ କରାଯିବ। ଷ୍ଟାର୍ଟଅପ୍ ଇନକ୍ୟୁବେସନ୍ କ୍ଷମତାର ବିସ୍ତାର ଏବଂ ଫିନଟେକ୍ ଓ ଡାଟା ସେଣ୍ଟର୍‌ର ବିକାଶ କରାଯିବ। ଓଡ଼ିଶା ଡିଜିଟାଲ୍ ଅର୍ଥନୀତି ମିସନ ଅନୁସାରେ ୭ ହଜାର କୋଟି ଟଙ୍କାରୁ ଅଧିକ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ରପ୍ତାନି କରିବା ଓ ୨ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଆଉଟ୍‌ସୋର୍ସଡ୍ ସେମିକଣ୍ଡକ୍ଟର ଆସେମ୍ବଲି ଓ ପରୀକ୍ଷଣ, ମାର୍କିଂ ଓ ପ୍ୟାକେଜିଂ ୟୁନିଟ୍ ସ୍ଥାପନ ଉପରେ ଜୋର ଦିଆଯାଉଛି। ଶିକ୍ଷାନୁଷ୍ଠାନ ପାଇଁ ଚିପ୍ସ-ଟୁ-ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ଜରିଆରେ ଭୁବନେଶ୍ୱର ବାହାରେ ଡିଜିଟାଲ୍ ଭିତ୍ତିଭୂମିକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦିଆଯାଉଛି। ଏହି ଅବସରରେ ବିଭାଗୀୟ ପ୍ରମୁଖ ସଚିବ ବିଶାଲ କୁମାର ଦେବ, ସ୍ୱତନ୍ତ୍ର ସଚିବ ମାନସ ରଞ୍ଜନ ପଣ୍ଡା, ୫୦ରୁ ଅଧିକ ଶିଳ୍ପ ପ୍ରତିନିଧି ଯୋଗ ଦେଇଥିଲେ। ଗେମିଂ ଷ୍ଟାର୍ଟଅପ୍‌କୁ ପ୍ରୋତ୍ସାହିତ କରିବା, ସାଇବର ସୁରକ୍ଷା ନୀତି ଆଣିବା, ବାହାରେ ଉଦ୍ୟୋଗ ସ୍ଥାପନ କରିଥିବା ଓଡ଼ିଆଙ୍କୁ ରାଜ୍ୟରେ ୟୁନିଟ୍ ଗଢ଼ିବାକୁ ପ୍ରୋତ୍ସାହିତ କରିବା ଆଦି ପ୍ରସ୍ତାବ ଆସିଥିଲା। ସେଗୁଡ଼ିକୁ ବିଚାରକୁ ନେଇ ନୀତିରେ ଆବଶ୍ୟକ ସଂଶୋଧନ କରାଯିବ ବୋଲି ମନ୍ତ୍ରୀ ଓ ପ୍ରମୁଖ ସଚିବ ପ୍ରତିଶ୍ରୁତି ଦେଇଥିଲେ।

## ଭୁବନେଶ୍ୱରରେ କର୍ପୋରେଟ୍ କନେକ୍ସନର ପ୍ରଥମ ଅଧ୍ୟାୟ ଆରମ୍ଭ




**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ଭୁବନେଶ୍ୱରରେ କର୍ପୋରେଟ୍ କନେକ୍ସନର ପ୍ରଥମ ଅଧ୍ୟାୟ କାର୍ଯ୍ୟକ୍ରମ ଲାଇଫ ହୋଟେଲରେ ଆୟୋଜିତ ହୋଇଯାଇଛି। ବ୍ୟବସାୟିକ କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ। ଏହି ସ୍ୱତନ୍ତ୍ର ସମାବେଶରେ ୫୦ରୁ ଅଧିକ ବିଶିଷ୍ଟ ବ୍ୟବସାୟିକ ନେତାଙ୍କୁ ସ୍ୱାଗତ କରାଯାଇଥିଲା। ପ୍ରତ୍ୟେକ ନିଜ ନିଜ ଶିଳ୍ପର ଶୀର୍ଷ ୫% ପ୍ରତିନିଧିତ୍ୱ କରୁଥିଲେ, ଯାହା ଭୁବନେଶ୍ୱରରେ ଉଦ୍ଦେଶ୍ୟମୂଳକ ସହଯୋଗ ଏବଂ ନେତୃତ୍ୱ ଦ୍ୱାରା ପରିଚାଳିତ ହୋଇ ଭବିଷ୍ୟତ ପାଇଁ ସ୍ୱର ସ୍ଥାପନ କରିଥିଲା। କର୍ପୋରେଟ୍ କନେକ୍ସନ, ମନୋନୀତ ବ୍ୟବସାୟ ମାଲିକ ଏବଂ ବରିଷ୍ଠ କାର୍ଯ୍ୟନିର୍ବାହୀଙ୍କ ଏକ ପ୍ରିମିୟମ ବ୍ୟବସାୟିକ ବିଶ୍ୱ ସମ୍ପ୍ରଦାୟ, ବିଶ୍ୱସନୀୟ ସଂଯୋଗ ମଞ୍ଚକୁ ପ୍ରୋତ୍ସାହିତ କରିବା, ସୁଯୋଗ ସୃଷ୍ଟି କରିବା ଏବଂ ସେମାନଙ୍କ ସଙ୍ଗଠନ, ସମ୍ପ୍ରଦାୟ ଏବଂ ଜୀବନରେ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ପାଇଁ ଏହା ଜଣାଶୁଣା। ଭାରତର ୨୩ଟି ସହର ସମେତ ବିଶ୍ୱବ୍ୟାପୀ ୩୩ଟି ଦେଶ ଏବଂ ୮୫ଟି ସହରରେ ଉପସ୍ଥିତି ଏବଂ ୮୫୦ରୁ ଅଧିକ ଅଭିଜ୍ଞ ସଦସ୍ୟଙ୍କ ବର୍ଦ୍ଧିତ ନେଟୱାର୍କ ସହିତ ଭୁବନେଶ୍ୱର ଚାପ୍ଟରର ଶୁଭାରମ୍ଭ ସହରକୁ 'ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ଗଠନ'ପାଇଁ ପ୍ରତିବଦ୍ଧ ଉଚ୍ଚ ପ୍ରଭାବଶାଳୀ ନେତୃତ୍ୱ ନେଟୱାର୍କର ବିଶ୍ୱ ମାନଚିତ୍ରରେ ସ୍ଥାନିତ କରିଛି। ଏହି ଲଞ୍ଚ କାର୍ଯ୍ୟକ୍ରମରେ କର୍ପୋରେଟ୍ କନେକ୍ସନ ଭାରତର ଜାତୀୟ ନିର୍ଦ୍ଦେଶକ ଗୌରବ ଭିକେ ସିଂଘଭି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଭୁବନେଶ୍ୱରର ଅପାର ସମ୍ଭାବନା ଏବଂ ବ୍ୟବସାୟିକ ପରିବର୍ତ୍ତନ, ରଣନୈତିକ ମେଣ୍ଟ ଏବଂ ଦୀର୍ଘକାଳୀନ ଦୃଷ୍ଟିକୋଣ ଗଠନ ପାଇଁ କର୍ପୋରେଟ୍ କନେକ୍ସନ କିପରି କାର୍ଯ୍ୟ କରିଛି, ତାହା ଉପରେ ଆଲୋକପାତ କରିଥିଲେ। ସେ ଗୁରୁତ୍ୱାରୋପ କରିଥିଲେ ଯେ, ସିସି କେବଳ ଏକ ପ୍ରିମିୟମ ନେଟୱାର୍କିଂ ପ୍ଲାଟଫର୍ମ ନୁହେଁ ବରଂ ଗ୍ରହଣକାରୀମାନଙ୍କ ପାଇଁ ଏକ ସ୍ଥାନ ଯାହା ସେମାନଙ୍କର ବିଶ୍ୱସ୍ତରୀୟ କ୍ଷେତ୍ରରେ ବିସ୍ତାର କରିବା ସହିତ ପରସ୍ପରର ଆକାଂକ୍ଷାକୁ ସମର୍ଥନ କରିଥାଏ। ଭୁବନେଶ୍ୱର ଚାପ୍ଟରର ନେତୃତ୍ୱ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ ସଞ୍ଜିବ ପାତ୍ର ଏବଂ ସିଏସ୍ ସୁନିତା ମହାନ୍ତିଙ୍କ ନେତୃତ୍ୱରେ ଏହି ପଦକ୍ଷେପକୁ ସହରରେ ଅଣାଯାଇପାରିଛି। ଏହା ଏକ ପରିବର୍ତ୍ତନକାରୀ ସ୍ଥାନର ସୃଷ୍ଟି ଯେଉଁଠାରେ ସହରର ସବୁଠାରୁ ପ୍ରଭାବଶାଳୀ ନେତାମାନେ ଅର୍ଥପୂର୍ଣ୍ଣ ସହଭାଗିତା ଗଠନ କରିବାକୁ ଉଦ୍ଦେଶ୍ୟ ନେଇ ଏହାର ଗତିଶୀଳତାକୁ ପରିବର୍ତ୍ତନ କରିବା ପାଇଁ ଏକାଠି ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ। ଭୁବନେଶ୍ୱରରେ ଏହାର ପ୍ରଥମ ଅଧ୍ୟାୟର ସଫଳ ଶୁଭାରମ୍ଭ ସହିତ କର୍ପୋରେଟ୍ କନେକ୍ସନ ଇକୋସିଷ୍ଟମରେ ଏକ ପରିବର୍ତ୍ତନକାରୀ ଆନ୍ଦୋଳନର ମୂଳଦୁଆ ପକାଇଛି। ଏହା ବିଶ୍ୱସ୍ତରୀୟ ନେଟୱାର୍କର ଅଂଶ ହେବ ବୋଲି ଆଶା କରାଯାଉଛି।

## ରେପୋ ରେଟ୍‌କୁ ୫୦ ବେସିସ ପଏଣ୍ଟ ହ୍ରାସ କଲା ଆର୍‌ବିଆଇ

**ମୁମ୍ବାଇ,(ହି.ସ):** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ରେପୋ ରେଟ୍‌କୁ ୫୦ ବେସିସ ପଏଣ୍ଟ ହ୍ରାସ କରିଛି। ଏହି ନିଷ୍ପତ୍ତି ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମଲହୋତ୍ରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱି-ମାସିକ ମୁଦ୍ରା ନୀତି କମିଟି (ଏମପିସି) ବୈଠକରେ ସର୍ବସମ୍ମତି କ୍ରମେ ନିଆଯାଇଛି। ଏହି ହ୍ରାସ ପରେ ରେପୋରେଟ୍ ଏବେ ପୂର୍ବର ୬.୫%ରୁ ୬.୦%କୁ ଖସି ଆସିଛି। ଯାହା ବ୍ୟାଙ୍କଗୁଡ଼ିକୁ ଅଧିକ ଶସ୍ତାରେ ଋଣ ପ୍ରଦାନ କରିବା ପାଇଁ ସୁଯୋଗ ଦେବ। ଆର୍‌ବିଆଇ କହିଛି ଯେ, ଏହି ହ୍ରାସ ଅର୍ଥନୀତିରେ ଚାହିଦା ବଢ଼ାଇବା ଏବଂ ଆର୍ଥିକ ପ୍ରବୃଦ୍ଧିକୁ ଉତ୍ସାହିତ କରିବା ପାଇଁ କରାଯାଇଛି। ସାମ୍ପ୍ରତିକ ଅର୍ଥନୈତିକ ତଥ୍ୟ ଅନୁସାରେ, ଭାରତର ଅର୍ଥନୀତି ମନ୍ଥର ଗତିରେ ଆଗେଇଛି। ଯେଉଁଥିରେ ବିନିଯୋଗ ଓ ଗ୍ରାହକ ଖର୍ଚ୍ଚରେ ହ୍ରାସ ଦେଖାଯାଇଛି। ଏହା ସହିତ, ମୁଦ୍ରାସ୍ଫୀତି ହାର ୪% ମଧ୍ୟରେ ରହିଥିବାରୁ ଆର୍‌ବିଆଇକୁ ରେପୋରେଟ୍ ହ୍ରାସ କରିବା ପାଇଁ ସୁଯୋଗ ମିଳିଛି। ଗଭର୍ଣ୍ଣର ମଲହୋତ୍ରା କହିଛନ୍ତି, ଅର୍ଥନୀତିକୁ ପୁନରଜନ୍ମ ଦେବା ଏବଂ କର୍ମସଂସ୍ଥାନ ସୃଷ୍ଟି ପାଇଁ ଏହା ଏକ ଆବଶ୍ୟକ ପଦକ୍ଷେପ। ଏହି ରେପୋରେଟ୍ ହ୍ରାସ ବ୍ୟାଙ୍କଗୁଡ଼ିକୁ ଆର୍‌ବିଆଇ ଠାରୁ ଶସ୍ତା ଋଣ ପାଇବାରେ ସାହାଯ୍ୟ କରିବ, ଯାହା ଗ୍ରାହକଙ୍କ ପାଇଁ ଗୃହ ଋଣ, ଗାଡ଼ି ଋଣ ଏବଂ ବ୍ୟକ୍ତିଗତ ଋଣର ସୁଧ ହାରକୁ ହ୍ରାସ କରିପାରେ। ଏହା ବ୍ୟବସାୟୀମାନଙ୍କ ପାଇଁ ମଧ୍ୟ ଅଧିକ ଶସ୍ତା ଋଣ ଉପଲବ୍ଧ କରାଇବ, ଯାହା ବିନିଯୋଗ ଓ ଉତ୍ପାଦନକୁ ଉତ୍ସାହିତ କରିପାରେ। ତେବେ, କେତେକ ବିଶ୍ଳେଷକ ଚେତାବନୀ ଦେଇଛନ୍ତି ଯେ, ଅତ୍ୟଧିକ ଋଣ ଉପଲବ୍ଧତା ମୁଦ୍ରାସ୍ଫୀତିକୁ ବଢ଼ାଇ ପାରେ, ଯାହା ଆଗାମୀ ଦିନରେ ଆର୍‌ବିଆଇ ପାଇଁ ଚ୍ୟାଲେଞ୍ଜ ହେବ। ଜଣେ ଅର୍ଥନୀତିବିତ ଏକ୍ସରେ ଲେଖିଛନ୍ତି, ରେପୋ ରେଟ୍ ହ୍ରାସ ଅର୍ଥନୀତିକୁ ଉତ୍ସାହିତ କରିବ, କିନ୍ତୁ ମୁଦ୍ରାସ୍ଫୀତି ଓ ଋଣ ପରିଚାଳନା ଉପରେ ନଜର ରଖିବା ଆବଶ୍ୟକ।






## ଉତ୍ତରାଖଣ୍ଡକୁ ହର୍ଟିକଲଚର୍‌ର ହବ୍ ବନାଇବୁ : ଶିବରାଜ ସିଂହ ଚୌହାନ

**ନୂଆଦିଲ୍ଲୀ,(ହି.ସ.):** କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଶୁକ୍ରବାର ଦିନିକିଆ ଗସ୍ତରେ ଉତରାଖଣ୍ଡର ରାଜଧାନୀ ଡେହରାଡୁନରେ ପହଂଚିଥିଲେ । କେନ୍ଦ୍ର କୃଷି ମନ୍ତ୍ରୀ ଏଠାରେ କହିଥିଲେ ଯେ, ଉତରାଖଣ୍ଡର ଭୂମିକୁ ଚାଷ-ଚାଷୀର ନୂତନ ଉଚ୍ଚତା ପର୍ଯ୍ୟନ୍ତ ପହଂଚାଇବା ଦିଗରେ ଆହୁରି ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଏହି ରାଜ୍ୟକୁ ହର୍ଟିକଲଚର୍ ର ହବ୍ ବନାଇବୁ । ଆଜି ଡେହରାଡୁନର ଡୋଇବାଲା ବ୍ଲକ୍ ଅନ୍ତର୍ଗତ ପାବବାଲା ସୌଡ଼ା ଗ୍ରାମରେ ଆୟୋଜିତ କିସାନ ଚୌପାଲରେ ଅଂଶଗ୍ରହଣ କରିଥିଲେ । କ୍ଷେତ ମଝିରେ ଏକ ଖଟିଆରେ ବସି କେନ୍ଦ୍ର କୃଷିମନ୍ତ୍ରୀ ଚାଷୀଙ୍କ ସହିତ କଥା ହୋଇଥିଲେ ଏବଂ ତୃଣମୂଳ ସ୍ତରରେ ରହିଥିବା ସମସ୍ୟା ବାବଦରେ ପଚାରି ବୁଝିଥିଲେ। କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ସରକାର ଚାଷୀଙ୍କ ଆୟ ଦୁଇ ଗୁଣ କରିବା ଏବଂ ବିକଶିତ ଭାରତର ପରିକଳ୍ପନାକୁ ସାକାର କରିବା ନିମନ୍ତେ ପ୍ରତିଶୃତିବଦ୍ଧ । ସେ ଆହୁରି ମଧ୍ୟ କହିଥିଲେ ଯେ, ମୁଁ ନିଜେ ଚାଷୀ ପରିବାରରୁ ଆସିଛି, ତେଣୁ ଚାଷୀର କଷ୍ଟ କଣ ଜାଣିଛି । ସେଥିପାଇଁ ଆଜି ସିଧାସଳଖ କ୍ଷେତକୁ ଆସି ଖଟରେ ବସିଛି। ଯଦ୍ୱାରା ଏହା ଜାଣିପାରିବି ଯେ, ସରକାରଙ୍କ ଯୋଜନାଗୁଡିକର ଲାଭ ତୃଣମୂଳ ସ୍ତର ପର୍ଯ୍ୟନ୍ତ ପହଞ୍ଚୁଛି କି ନାହିଁ। ଚାଷୀଙ୍କ ସହିତ ସିଧାସଳଖ କଥାବାର୍ତା ହିଁ ସେମାନଙ୍କର ସଶକ୍ତ ଭାଗିଦାରୀ ସୁନିଶ୍ଚିତ କରିଥାଏ ।

## ବାଂଲାଦେଶରେ ଟ୍ରେନ ଏବଂ ଗାଡି ମଧ୍ୟରେ ଧକ୍କାରେ ୩ ମୃତ

**ଢାକା,(ହି.ସ):** ବାଂଲାଦେଶରେ କାଲି ରାତିରେ ଏକ ରେଳଗାଡି ଏବଂ କିଛି ଯାନବାହନ ମଧ୍ୟରେ ଧକ୍କାରେ ଅତିକମରେ ତିନିଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି ।ଏହା ଯୋଗୁଁ ଦୀର୍ଘ ସମୟ ପାଇଁ ରେଳ ଏବଂ ସଡକ ପରିବହନ ବାଧାପ୍ରାପ୍ତ ହୋଇଥିଲା ।ରାତି ସାଢେ ଦଶଟା ସମୟରେ ଏହି ଦୁର୍ଘଟଣା କର୍ଣ୍ଣଫୁଲୀ ନଦୀ ଉପରେ କଲୁରଘାଟ ସେତୁରେ ଘଟିଥିଲା ।ଢାକା ଟ୍ରିବ୍ୟୁନ ଖବରକାଗଜ ଅନୁସାରେ ଚଟଗାଓଁର କଲୁରଘାଟ ପୁଲରେ ଢାକା ଅଭିମୁଖେ ଯଉଥିବା ଏକ ଟ୍ରେନ ଏବଂ ସୀଏନଜୀ ଚାଳିତ ଅଟୋ ରିକ୍ସା ମଧ୍ୟରେଧକ୍କା ହୋଇଛି ।ଏଥିରେ ଅତିକମରେ ତିନିଜଣଙ୍କ ମୃତ୍ୟୁ ଘଟିଛି ଏବଂ ଅନ୍ୟ ପାଞ୍ଚଜଣ ଆହତ ହୋଇଛନ୍ତି ।ମୃତକଙ୍କ ମଧ୍ୟରୁ ଜଣଙ୍କ ପରିଚୟ ଦୁର୍ଘଟଣାରେ ସାମିଲ ଅଟୋ-ରିକ୍ସା ଡ୍ରାଇଭର ତୁଷାର ବୋଲି ଜଣାପଡିଛି ।ସ୍ଥାନୀୟ ଲୋକଙ୍କ ଅନୁସାରେ କାକ୍ସ ବଜାରରେଆସୁଥିବା ଟ୍ରେନ ରାତି ପ୍ରାୟ ୧୦ଟା ୩୦ ସମୟରେ ସେତୁରେ ପ୍ରବେଶ କରିବା ସମୟରେ ଅଟୋ -ରିକ୍ସା କୁ ଧକ୍କା ଦେଇଥିଲା ।ଏହାପରେ ଟ୍ରେନ ମଟରସାଇକେଲ ସମେତ ଅନେକ ଯାନବାହାନକୁ ଧକ୍କା ଦେଇଥିଲା।

### କେନ୍ଦ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଶିକ୍ଷା ମନ୍ତ୍ରଣାଳୟର ସଂସଦର ପରାମର୍ଶଦାତା କମିଟିର ଦ୍ୱିତୀୟ ବୈଠକ

## ସ୍କୁଲ ଓ ଉଚ୍ଚଶିକ୍ଷାରେ ଭାରତୀୟ ଭାଷାରେ ଶିକ୍ଷାକୁ ପ୍ରୋତ୍ସାହନ ଆମର ପ୍ରତିବଦ୍ଧତା : ଧର୍ମେନ୍ଦ୍ର ପ୍ରଧାନ

**ଇନ୍ଦୋର, (ହି.ସ.):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟପ୍ରଦେଶର ଇନ୍ଦୋର ଗସ୍ତରେ ଥିବା ବେଳେ ଆଜି ସେଠାରେ ଶିକ୍ଷା ମନ୍ତ୍ରଣାଳୟ ସହ ସମ୍ବୋଧିତ ସଂସଦର ପରାମର୍ଶଦାତା ସମିତିର ଦ୍ୱିତୀୟ ବୈଠକରେ ଅଧ୍ୟକ୍ଷତା କରିଛନ୍ତି । ଏହି ବୈଠକରେ ସ୍କୁଲ ଏବଂ ଉଚ୍ଚ ଶିକ୍ଷାନୁଷ୍ଠାନରେ ଭାରତୀୟ ଭାଷାରେ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଉପରେ ଆଲୋଚନା କରାଯାଇଯାଇଥିଲା। ଏ ସମ୍ପର୍କରେ ଶ୍ରୀ ପ୍ରଧାନ ମାତୃଭାଷାରେ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରିଥିଲେ । ଏହାସହ ସ୍କୁଲ ଓ ଉଚ୍ଚଶିକ୍ଷାରେ ଭାରତୀୟ ଭାଷାକୁ ସମନ୍ୱିତ କରିବାର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ପିଲାମାନଙ୍କର ଜ୍ଞାନାତ୍ମକ ବିକାଶ ପାଇଁ ଦୃଢ଼ ଭିତ୍ତିଭୂମି ନିର୍ମାଣ, ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବା ଏବଂ ଆମ ଦେଶର ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବା ପାଇଁ ଅଂଶଗ୍ରହଣ କରି ମୂଲ୍ୟବାନ ପରାମର୍ଶ ଦେଇଥିବାରୁ କମିଟି ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇଥିଲେ ଶ୍ରୀ ପ୍ରଧାନ । ସେ ଏହା ମଧ୍ୟ କହିଛନ୍ତି ଯେ ଆଗାମୀ ବର୍ଷଗୁଡ଼ିକରେ, ଶିକ୍ଷାର ମାଧ୍ୟମ ମୁଖ୍ୟତଃ ଭାରତୀୟ ଏବଂ ସ୍ଥାନୀୟ ଭାଷାରେ ହେବ । ସେ ଇଞ୍ଜିନିୟରିଂ ଭଳି ବୈଷୟିକ ପାଠ୍ୟକ୍ରମ ସମେତ ସ୍ଥାନୀୟ ଭାଷାରେ ପାଠ୍ୟକ୍ରମ ପ୍ରଚଳନ କରିବା ପାଇଁ ଆଇଆଇଟି ଭଳି ଉଚ୍ଚଶିକ୍ଷା ପ୍ରତିଷ୍ଠାନର ପ୍ରୟାସକୁ ମଧ୍ୟ ପ୍ରଶଂସା କରିଥିଲେ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଭାରତୀୟ ଭାଷାରେ ପୁସ୍ତକ ଯୋଗାଇବା ପ୍ରାଥମିକତା ରହିଛି । ବିଷୟବସ୍ତୁ ଅନୁବାଦରେ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଏବଂ ଭାଷା ଅନୁବାଦ ପାଇଁ ଏଆଇ ବ୍ୟବହାର ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ । ଗ୍ରାମାଞ୍ଚଳ କିମ୍ବା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗରୁ ଆସୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ, ପ୍ରଯୁକ୍ତିବିଦ୍ୟା ସେମାନଙ୍କ ପସନ୍ଦର ଭାଷାରେ ବିଷୟବସ୍ତୁ ବୁଝିବାରେ ସାହାଯ୍ୟ କରିପାରିବ, ସେ ଆହୁରି ମଧ୍ୟ କହିଛନ୍ତି । ଶ୍ରୀ ପ୍ରଧାନ ଏହା ମଧ୍ୟ କହିଛନ୍ତି ଯେ ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ପାଇଁ ଏକ ଦୃଢ଼ ଏବଂ ବିକଶିତ ଅର୍ଥନୀତି ଆବଶ୍ୟକ,ଏବଂ ଏହି ଦୃଷ୍ଟିକୋଣକୁ ସାକାର କରିବାରେ ଶିକ୍ଷା ମୁଖ୍ୟ ବାହକ ହେବ। ଏହି ବୈଠକରେ ଉତ୍ତର-ପୂର୍ବ କ୍ଷେତ୍ରର ଶିକ୍ଷା ଏବଂ ବିକାଶ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ସୁକାନ୍ତ ମଜୁମଦାର, ଶିକ୍ଷା ମନ୍ତ୍ରଣାଳୟର ସ୍କୁଲ ଶିକ୍ଷା ଏବଂ ସାକ୍ଷରତା ବିଭାଗ ସଚିବ ସଞ୍ଜୟ କୁମାର, ଶିକ୍ଷା ମନ୍ତ୍ରଣାଳୟର ଉଚ୍ଚଶିକ୍ଷା ବିଭାଗ ସଚିବ ଡକ୍ଟର ବିନୀତ ଯୋଶୀ, ଏଆଇସିଟିଇ, ୟୁଜିସି ଏବଂ ଭାରତୀୟ ଭାଷା ସମିତିର ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ବୈଠକରେ ଯୋଗ ଦେଇଥିଲେ। ଏହି ଗସ୍ତ କାଳରେ ଶ୍ରୀ ପ୍ରଧାନ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କ ସହ ରତଲାମ ଆଲୋଟ୍ ସ୍ଥିତ ପିଏମ ଶ୍ରୀ ଜବାହାର ନବୋଦୟ ବିଦ୍ୟାଳୟ ପରିସରରେ ଛାତ୍ରାବାସ ଓ କର୍ମଚାରୀ ଭବନ ବ୍ୟତୀତ ଆଲୋଟ୍ ଠାରେ ସାନ୍ଦିପନୀ ବିଦ୍ୟାଳୟର ଲୋକାର୍ପଣ କରିଥିଲେ । ଏହି ପଦକ୍ଷେପ ସ୍ଥାନୀୟ ଅଞ୍ଚଳର ଶିକ୍ଷା ଆବଶ୍ୟକତାକୁ ପୂରଣ କରିବେ ବୋଲି ସେ ମତବ୍ୟକ୍ତ କରିଥିଲେ ।

# ରାଜଭବନରେ ଆନ୍ତର୍ଜାତୀୟ ସମବାୟ ବର୍ଷ ପାଳିତ

**ଭୁବନେଶ୍ୱର,(ହି.ସ):** ସମବାୟ ସଂସ୍ଥାଗୁଡ଼ିକ ରାଜ୍ୟ ତଥା ଦେଶର ସାମାଜିକ ଓ ଅର୍ଥନୈତିକ ପରିବର୍ତନର ଶକ୍ତିଶାଳୀ ମାଧ୍ୟମ ଭାବେ ଉଭା ହୋଇଛନ୍ତି। ଆର୍ଥିକ ଅନ୍ତର୍ଭୁକ୍ତିକରଣ, ଜୀବିକା ସୃଷ୍ଟି ଏବଂ ଗୋଷ୍ଠୀ ସଶକ୍ତିକରଣ କ୍ଷେତ୍ରରେ ସମବାୟ ସଂସ୍ଥା ଉଲ୍ଲେଖନୀୟ ଭୂମିକା ଗ୍ରହଣ କରୁଛି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିବା ସହିତ ସମବାୟ କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ପାଇଁ ସମର୍ପଣର ସହିତ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଛନ୍ତି। ଶୁକ୍ରବାର ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ରାଜ୍ୟ ସରକାରଙ୍କ ସମବାୟ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଆନ୍ତର୍ଜାତୀୟ ସମବାୟ ବର୍ଷ– ୨୦୨୫କୁ ଉଦ୍‌ଘାଟନ କରି ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ମିଳିତ ଜାତିସଂଘର ଜେନେରାଲ୍ ଆସେମ୍ବ୍ଲି ସାଧାରଣ ସଭା ୨୦୨୫ ବର୍ଷକୁ "ସମବାୟ ଏକ ଉନ୍ନତ ବିଶ୍ୱ ନିର୍ମାଣ କରେ" ଶୀର୍ଷକ ସହିତ ଆନ୍ତର୍ଜାତୀୟ ସମବାୟ ବର୍ଷ ଭାବେ ଘୋଷଣା କରିଛି। ଏହା ସମବାୟର ସ୍ଥାୟୀ ବିଶ୍ୱ ପ୍ରଭାବ ଉପରେ ଗୁରୁତ୍ୱ ଆରୋପ କରେ ଏବଂ ଆଜିର ବିଶ୍ୱ ଚ୍ୟାଲେଞ୍ଜର ସମାଧାନ ଭାବରେ ସମବାୟ ଉଭା ହୋଇଛି ବୋଲି ରାଜ୍ୟପାଳ କହିଛନ୍ତି। ଏହି ଅବସରରେ ସମବାୟକୁ କେନ୍ଦ୍ର ସରକାରଙ୍କ ଏକ ସ୍ୱତନ୍ତ୍ର ମନ୍ତ୍ରାଣାଳୟ ଭାବେ ପ୍ରତିଷ୍ଠା କରିବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିପୂର୍ଣ୍ଣ ପଦକ୍ଷେପକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ପୁଣି ରାଜ୍ୟପାଳ କହିଥିଲେ ଯେ ଏହି ପଦକ୍ଷେପ ପୃଥକ ପ୍ରଶାସନିକ, ଆଇନ୍‌ଗତ ଏବଂ ନୀତିଗତ ଢାଂଚାକୁ ତୃଣମୂଳସ୍ତରରେ ସମବାୟକୁ ସୁଦୃଢ କରିବା, ବ୍ୟବସାୟ କରିବାର ସହଜତା ପାଇଁ ପ୍ରକ୍ରିୟାକୁ ସୁଗମ କରିବା ଏବଂ ବହୁ ରାଜ୍ୟ ସମବାୟ ସମିତି ବିକାଶ ପାଇଁ ସକ୍ଷମ କରିବାରେ ସହାୟକ ହେବ। ଆନ୍ତର୍ଜାତୀୟ ସମବାୟ ବର୍ଷ ପାଳନ ଏକ ଉତ୍ସବ ପାଳନ ନୁହେଁ ବରଂ ସାମୁହିକ ଶକ୍ତି, ଗଣତାନ୍ତ୍ରିକ ଧାରା, ପାରସ୍ପରିକ ସହଯୋଗ ଏବଂ ସହଭାଗୀ ସମୃଦ୍ଧିର ଦୃଷ୍ଟିକୋଣର ପାଳନ ଯାହା ସମବାୟ ମଡେଲକୁ ପରିଭାଷିତ କରେ। ଏହି ସମାରୋହରେ ଓଡିଶା ଷ୍ଟେଟ୍ ମାର୍କେଟିଂ ଫେଡେରେସନ ଏବଂ ତିନୋଟି ନୂତନ ଭାବେ ପ୍ରତିଷ୍ଠିତ ଜାତୀୟ ସମବାୟ ସଂସ୍ଥା ଯଥା ନେସନାଲ କୋଅପରେଟିଭ୍ ଅର୍ଗାନିକ୍ସ ଲିଃ, ନେସେନାଲ କୋଅପରେଟିଭ ଏକ୍ସପୋର୍ଟସ୍ ଲିଃ ଏବଂ ଭାରତୀୟ ବୀଜ ସହକାରୀ ସମିତି ଲିଃ ମଧ୍ୟରେ ସ୍ୱାକ୍ଷରିତ ବୁଝାମଣା ପତ୍ର କେବଳ ଆନୁଷ୍ଠାନିକ ଚୁକ୍ତିନାମା ନୁହେଁ ବରଂ ଏହା ତୃଣମୂଳ ଏବଂ ଜାତୀୟସ୍ତରୀୟ ପ୍ରତିଷ୍ଠାନ ମଧ୍ୟରେ ଦୃଢ଼ ସଂପର୍କ ସ୍ଥାପନ କରିବ। ଏହା ଆମର ଚାଷୀ, ଉତ୍ପାଦକ ଏବଂ ସମବାୟ ସଦସ୍ୟଙ୍କ ପାଇଁ ଉତମ ବିପଣନ, ଉନ୍ନତ ଇନପୁଟ୍ ଏବଂ ଉନ୍ନତ ଆୟ ମାଧ୍ୟମରେ ଲାଭ ପହଂଚାଇବ ବୋଲି ରାଜ୍ୟପାଳ କହିଥିଲେ। ଆନ୍ତର୍ଜାତୀୟ ସମବାୟ ବର୍ଷ ପାଳନ ଅବସରରେ ଜାତୀୟସ୍ତରୀୟ ସଂସ୍ଥାଗୁଡ଼ିକରେ ଆନୁଷ୍ଠାନିକ ଭାବେ ନୂତନ ସଦସ୍ୟ ଭାବେ ଯୋଗଦେଇଥିବା ପାକ୍ସ ଏବଂ ଲାମ୍ପସ୍‌ମାନଙ୍କୁ ରାଜ୍ୟପାଳ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଥିଲେ। ଏତଦ୍‌ବ୍ୟତୀତ ଓଡିଶାର ଅନେକ ଅଗ୍ରଣୀ ସମବାୟ ବ୍ରାଣ୍ଡ୍ ଏବଂ ଅନୁଷ୍ଠାନ ଯଥା – ବୟନିକା, ଉତ୍କଳିକା, ଟିଡିସିସି, ଅମ୍ଳାନ ଏବଂ ଓମ୍‌ଫେଡ ସେମାନଙ୍କର ଉତ୍ପାଦ ଏବଂ ଅବଦାନ ପ୍ରଦର୍ଶନ ପାଇଁ ପ୍ରଦର୍ଶନୀ ଷ୍ଟଲ ସ୍ଥାପନ କରିଥିବାରୁ ରାଜ୍ୟପାଳ ଖୁସି ପ୍ରକଟ କରିଥିଲେ ଏବଂ ଏହି ସଂସ୍ଥା ଗୁଡ଼ିକ ସାଂସ୍କୃତିକ ରାଷ୍ଟ୍ରଦୂତ, ଅର୍ଥନୈତିକ ଇଞ୍ଜିନ ଏବଂ ବୁଣାକାର, ଜନଜାତି ଗୋଷ୍ଠୀ, ଦୁଗ୍ଧ ଚାଷୀ ଏବଂ କାରିଗରଙ୍କ ପାଇଁ ଆତ୍ମ ନିର୍ଭରଶୀଳତାର ଉତପ୍ରେରକ ବୋଲି ରାଜ୍ୟପାଳ କହିଥିଲେ। ଏହି ସମାରୋହରେ ଓଡିଶାର ସମବାୟ, ବୟନ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ବକ୍ତବ୍ୟ ପ୍ରଦାନ କରି ସମବାୟ ମାଧ୍ୟମରେ ଗ୍ରାମ୍ୟ ଅର୍ଥନୀତିର ଅଭିବୃଦ୍ଧି ପାଇଁ ସରକାରଙ୍କ ପ୍ରତିବଦ୍ଧତା ଏବଂ ବିଭିନ୍ନ ବିଭାଗ ତରଫରୁ ନିଆଯାଇଥିବା ପଦକ୍ଷେପ ଏବଂ ପାକସ୍ ଓ ଲାମ୍ପସ୍‌ର ପରିଚାଳନା, ସ୍ୱଚ୍ଛତା ରକ୍ଷା ଏବଂ ଉତରଦାୟିତ୍ୱ ସଂପର୍କରେ ଆଲୋକପାତ କରିଥିଲେ। ଭାରତ ସରକାରଙ୍କ ସମବାୟ ମନ୍ତ୍ରଣାଳୟର ନିର୍ଦ୍ଦେଶକ ମୁକେଶ କୁମାର ଆନ୍ତର୍ଜାତୀୟ ସମବାୟ ବର୍ଷ ପାଳନର ଆଭିମୁଖ୍ୟ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ରାଜ୍ୟ ସରକାରଙ୍କ ସମବାୟ ବିଭାଗର କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ସମାରୋହରେ ଉତ୍କର୍ଷତା ହାସଲ କରିଥିବା ପାକ୍ସ, ଲାମ୍ପସ୍, କୋଅପରେଟିଭିସ୍‌ଙ୍କ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନବିଏସ ରାଜପୁତ୍‌ଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସମେତ ବିଭିନ୍ନ ସମବାୟ ସଂସ୍ଥାର କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଫ୍ୟାସନ ହେଉଛି ସଂସ୍କୃତି, ପରିଚୟ ଏବଂ ପ୍ରଗତିର ଭାଷା : ରାଜ୍ୟପାଳ



**ଭୁବନେଶ୍ୱର,(ହି.ସ):** ଫ୍ୟାସନ କପଡା ଏବଂ ସୂତା ଅପେକ୍ଷା ଅଧିକ। ଏହା ସଂସ୍କୃତି, ପରିଚୟ ଏବଂ ପ୍ରଗତିର ଭାଷା ବୋଲି ରାଜ୍ୟପାଳ ଡ଼ଃ ହରି ବାବୁ କମ୍ଭମପାଟି କହିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱରରେ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଫ୍ୟାସନ ଟେକ୍ନୋଲୋଜି (ନିଫ୍ଟ) ଆନୁକୂଲ୍ୟରେ ଆୟୋଜିତ ଗ୍ରାଜୁଏସନ୍ ସୋ–୨୦୨୫ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହି ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଡିଜାଇନରମାନେ ଏହି ଭାଷାର କାହାଣୀକାର, ଉଦ୍ଭାବକ ଏବଂ ଧ୍ୱଜାବାହକ। ଡିଜାଇନର ମାନେ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ରଖି ସୃଷ୍ଟି କରିବା ସ୍ଥାୟିତ୍ୱକୁ ଗ୍ରହଣ କରିବା ଏବଂ ବିଶ୍ୱ ସୃଷ୍ଟି କୋଣକୁ ଆପଣେଇ ଆମ ଦେଶର ସମୃଦ୍ଧ ଐତିହ୍ୟ ପ୍ରତି ସମ୍ମାନ ଜଣାଇବାକୁ ଆହ୍ୱାନ ଜଣାଇଥିଲେ। ରାଜ୍ୟପାଳ କହିଥିଲେ ଯେ ଡିଜାଇନ୍ ଜଗତ ସର୍ବଦା ବିକଶିତ ହେଉଥିବା ବେଳେ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଫ୍ୟାସନ୍ ଟେକ୍ନୋଲୋଜି ଭୁବନେଶ୍ୱରରେ ଛାତ୍ରଛାତ୍ରୀମାନେ ହାସଲ କରିଥିବା ଶିକ୍ଷା ଏବଂ ଅଭିଜ୍ଞତା ସେମାନଙ୍କୁ ଭବିଷ୍ୟତରେ ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ପାଇଁ ସଶକ୍ତ କରିବ। ସେମାନେ ନିଜ ଦକ୍ଷତା ଉପରେ ବିଶ୍ୱାସ ରଖି ନିଜ ଦୃଷ୍ଟିକୋଣ ପ୍ରତି ଅନୁରକ୍ତ ରହିବା ସହିତ କେବେବି ଶିଖିବା ବନ୍ଦ କରନ୍ତୁ ନାହିଁ ବୋଲି ରାଜ୍ୟପାଳ କହିଥିଲେ। ଫ୍ୟାସନ୍ ଏବଂ ବୟନ ଶିଳ୍ପର ଦ୍ରୁତ ପରିବର୍ତ୍ତନଶୀଳ ଚାହିଦା ପୂରଣ ପାଇଁ ଭବିଷ୍ୟତ ଉଦ୍ଭାବନକାରୀ ପ୍ରସ୍ତୁତ କରିବାରେ ନିଫ୍ଟ ଭୁବନେଶ୍ୱରର ଭୂମିକାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଏପରି କାର୍ଯ୍ୟକ୍ରମ କେବଳ ସ୍ନାତକ ଛାତ୍ର ଛାତ୍ରୀଙ୍କ ପାଇଁ ନୁହେଁ, ବରଂ ଫ୍ୟାସନ ଏବଂ ଡିଜାଇନ୍ ପରିମଣ୍ଡଳକୁ ଆକାର ଦେଉଥିବା ଏହି ପ୍ରତିଷ୍ଠିତ ନିଫ୍ଟ ପାଇଁ ମାଇଲଖୁଣ୍ଟ ବୋଲି କହିଥିଲେ। ନିଫ୍ଟର ଜାତୀୟ ଏବଂ ଆନ୍ତର୍ଜାତୀୟ ମାନ୍ୟତା ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ ଡିଜାଇନ୍ ନବସୃଜନକୁ ପ୍ରୋତ୍ସାହିତ କରିବା, ପାରମ୍ପରିକ ହସ୍ତଶିଳ୍ପର ସଂରକ୍ଷଣ ଏବଂ ଆଧୁନିକ କୌଶଳ ସହିତ ସେଗୁଡିକୁ ସମନ୍ୱିତ କରିବାରେ ନିଫ୍ଟ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ନିଫ୍ଟ ନିରନ୍ତର ଭାବେ ବିଶ୍ୱସ୍ତରରେ ଶ୍ରେଷ୍ଠ ୧୦ ଫ୍ୟାସନ ସ୍କୁଲ ମଧ୍ୟରେ ସ୍ଥାନ ପାଇବା ଜାଣି ଖୁସି ବ୍ୟକ୍ତ କରିଥିଲେ। ସେମାନଙ୍କର ସୃଜନଶୀଳତା, ବୈଷୟିକ ସୂକ୍ଷ୍ମତା ଏବଂ ଭାବର ଗଭୀରତା ପାଇଁ ପ୍ରଦର୍ଶିତ ସଂଗ୍ରହଗୁଡିକୁ ରାଜ୍ୟପାଳ ପ୍ରଶଂସା କରି ଏହା ସେମାନଙ୍କର କଠିନ ପରିଶ୍ରମ, ଦୃଷ୍ଟିକୋଣ ଏବଂ ଡିଜାଇନ୍ ମାଧ୍ୟମରେ ପରିବର୍ତ୍ତନକୁ ପ୍ରେରଣା ଦେବାର କ୍ଷମତାକୁ ପ୍ରତିଫଳିତ କରୁଛି ବୋଲି କହିଥିଲେ। ରାଜ୍ୟପାଳ ଅଧ୍ୟାପକ ମାନଙ୍କର ଭୂମିକାକୁ ମଧ୍ୟ ପ୍ରଶଂସା କରିଥିଲେ ଏବଂ ପିତାମାତାଙ୍କର ସହଯୋଗ ଓ ସମର୍ଥନ ପାଇଁ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ପଦ୍ମ ବିଭୂଷଣ ସୁଦର୍ଶନ ସାହୁ ମଧ୍ୟ ବକ୍ତବ୍ୟ ପ୍ରଦାନ କରି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ନିଫ୍ଟ ନିର୍ଦ୍ଦେଶକ ରାଜେଶ କୁମାର ଝା ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ୧ ବର୍ଷର ରିପୋର୍ଟ କାର୍ଡ ଦେଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

**ଭୁବନେଶ୍ୱର,(ହି.ସ):** 'ଉତ୍କର୍ଷ ନିମାପଡ଼ା ସମ୍ମିଳନୀ'ର ଦ୍ୱିତୀୟ ଅଧିବେଶନରେ ବର୍ଷକର କାମ ବାବଦରେ ରିପୋର୍ଟ କାର୍ଡ ପ୍ରଦାନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା ନିମାପଡ଼ା ବିଧାୟିକା ପ୍ରଭାତୀ ପରିଡ଼ା। ସେ ଏହି ଅବସରରେ କହିଛନ୍ତି, 'ଦେଶ ବିଦେଶରେ ଓଡ଼ିଶାର ପ୍ରଥମ ମହିଳା ଉପମୁଖ୍ୟମନ୍ତ୍ରୀ ଭାବେ ମିଳୁଥିବା ସମ୍ମାନ ନିମାପଡ଼ା-ଗୋପବାସୀଙ୍କର ସମ୍ମାନ। ଗତ ନିର୍ବାଚନରେ ଅନେକ ଜନସାଧାରଣ, ଅନେକ ମହିଳା ଏବଂ ଅନେକ ଗୁରୁଜନଙ୍କ ଆଶୀର୍ବାଦ ମିଳିଛି। ସେମାନଙ୍କୁ କୃତଜ୍ଞତା ଜଣାଉଛି। ସେ ଆହୁରି ମଧ୍ୟ କହିଥିଲେ, ନିର୍ବାଚନରେ କଥା ଦେଇଥିଲି ଯଦି ଆପଣଙ୍କ ଭଉଣୀ କେବେ ବିଧାୟିକା ହେବାର ସୁଯୋଗ ପାଇବ ଅଫିସର ଆପଣଙ୍କ ଦାଣ୍ଡକୁ ଯିବେ, ଆପଣ ଅଫିସରଙ୍କ ଦାଣ୍ଡକୁ ଯିବେନି। ମୋର ବର୍ଷେ ପୂର୍ତି ହେବା ଭିତରେ ଉତ୍କର୍ଷ ସମ୍ମିଳନୀରେ ୧୧ଟି ବିଭାଗର ୩୩ ଜଣ ଅଫିସରଙ୍କୁ ସାମ୍ନାରେ ଆଣିଛି। ସେ ଏହି ଅବସରରେ ଛାତ୍ରୀ ଜୀବନର ହଷ୍ଟେଲ ଗସ୍ତ ଏବଂ ଏହାର ବିକାଶ ପାଇଁ ନେଇଥିବା ତୁରନ୍ତ ପଦକ୍ଷେପ ବାବଦରେ କହିଥିଲେ। ସେହିଭଳି ଅନ୍ୟ ଶିକ୍ଷାନୁଷ୍ଠାନରେ କରାଯାଇଥିବା ବିକାଶର ହିସାବ ଦେଇଥିଲେ। ଅନ୍ୟ ବିକାଶମୂଳକ ପଦକ୍ଷେପ ବାବଦରେ ସେ ଆଲୋକପାତ କରିବାକୁ ଯାଇ ଜଳ ନିଷ୍କାସନ, ସଡ଼କ ନିର୍ମାଣ, ପଟ୍ଟା ପ୍ରକାଶନ ଏବଂ ଗୋପ ମେଗା ପାନୀୟ ଜଳ ପ୍ରକଳ୍ପର ଉଦାହରଣ ଦେଇଥିଲେ। ୮ ଗୋଟି ମନ୍ଦିରର ଉନ୍ନତିକରଣ ପାଇଁ ଅର୍ଥ ଅନୁମୋଦନ ହୋଇଥିବା କହିଥିଲେ। ସେହିଭଳି ପ୍ରାଣୀ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ଯୋଗାଇଦିଆଯାଇଛି। ସାଧାରଣ ଜୀବନର ଶେଷଯାତ୍ରାକୁ ସମ୍ମାନ ପାଇଁ ୧୭ ଲକ୍ଷ ଟଙ୍କା ବ୍ୟୟରେ ସ୍ୱର୍ଗ ରଥ ମଧ୍ୟ ପ୍ରଦାନ କରାଯାଇଛି। ଶିକ୍ଷା ପାଇଁ ୨୨ କୋଟି ୪୪ ଲକ୍ଷ ଟଙ୍କା, ଗମନାଗମନ କ୍ଷେତ୍ରରେ ୧୪୬ କୋଟି ଟଙ୍କା ଏବଂ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ୨୧୩ କୋଟି ଟଙ୍କା ବ୍ୟୟ କରାଯାଇଛି। ସେହିଭଳି କୃଷି, ସାମାଜିକ ସୁରକ୍ଷା ଏବଂ କ୍ରୀଡ଼ା ଆଦିରେ କରାଯାଇଥିବା ବ୍ୟୟ ଏବଂ ବିଭିନ୍ନ ଯୋଜନାରେ ଲାଭବାନ ହୋଇଥିବା ହିତାଧିକାରୀଙ୍କ ବାବଦରେ ସେ ଉଲ୍ଲେଖ କରିଥିଲେ। ପ୍ରଥମ ଦିନ ଭଳି ଆଜି ମଧ୍ୟ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ଅଧିବେଶନ ରଖାଯାଇଥିଲା। ଆଜି କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ସଶକ୍ତିକରଣ, ଶିଳ୍ପ ଅଭିବୃଦ୍ଧି, ଦକ୍ଷତା ବିକାଶ ଓ ଉଦ୍ୟୋଗିତା, ବିପର୍ଯ୍ୟୟ ପ୍ରତିରୋଧୀ ନିମାପଡ଼ା, ପର୍ଯ୍ୟଟନ, କଳା ଓ ସଂସ୍କୃତି ଏବଂ ଉତ୍କର୍ଷ ନିମାପଡ଼ା ୨୦୩୬ ପାଇଁ ରୋଡ୍ ମ୍ୟାପ୍ ଆଦି ପ୍ରସଙ୍ଗରେ ଆଲୋଚନା ରଖାଯାଇଥିଲା। ଏଥିରେ ଲୋକେ ନିଜ ସମସ୍ୟା ବିଷୟରେ କହିବା ସହ ପ୍ରସ୍ତାବ ମଧ୍ୟ ଦେଇଥିଲେ। ଅଧିକାରୀ ଓ ବିଶେଷଜ୍ଞ ନିଜ ମତ ରଖିବା ସହ ଏହି ସବୁ ପ୍ରସ୍ତାବ ଆଧାରରେ ଉତ୍କର୍ଷ ନିମାପଡ଼ାର ନିର୍ମାଣ ହେବ ବୋଲି କହିଥିଲେ। ଅନ୍ତିମ ଅଧିବେଶନରେ ପୁରୀ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ସ୍ୱାଗତ ଅଭିଭାଷଣ ରଖିଥିବାବେଳେ ପୁରୀ ସାଂସଦ ସମ୍ବିତ ପାତ୍ର, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଫଳ ହୋଇଥିବା ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଅନ୍ତିମ ଦିନର ଅନ୍ତିମ ଭାଗରେ ପ୍ରସିଦ୍ଧ କଣ୍ଠଶିଳ୍ପୀ ଇରା ମହାନ୍ତି ଏବଂ ଅନ୍ୟ କଳାକାରଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ପୂର୍ବତନ ବିଧାୟକ ମହମ୍ମଦ ରଫିକ୍‌ଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ

**ଭୁବନେଶ୍ୱର,(ହି.ସ):** ବରଗଡ଼ ଜିଲ୍ଲା ଅନ୍ତର୍ଗତ ପୁରାତନ ମେଲଛାମୁଣ୍ଡା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା ବରିଷ୍ଠ ବିଜେପି ନେତା ମହମ୍ମଦ ରଫିକ୍‌ଙ୍କ ୭୧ ବର୍ଷ ବୟସରେ ଆଜି ପରଲୋକ ଘଟିଛି। ସେ କିଛିଦିନ ହେବ ବରଗଡ଼ସ୍ଥିତ ଏକ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ସ୍ୱର୍ଗତଃ ରଫିକ୍ ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ମେଲଛାମୁଣ୍ଡା ବିଧାନସଭା କ୍ଷେତ୍ରର ବିଧାୟକ ଥିଲେ। ଏଥିସହ ବିଜେପି ସଂଖ୍ୟାଲଘୁ ମୋର୍ଚ୍ଚାର ରାଜ୍ୟ ସଭାପତି ଭାବେ କାର୍ଯ୍ୟ କରିଥିଲେ। ସେ ସୋହେଲା ଦୁର୍ଗାପୂଜା କମିଟିର ଉପସଭାପତି ମଧ୍ୟ ଥିଲେ। ନିଜର ଅମାୟିକ ବ୍ୟବହାର, ସରଳ ସ୍ୱଭାବ ପାଇଁ ସାଧାରଣଲୋକଙ୍କ ପ୍ରିୟପାତ୍ର ହୋଇପାରିଥିଲେ। ତାଙ୍କ ବିୟୋଗରେ ରାଜ୍ୟ ସଭାପତି ମନମୋହନ ସାମଲ ଓ ରାଜ୍ୟ ସାଧାରଣ ସମ୍ପାଦକ(ସଂଗଠନ) ମାନସ କୁମାର ମହାନ୍ତି ଶୋକବ୍ୟକ୍ତ କରିଛନ୍ତି। ସ୍ୱର୍ଗତଃ ରଫିକ୍ ଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଏଭଳି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗ ଏବଂ ବନ୍ଧୁଜନଙ୍କୁ ଅସୀମ ଧୈର୍ଯ୍ୟ ପ୍ରଦାନ କରିବା ପାଇଁ ଶ୍ରୀ ସାମଲ ଓ ଶ୍ରୀ ମହାନ୍ତି ପ୍ରାର୍ଥନା କରିଛନ୍ତି।

# ସୋଆ ଏସ୍‌ଏଚ୍‌ଏମ୍ ପକ୍ଷରୁ ରନ୍ଧନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ୱି କ୍ୟାନ୍ କୁକ୍' ଆଣ୍ଡ 'ୱି କ୍ୟାନ୍ ବେକ୍' ଉଦ୍‌ଯାପିତ

**ଭୁବନେଶ୍ୱର,(ହି.ସ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ହୋଟେଲ ମ୍ୟାନେଜମେଂଟ (ଏସ୍‌ଏଚଏମ୍) ପକ୍ଷରୁ ଆରମ୍ଭ ହୋଇଥିବା ୪ ଦିନିଆ ରନ୍ଧନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ୱି କ୍ୟାନ୍ କୁକ୍' ଆଣ୍ଡ 'ୱି କ୍ୟାନ୍ ବେକ୍' ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସମାଜସେବୀ ତଥା ମହିଳା ଆତ୍ମନିର୍ଭର ଅଭିଯାନର ଅଧକ୍ଷା ଡକ୍ଟର ରିନା ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ରନ୍ଧଣା ଏକ ପ୍ରକାର କଳା ହୋଇଥିବା ବେଳେ ବର୍ତମାନ ଏହା ସବୁବର୍ଗଙ୍କ ନିମନ୍ତେ ପ୍ୟାଶନ୍ ଅଟେ। ଝିଅ ହେଉ କିମ୍ବା ମହିଳାମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଅନ୍ତଃନିର୍ହିତ ନ ରଖି ତାହାକୁ ଜାଣି ସେ ଦିଗ ପ୍ରତି ପଦକ୍ଷେପ ନେବା ଉଚିତ୍। ନିଜ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହିତ ସ୍ୱାବଲମ୍ୱୀ ହେବା ଅତ୍ୟନ୍ତ ଆବଶ୍ୟକ। ନିଜର ଆତ୍ମବିଶ୍ୱାସ, ଇଚ୍ଛାଶକ୍ତିକୁ ସୁଦୃଢ କରିବା ଯୋଗୁଁ ଅସମ୍ଭବକୁ ସମ୍ଭବ କରିହେବ ବୋଲି ସେ ପ୍ରତିଯୋଗୀଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କଂଟୋଲର ଅଫ୍ ଏଗଜାମିନେସନ୍ ଶ୍ରୀ ଧରଣୀଧର ରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଥିଲେ ମା'ର ହାତ ରନ୍ଧାର ତୁଳନା ନାହିଁ। ଘରର ମହିଳାଟି ଯେଉଁ ଶ୍ରଦ୍ଧାରେ ଖାଦ୍ୟ ରାନ୍ଧିକି ଦିଏ ତାହାର ସ୍ୱାଦ ଖୁବ୍ ନିଆରା ଥାଏ କିନ୍ତୁ ଏହା କେବଳ ଖାଦ୍ୟ ସୁସ୍ୱାଦ ହେବା ଯେତିକି ଜରୁରୀ ନୁହେଁ ବରଂ ଶରୀର ପାଇଁ ମଧ୍ୟ ସେତିକି ସ୍ୱାସ୍ଥ୍ୟକର ହେବା ଜରୁରୀ ବୋଲି ସେ କହିଥିଲେ। ଖାଦ୍ୟ ରନ୍ଧନ କରିବାରେ କୌଣସି ବୟସ ସୀମା ନ ଥାଏ। ଯାହାକୁ ସମସ୍ତ ବର୍ଗର ବୟସ୍କମାନେ ରାନ୍ଧିବାକୁ ଖୁବ୍ ପସନ୍ଦ କରିଥାନ୍ତି। ସୋଆ ଏସ୍‌ଏଚ୍‌ଏମ୍ ପକ୍ଷରୁ ଆୟୋଜିତ ହୋଇଥିବା ଅଭିନବ ପ୍ରୟାସ ତଥା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ପ୍ରତିଯୋଗୀମାନଙ୍କୁ ସେ ଉତ୍ସାହିତ କରିବା ସହିତ ମଧ୍ୟ ପ୍ରଶଂସା କରିଥିଲେ। ଏସ୍‌ଏଚ୍‌ଏମ୍‌ର ଡିନ୍ ପ୍ରଫେସର ସୁଶାନ୍ତ ରଞ୍ଜନ ଚଇନି ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେବା ସହିତ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସହିତ ରୁଚିକର ଓ ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତ କରି ଏହାକୁ କିପରି ପରଷି ପାରିବେ ସେହି ସମ୍ପର୍କରେ ଏହି ପ୍ରଶିକ୍ଷଣ ଦିଆଯାଇଥିଲା। ଏଭଳି କାର୍ଯ୍ୟକ୍ରମ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ସାହାଯ୍ୟ କରିବା ସେ କହିଥିଲେ। ଏହି ରାନ୍ଧଣା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଓଡିଶାର ବିଭିନ୍ନ ସ୍ଥାନରୁ ୬୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀଙ୍କୁ ଭାରତୀୟ ଖାଦ୍ୟ ଯେପରିକି କବାବ ଏବଂ ଅନ୍ୟାନ୍ୟ ସ୍ୱାଦିଷ୍ଟ ବ୍ୟଞ୍ଜନ, ପୁଷ୍ଟିକର କନ୍‌ଟିନେଂଟାଲ୍ ଓ ଚାଇନିଜ, ବିଭିନ୍ନ ପ୍ରକାରର ମକ୍‌ଟେଲ୍ ଓ ବେକରୀ ଜାତୀୟ ଖାଦ୍ୟ ପ୍ରସ୍ତୁତିର ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରତିଯୋଗୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ପ୍ରୋଗ୍ରାମ୍ କୋର୍ଡିନେଟର ତଥା ଏସ୍‌ଏଚ୍‌ଏମ୍‌ର ପ୍ରଫେସର (ଡକ୍ଟର) ସ୍ମିତା ସୁଚରିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍ ଏବଂ ୱାପକୋସ୍ ଲିମିଟେଡ୍ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ

**ଭୁବନେଶ୍ୱର,(ହି.ସ):** ଭବିଷ୍ୟତର ଶକ୍ତି କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ପାଇଁ ଭାରତର ପ୍ରତିବଦ୍ଧତା ସ୍ୱରୂପ, ଭାରତ ସରକାର ୨୦୩୦ ସୁଦ୍ଧା ଅକ୍ଷୟ ଶକ୍ତି ଉତ୍ସରୁ ୫୦୦ ଗିଗାୱାଟ କ୍ଷମତା ହାସଲ କରିବାର ଲକ୍ଷ୍ୟ ରଖିଛନ୍ତି। ଏହି ପରିପ୍ରେକ୍ଷିରେ ଶୁକ୍ରବାର ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବଙ୍କ ଉପସ୍ଥିତିରେ ମୁଖୀଗୁଡ଼ାରେ ୬୦୦ ମେଗାୱାଟ କ୍ଷମତା ବିଶିଷ୍ଟ ଅପର ଇନ୍ଦ୍ରାବତୀ ପମ୍ପଡ଼ ଷ୍ଟୋରେଜ୍ ପ୍ରକଳ୍ପ ପରିଚାଳନା ପରାମର୍ଶ ସେବା ପାଇଁ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍ ଏବଂ ୱାପକୋସ୍ ଲିମିଟେଡ୍ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଅପର ଇନ୍ଦ୍ରାବତୀ ପମ୍ପଡ଼ ଷ୍ଟୋରେଜ୍ ପ୍ରକଳ୍ପର ବିସ୍ତୃତ ପ୍ରକଳ୍ପ ରିପୋର୍ଟ ୱାପକୋସ୍ ଦ୍ୱାରା ପ୍ରସ୍ତୁତ କରାଯାଇଛି। ଏହା ଏକ ବିଶାଳ ଶକ୍ତି ସଂରକ୍ଷଣ ପ୍ରଣାଳୀ ଯାହା ଗ୍ରୀଡରେ ଉପଲବ୍ଧ ତଳ ଜଳଭଣ୍ଡାରରୁ ଉପର ଜଳଭଣ୍ଡାରକୁ ପାଣି ପମ୍ପ ସାହାଯ୍ୟରେ ଉଠାଯାଏ ଏବଂ ସର୍ବାଧିକ ବିଦ୍ୟୁତ୍ ଚାହିଦା ସମୟରେ ବିଦ୍ୟୁତ ଉତ୍ପାଦନ ପାଇଁ ସେହି ପାଣିକୁ ତଳକୁ ଛଡ଼ାଯାଏ। ଓଏଚପିସି ଏହାର ୬୦୦ ମେଗାୱାଟ ପାରମ୍ପରିକ ଜଳ ବିଦ୍ୟୁତ୍ ଗୃହ ସହିତ ବିଦ୍ୟମାନ ଅପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପ ନିକଟରେ ଏକ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ ନିର୍ମାଣ କରୁଛି। ଏହି ସହଭାଗିତା ଦକ୍ଷତା ବୃଦ୍ଧି କରିବା ସହିତ ଓଡ଼ିଶାର ଶକ୍ତି କ୍ଷେତ୍ରକୁ ଆଗକୁ ବଢାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ଉପମୁଖ୍ୟମନ୍ତ୍ରୀ କେ ଭି ସିଂହ ଦେଓ କହିଛନ୍ତି। ଏହି ଚୁକ୍ତି ସ୍ୱାକ୍ଷରିତବେଳେ ଜଳସମ୍ପଦ ବିଭାଗ, ଶକ୍ତି ବିଭାଗ, ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍‌ର ନିର୍ଦ୍ଦେଶକ, ୱାପକୋସ୍ ର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# କାନାରା ବ୍ୟାଙ୍କ ତରଫରୁ ରାଜ୍ୟର ପ୍ରମୁଖ କେନ୍ଦ୍ର ଗୁଡିକରେ ମୁଦ୍ରା ବିନିମୟ ମେଳା ଅନୁଷ୍ଠିତ



**ଭୁବନେଶ୍ୱର,(ଡିକେ ନ୍ୟୁଜ):** କାନାରା ବ୍ୟାଙ୍କର ମହାପ୍ରବନ୍ଧକ ତଥା ରାଜ୍ୟ ମୁଖ୍ୟ ଜଗଦୀଶ ଚନ୍ଦରଙ୍କ ମାର୍ଗଦର୍ଶନରେ ରାଜ୍ୟର ପ୍ରମୁଖ କେନ୍ଦ୍ରଗୁଡିକରେ ସ୍ୱତବ ମୁଦ୍ରା ବିନିମୟ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ତରଫରୁ ପୁରୁଣା ମଇଳା ଏବଂ ଚିରାଫଟା ନୋଟ୍‌କୁ ବଦଳାଇ ନୂଆ ନୋଟ୍ ଏବଂ କଏନ୍ ଦେବାର ବ୍ୟବସ୍ଥା ହୋଇଥିଲା। ଆଗକୁ ଥିବା ପର୍ବ ଅବସରରେ ଆୟୋଜିତ ହୋଇଥିବା ଏହି ମେଳାକୁ ଜନସାଧାରଣଙ୍କର ବିପୁଳ ପ୍ରତିକ୍ରିୟା ମିଳିଥିଲା। ବହୁ ସଂଖ୍ୟକ ଜନସାଧାରଣ ଏହି ମେଳାକୁ ପରିଦର୍ଶନ କରିଥିଲେ ଏବଂ ମୁଦ୍ରା ବିନିମୟର ଲାଭ ଉଠାଇଥିଲେ। କାନାରା ବ୍ୟାଙ୍କର ଏହି ଗ୍ରାହକ କୈନ୍ଦ୍ରିକ ପଦକ୍ଷେପ ସର୍ବସାଧାରଣରେ ଗ୍ରହଣୀୟ ଓ ଆଦୃତ ହୋଇଥିଲା।

# ଚରିତ୍ର ଗଠନ ହେଉଛି ଶିକ୍ଷାର ମୁଖ୍ୟ ଉଦ୍ଦେଶ୍ୟ: ଜାତୀୟ ମାନବାଧିକାର ଆୟୋଗ ଅଧକ୍ଷ

**ଭୁବନେଶ୍ୱର,(ହି.ସ):** ବ୍ୟକ୍ତିର ଚରିତ୍ର ଗଠନ ସହିତ ତା'ର ଶାରୀରିକ, ମାନସିକ ନୈତିକ ଏବଂ ଆଧ୍ୟାତ୍ମିକ ବିକାଶକୁ ସକ୍ଷମ କରିବା ହେଉଛି ସାମଗ୍ରିକ ଶିକ୍ଷାର ଉଦ୍ଦେଶ୍ୟ ବୋଲି ଜାତୀୟ ମାନବାଧିକାର ଆୟୋଗର ଅଧକ୍ଷ ଜଷ୍ଟିସ୍ ଭି. ରାମାସୁବ୍ରମଣ୍ୟନ୍ କହିଛନ୍ତି। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି ଜଷ୍ଟିସ୍ ରାମାସୁବ୍ରମଣ୍ୟନ୍ କହିଛନ୍ତି ଯେ ପ୍ରକୃତ ଶିକ୍ଷା କେବଳ ବୌଦ୍ଧିକ ଜ୍ଞାନ ପ୍ରଦାନ କରେ ନାହିଁ ବରଂ ଜଣେ ବ୍ୟକ୍ତିର ବୁଦ୍ଧିମତାର ପରିସରକୁ ପରିବ୍ୟାପ୍ତ କରି, ମସ୍ତିଷ୍କର କ୍ଷମତାକୁ ବୃଦ୍ଧି କରି ସର୍ବୋପରି ତାକୁ ନିଜ ଗୋଡ଼ରେ ଠିଆ ହେବାର ସାମର୍ଥ୍ୟ ପ୍ରଦାନ କରି ଆତ୍ମନିର୍ଭରଶୀଳ ଏବଂ ମାନସିକ ଭାବରେ ମଧ୍ୟ ଦୃଢ଼ କରିଥାଏ। ସ୍ୱାମୀ ବିବେକାନନ୍ଦଙ୍କ ଉଦ୍ଧୃତି ଦେଇ ସେ କହିଛନ୍ତି ଯେ ଶିକ୍ଷାର ଚାରୋଟି ସ୍ତମ୍ଭ ହେଉଛି ଚରିତ୍ର ନିର୍ମାଣ, ବୌଦ୍ଧିକ ବିକାଶ, ମାନସିକ ଦୃଢ଼ତା ଏବଂ ଆତ୍ମନିର୍ଭରଶୀଳତା। 'ଜଣେ ବ୍ୟକ୍ତି ନିଜର ପାଠ୍ୟକ୍ରମ ସମାପ୍ତ କରିପାରେ କିନ୍ତୁ ଶିକ୍ଷା କେବେ ସମାପ୍ତ ହୋଇପାରିବ ନାହିଁ, ଏହା ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଏକ ଅନ୍ତହୀନ ନିରବଚ୍ଛିନ୍ନ ଯାତ୍ରା' ବୋଲି ଜଷ୍ଟିସ୍ ରାମାସୁବ୍ରମଣ୍ୟନ୍ କହିଛନ୍ତି। ଉପସ୍ଥିତ ଶ୍ରୋତାଙ୍କୁ ସେ ପ୍ରଶ୍ନ କରିଥିଲେ ଯେ 'ଆଜିର ସାକ୍ଷର ଲୋକମାନେ ପ୍ରକୃତରେ ଶିକ୍ଷିତ କି ? ସେ କହିଥିଲେ ଯେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚାପରେ ବର୍ଦ୍ଧିତ ପ୍ରବୃତି ଦର୍ଶାଉଛି ଯେ ଆଜିର ପିଢ଼ି ଏତେ ପ୍ରଶଂସିତ ଯେ ସେମାନେ ସମସ୍ୟାର ସମ୍ମୁଖୀନ ହେବାର ସାମର୍ଥ୍ୟ ରଖିପାରୁ ନାହାନ୍ତି। ଐତିହାସିକ ୱିଲ୍ ଡୁରାଣ୍ଟଙ୍କ ପ୍ରସିଦ୍ଧ ଉକ୍ତି 'ଶିକ୍ଷା ହେଉଛି ଜଣଙ୍କର ଅଜ୍ଞତାର ପ୍ରଗତିଶୀଳ ଆବିଷ୍କାର'କୁ ଉଦ୍ଧୃତ କରି ସେ କହିଥିଲେ ଯେ 'ଶିକ୍ଷାନୁଷ୍ଠାନଗୁଡ଼ିକୁ କେବଳ ଡିଗ୍ରୀ ନୁହେଁ ବରଂ ଜୀବନ କୌଶଳ ଏବଂ ସଠିକ୍ ମନୋଭାବ ମଧ୍ୟ ଶିକ୍ଷା ଦେବା ଉଚିତ୍।' ଜଷ୍ଟିସ୍ ରାମାସୁବ୍ରମଣ୍ୟନ୍ ଆମେରିକାରେ ରହୁଥିବା ଜଣେ ଚାର୍ଟାର୍ଡ ଆକାଉନ୍ ?ଟାଂଟଙ୍କ ଦୁଃଖଦ କାହାଣୀ ବର୍ଣ୍ଣନା କରି କହିଥିଲେ ଯେ ୨୦୦୮ ବିଶ୍ୱ ଆର୍ଥିକ ସଂକଟରେ ସବୁକିଛି ହରାଇବା ପରେ ତାଙ୍କ ସମଗ୍ର ପରିବାରକୁ ହତ୍ୟା କରିବା ସହ ନିଜେ ଆତ୍ମହତ୍ୟା କରିଥିଲେ। ସେ କହିଥିଲେ ଯେ ଉଚ୍ଚ ଶିକ୍ଷା ଏବଂ ଜ୍ଞାନ ସତ୍ତ୍ୱେ ତାଙ୍କ ଠାରେ ମାନସିକ ଦୃଢ଼ତାର ଅଭାବ ଥିଲା। 'କ'ଣ କଲେ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକ ଛାତ୍ରଛାତ୍ରୀମାନଙ୍କୁ ସଂକଟ ପରିଚାଳନା ଶିଖାନ୍ତି ? କାରଣ କେବଳ ଡିଗ୍ରୀ ପାଇବା ଅସଲ ଓ ସାମଗ୍ରିକ ଶିକ୍ଷା ନୁହେଁ' ବୋଲି ଜଷ୍ଟିସ୍ ରାମାସୁବ୍ରମଣ୍ୟନ୍ କହିଥିଲେ। ସେ କହିଥିଲେ ଯେ ଆଜିର ବିଶ୍ୱରେ କେବଳ ସଫଳତା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଲୋକମାନେ ପ୍ରକୃତ ସଫଳତା କ'ଣ ତାହା ବୁଝନ୍ତି ନାହିଁ। ଶିକ୍ଷା କିମ୍ବା ବଡ଼ ଚାକିରି ପାଇବା ସଫଳତା ନୁହେଁ କାରଣ ଜୀବନ ସଫଳତାକୁ ଭିନ୍ନ ଭାବରେ ଦେଖେ।' ତାଙ୍କ ଅଭିଭାଷଣର ଶେଷରେ ସେ ସୋଆ ବିଶ୍ୱବିଦ୍ୟାଳୟର ପ୍ରଶଂସା କରି କହିଥିଲେ ଯେ ବର୍ଷ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଏହି ଅନୁଷ୍ଠାନ ଉଲ୍ଲେଖନୀୟ ପ୍ରଗତି କରିପାରିଛି। ଏହି କାର୍ଯ୍ୟକ୍ରମର ଅଧକ୍ଷତା ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କରିଥିଲେ। ସୋଆ ଅଧିନସ୍ଥ ଇନ୍ ?ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍ (ଆଇଏଏସ୍)ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ମୁଖ୍ୟ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ମୁଖ୍ୟ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଆଇଏଏସ୍‌ର ପ୍ରଫେସର ପ୍ରଭାତ କୁମାର ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ଆଡିସ୍‌ନାଲ ଡିନ (ଷ୍ଟୁଡେଂଟ ଆଫେୟାର୍ସ), ଆଇଟିଇଆର ପ୍ରଫେସର ରେଣୁ ଶର୍ମା ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

**AFFIDAVIT**

I Shaikh Raheman,S/o-Shaikh Rezuan,At-Majhihara Basti, Po-Majhihara,Ps-Balipatna, Dist-Khordha, Pin-752103(Odisha). My actual name is Shaikh Raheman, which is recorded in my Aadhar card no-6064 8665 5953 but in my passport no-L7144130 issued dated-11.2.2014 my name has been recorded as Shaikh Reheman instead of Shaikh Raheman. I do hereby declare the affidavit no-1734,dated-6.6.2025 before Executive Magistrate, Khordha that Shaikh Raheman & Shaikh Reheman both names are one & same person i.e.myself.

## ସମ୍ପାଦକୀୟ

# କନ୍ଧମାଳର କଳାହଳଦୀ

ଓଡ଼ିଶାର କନ୍ଧମାଳ ଜିଲ୍ଲା ଏକଦା ଆଦିବାସୀ କନ୍ଧ ସମ୍ପ୍ରଦାୟ ପାଇଁ ଖ୍ୟାତିଲାଭ କରିଥିଲା। ଏହାର ଗୁରୁତ୍ୱ ଦୃଷ୍ଟିରୁ ଏହି ଜିଲ୍ଲାର ନାମକରଣ କନ୍ଧମାଳ ହୋଇଛି। କନ୍ଧମାଳ ଜିଲ୍ଲା ଅନ୍ୟ ଏକ କାରଣରୁ ମଧ୍ୟ ପ୍ରସିଦ୍ଧି ହାସଲ କରିଛି। ତାହା ହେଉଛି ଏଠାକାର ହଳଦୀ ଚାଷ। କନ୍ଧମାଳ ହଳଦୀ ରାଜ୍ୟ କାହିଁକି ଦେଶ ଓ ବିଦେଶରେ ବି ପ୍ରସିଦ୍ଧି ହାସଲ କରିଛି। କନ୍ଧମାଳ ହଳଦୀକୁ ଆଂଚଳିକ ମାନ୍ୟତା ବା ଜି.ଆଇ. (ଜିଓଗ୍ରାଫିକାଲ ଆଇଡେଣ୍ଟିଟି) ମିଳିଥିଲାବେଳେ ଏହା ବିଶ୍ୱରେ ଆଦୃତ ମଧ୍ୟ ହୋଇଛି। ଏହି କନ୍ଧମାଳ ଜିଲ୍ଲା ଆଉ ଏକ କାରଣରୁ ଏବେ ବିଶ୍ୱ ଦରବାରରେ ସୁଖ୍ୟାତି ହାସଲ କରିବାକୁ ଯାଉଛି। ଏବେ କନ୍ଧମାଳରେ କଳା ହଳଦୀ ଚାଷ ଆରମ୍ଭ ହୋଇଛି। ଏକ ବେସରକାରୀ ମସଲା କମ୍ପାନୀ କନ୍ଧମାଳରେ କଳା ହଳଦୀ ଚାଷ ପାଇଁ ଚାଷୀଙ୍କୁ ବିହନ ଯୋଗାଇଦେଇ ସହଯୋଗ କରିଥିଲାବେଳେ ଆଗାମୀ ଦିନରେ ଅଧିକ ଅଂଚଳରେ ଓ ଅଧିକ ଜମିରେ କଳା ହଳଦୀ ଚାଷ ହେବ ଏବଂ କଳା ହଳଦୀର ଉତ୍ପାଦନରେ ବୃଦ୍ଧି ଘଟାଯିବ ବୋଲି ଜଣାପଡ଼ିଛି। ଏହି କାରଣରୁ ହଳଦୀ ଚାଷରେ ଆପଣାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କନ୍ଧମାଳ ଏବେ କଳା ହଳଦୀ ପାଇଁ ପୁଣି ଚର୍ଚ୍ଚାକୁ ଆସିଛି। କଳା ହଳଦୀ ଚାଷ ପୂର୍ବରୁ କନ୍ଧମାଳରେ କଳା ଧାନ ଓ କଳା ଗହମ ଚାଷ ହେଉଛି। ଜୈବିକ ପଦ୍ଧତିରେ ଏହି ଚାଷ ପାଇଁ କନ୍ଧମାଳ ସ୍ୱତନ୍ତ୍ର ହୋଇଥିଲାବେଳେ ଏବେ କଳା ହଳଦୀ ପାଇଁ ମଧ୍ୟ ଗୁରୁତ୍ୱବହନ କରିବ। କେରଳରୁ କଳା ହଳଦୀ ବିହନ ଆଣାଯାଇ କନ୍ଧମାଳରେ ଏହାର ପ୍ରୟୋଗ ହେଉଥିଲାବେଳେ ରାଜ୍ୟର ଅନ୍ୟ ଅଂଚଳରେ ମଧ୍ୟ ଏହା ଚାଷ କରାଯିବ।

ହଳଦୀ କେବଳ ଏକ ଉପକରଣ ନୁହେଁ ଯାହାକୁ ରୋଷେଇରେ ବ୍ୟବହାର କରାଯାଏ। ଖାଦ୍ୟରେ ସ୍ୱାଦ ପାଇଁ ଅବଶ୍ୟ ହଳଦୀର ବ୍ୟବହାର ହୋଇଥାଏ; ମାତ୍ର ମଣିଷର ଶରୀର ଓ ସ୍ୱାସ୍ଥ୍ୟ ପାଇଁ ହଳଦୀର ଅନେକ ଉପକାରିତା ରହିଛି। ଅନେକ ଔଷଧୀୟ ଗୁଣ ଯୋଗୁ ବହୁ ପ୍ରାଚୀନ କାଳରୁ ହଳଦୀକୁ ଖାଦ୍ୟ ତଥା ଔଷଧୀୟ ଉପକରଣ ଭାବରେ ବ୍ୟବହାର କରାଯାଉଅଛି। ହଳଦୀ ଆଣ୍ଟିଅକ୍ସିଡାଣ୍ଟ ହୋଇଥିବାରୁ ଏହା ମାନବ ଶରୀର ପାଇଁ ଅତ୍ୟନ୍ତ ଜରୁରୀ। ଏହାଛଡ଼ା ହଳଦୀ ମଣିଷ ଶରୀର ମଧ୍ୟରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଶରୀର ମଧ୍ୟରେ ସୃଷ୍ଟ କୀଟାଣୁ, ଜୀବାଣୁ, ବାଇରସ୍ ଆଦିକୁ ନଷ୍ଟ କରିବାରେ ସହାୟକ ହୋଇଥାଏ। ସେହିପରି ଯକୃତ ଉପସମ କରିବାରେ ମଧ୍ୟ ହଳଦୀର ଯୋଗଦାନ ରହିଛି। ଚର୍ମ ରୋଗ କ୍ଷେତ୍ରରେ ଏହାର ଉପାଦେୟତା ଥିଲାବେଳେ ଶରୀରର ପାଚନ ପ୍ରକ୍ରିୟାକୁ ବଢ଼ାଇବାରେ ହଳଦୀ ସହଯୋଗ କରିଥାଏ। ଅନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଯେପରି କର୍କଟ, ଆଲଜାଇମର, ମଧୁମେହ, ଯକୃତ ଆଦି ସମସ୍ୟାର ସମାଧାନରେ ହଳଦୀର ବ୍ୟବହାର ଫଳପ୍ରଦ ହୋଇପାରେ ବୋଲି ଗବେଷକମାନେ କହୁଛନ୍ତି। ଶରୀରରେ ରକ୍ତଶର୍କରା ପରିମାଣ ହ୍ରାସ କରାଇବା ଓ ଅନ୍ୟ ଶାରୀରିକ ସମସ୍ୟାର ଏକ ଫଳପ୍ରଦ ସମାଧାନ ଭାବେ ହଳଦୀକୁ ନିଆଯାଇ ପାରେ। ଅବଶ୍ୟ ଏହା ଉପରେ ଅଧିକ ଗବେଷଣା ଜାରି ରହିଛି, ମାତ୍ର ହଳଦୀ ଯେ ନାନା ରୋଗ ଦୂର କରିବାରେ ସହାୟକ, ଏହାକୁ ଅସ୍ୱୀକାର କରାଯାଇ ନପାରେ। ଏହି କାରଣରୁ ପ୍ରାଚୀନ କାଳରୁ ଭାରତୀୟ ଆୟୁର୍ବେଦରେ ଏହାର ବ୍ୟବହାର ଦେଖିବାକୁ ମିଳେ। ପ୍ରାଚୀନ ଚୀନ୍ ସଭ୍ୟତାରେ ମଧ୍ୟ ହଳଦୀକୁ ଔଷଧ ଭାବେ ବ୍ୟବହାର କରାଯାଉଥିଲାବେଳେ ସିଦ୍ଧ ଔଷଧି, ୟୁନାନୀ ଆଦିରେ ମଧ୍ୟ ହଳଦୀର ଉପଯୋଗିତା ରହିଛି। ଏସିଆ ମହାଦେଶରେ ପ୍ରାଚୀନ କାଳରେ ଆଦିବାସୀ ଲୋକେ ହଳଦୀକୁ ଔଷଧ ଭାବେ ବ୍ୟବହାର କରୁଥିଲେ ଓ ତାହା ଧୀରେ ଧୀରେ ଅନ୍ୟମାନଙ୍କ ଦ୍ୱାରା ବ୍ୟବହୃତ ହୋଇଛି।

ହଳଦୀର ଆଧ୍ୟାତ୍ମିକ ଓ ସାଂସ୍କୃତିକ ଉପଯୋଗିତା ମଧ୍ୟ ରହିଛି। ପୂଜା ପାର୍ବଣରେ ହଳଦୀ ଆବଶ୍ୟକ ହୋଇଥାଏ। ସେହିପରି ବିବାହ, ବ୍ରତଘର ଏବଂ ଅନ୍ୟ ମାଙ୍ଗଳିକ କାର୍ଯ୍ୟରେ ମଧ୍ୟ ହଳଦୀ ଲୋଡା ଯାଇଥାଏ। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ମଣିଷର ଜୀବନଯାତ୍ରା ସହିତ ହଳଦୀ ଜଡ଼ିତ। ନବଜାତକର ନାହିରେ ହଳଦୀ ଲଗାଇବା, ମୃତବ୍ୟକ୍ତିକୁ ହଳଦୀ ପାଣିରେ ଗାଧୋଇଦେବା, ଷଠିଘର ପ୍ରତିଷ୍ଠା କୁଢ଼ରୁ ବା କୋଟକେଇ ପ୍ରସ୍ତୁତି ସବୁଠି ହଳଦୀର ଉପସ୍ଥିତି। ଆଜି ହଳଦୀର ଚାହିଦା ଯଥେଷ୍ଟ ଅଧିକ ଏବଂ ଏହି କାରଣରୁ ହଳଦୀ ଚାଷ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। କନ୍ଧମାଳ ପରି ଆଦିବାସୀ ଅଂଚଳରେ କଳା ଧାନ ଓ କଳା ଗହମ ଚାଷ ହେଉଛି। ଏହାର ଗୁଣବ । ଏବଂ ଖାଦ୍ୟ ମାନ୍ୟତା ବିଶ୍ୱରେ ଗ୍ରହଣୀୟ ହୋଇଥିଲାବେଳେ ଏବେ କଳା ହଳଦୀ ଚାଷ ମଧ୍ୟ ଲୋକମାନଙ୍କ ଦ୍ୱାରା ଆଦୃତ ହେବ। ବିଶେଷକରି କଳା ହଳଦୀ କର୍କଟ ପରି ମହାବ୍ୟାଧିକୁ ନାଶ କରିବାରେ ସହାୟକ ହୋଇପାରିବ ବୋଲି ଗବେଷକମାନେ ଆଶାବ୍ୟକ୍ତ କରୁଛନ୍ତି। ଆମ ଦେଶ ତଥା ବିଶ୍ୱରେ କର୍କଟ ଯେପରି ବ୍ୟାପିବାରେ ଲାଗିଛି ଓ ସାନ ସାନ ପିଲାମାନେ ମଧ୍ୟ ଏହି ରୋଗରେ ପୀଡିତ ହେଉଛନ୍ତି, ସେତେବେଳେ ଦେଶୀ ପଦ୍ଧତିରେ ଏହାର ଉପଚାର ହୋଇ ପାରିଲେ ତାହା ସମସ୍ତଙ୍କ ପାଇଁ ଲାଭଦାୟକ ହୋଇପାରିବ। ଏହି କାରଣରୁ ରାଜ୍ୟ ସରକାର ଅଧିକରୁ ଅଧିକ ହଳଦୀ ବା କଳା ହଳଦୀ ଚାଷ ପାଇଁ ଚାଷୀମାନଙ୍କୁ ଉତ୍ସାହିତ କରିବା ଆବଶ୍ୟକ ଓ ସେଥିପାଇଁ ଚାଷୀମାନଙ୍କୁ ସହାୟତା ଯୋଗାଇଦେବା ମଧ୍ୟ ଜରୁରୀ। ଅବଶ୍ୟ ଏହି ଚାଷ ସମ୍ପୂର୍ଣ୍ଣ ରୂପେ ଜୈବିକ ପଦ୍ଧତିରେ ହେବା ଉଚିତ।

## ଆପଣଙ୍କ ମତାମତ

ଡୁମାଣୀ ଖବର ପକ୍ଷରୁ ପାଠକଙ୍କ ମତାମତ ଓ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରାଯିବ। ପାଠକମାନେ ସେମାନଙ୍କର ପ୍ରବନ୍ଧ ଓ ସମୟୋପଯୋଗୀ ଗଳ୍ପ ତଥା ଆପଣଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆମକୁ ସୂଚନା ଦେଲେ ଆମେ ସେଥିପ୍ରତି ଗୁରୁତ୍ୱ ଦେବୁ ଏବଂ ତାହାକୁ ଆବଶ୍ୟକସ୍ଥଳେ ଆମ ସମ୍ବାଦପତ୍ରରେ ପ୍ରକାଶ କରିବୁ ।

Mob/ whatsapp : 9090962011
Ph. No. : 0674-2975387
E-mail : dumanikhabar2020@gmail.com

# ‘କେତେ ଦିନ ଲାଗି ମର୍ତ୍ତ୍ୟେ ଅବା ଘର, ଏଥିଲାଗି କିମ୍ବା ଏତେ ଆଡମ୍ବର ?’



କିଶୋର କୁମାର ଜେନା

ରାସ୍ତା କଡ଼ ବେଞ୍ଚରେ ବସିଥିଲେ ଜଣେ ବୟସ୍କା ମହିଳା। ଆଖି ଥିଲା ରାସ୍ତା ଉପରେ। ସାଇକେଲରୁ ଖସିପଡ଼ି ବାଳକଟିଏ ଆହତ ହେବାର ଦୃଶ୍ୟ ତାଙ୍କୁ ଅସ୍ତବ୍ୟସ୍ତ କରୁଥିଲା। ପୁଣି ଜରାଜୀର୍ଣ୍ଣ ବୃଦ୍ଧଙ୍କ ଧୀର-ମନ୍ଥର ଚାଲି ତାଙ୍କ ହୃଦୟକୁ ଦୁଃଖୀଭିଭୂତ କରିପକାଉଥିଲା। ବ୍ୟାୟାମ ସାରି ଫେରୁଥିବା ଯୁବକମାନଙ୍କୁ ସେ ଦେଖୁଥିଲେ। ହାତ ଧରା ଧରି ହୋଇ ରାସ୍ତା କଡ଼ରେ ଚାଲୁଥିବା ନବଦମ୍ପତି ତାଙ୍କୁ ବେଶ୍ ଆମୋଦିତ କରୁଥିଲେ। ନିଜ ଜୀବନର ସ୍ମୃତି ସବୁ ତାଙ୍କ ମାନସ ପଟରେ ଉଙ୍କି ମାରିଲେ। ତିକ୍ତ ମଧୁର, ସ୍ମୃତି, ନିଃସଙ୍ଗତା ତାଙ୍କୁ ଆନମନା କରିପକାଇଲା। ସେ କେତେବେଳେ ହସୁଥିଲେ। ତ କେତେବେଳେ ଅଜାଣତରେ ଆଖିରୁ ଲୁହ ବୋହିଯାଉଥିଲା। ତାଙ୍କର ଏ ଭଳି ହାବଭାବ ପ୍ରତି କାହାରି ନଜର ନଥିଲା। ହଠାତ୍ ପାଖରେ ଥିବା ଜଳାଶୟ ଲୋକାରଣ୍ୟ ହୋଇ ଉଠିଲା। ମହିଳା ବସିଥିବା ସ୍ଥାନରୁ ଉଠିଗଲେ। ଦେଖିଲେ ଛୋଟ ପିଲାଟିଏ ପାଣିରେ ବୁଡ଼ିଯାଉଛି। ହେଲେ କେହି ଉଦ୍ଧାର କରୁନାହାନ୍ତି। ମହିଳା ସଙ୍ଗେ ସଙ୍ଗେ ଜଳାଶୟ ଭିତରକୁ ପଶି ପିଲାଟିକୁ ନିଶ୍ଚିତ ମୃତ୍ୟୁମୁଖରୁ ରକ୍ଷା କଲେ। ତାଙ୍କର ହୃଦ୍‌ବୋଧ ହେଲା, ଏ ପୃଥିବୀରେ ଅନେକ ଦୁଃଖ ଭିତରେ ବଞ୍ଚିବାର ରାହା ଟିକିଏ କେଉଁଠି ନା କେଉଁଠି ଅଛି। ଅତୀତ କେବଳ ସ୍ମୃତି ଯାହା ମୃତ। ଅତୀତକୁ ନେଇ ଦୁଃଖୀ କିମ୍ବା ଆନନ୍ଦିତ ହେବାରେ କିଛି ଯଥାର୍ଥତା ନାହିଁ। ବରଂ ବର୍ତ୍ତମାନକୁ ନେଇ ବଞ୍ଚିବା ବୁଦ୍ଧିମାନର କାମ। ସେ ନିଜକୁ ଅଧିକ ଭଲ ପାଇଲେ ଏବଂ ଅନ୍ୟ ପ୍ରତି ତାଙ୍କର ଭଲ ପାଇବାର ପଥ ସେହି ଦିନ ଠାରୁ ଉନ୍ମୁକ୍ତ ହୋଇଗଲା। ନିଃସଙ୍ଗତା ହୁଏ ତ ଖୁବ୍ ଯନ୍ତ୍ରଣାଦାୟକ ହୋଇପାରେ। ମାତ୍ର ଅନ୍ୟର ଦୁଃଖ ଓ ସୁଖରେ ନିଜକୁ ସାମିଲ କରାଇଲେ ନିଃସଙ୍ଗତା ଦୂର ହୁଏ। ଅନ୍ୟକୁ ସୁଖ ଦେବା ଏବଂ ଅନ୍ୟର ଦୁଃଖ ନେବାରୁ ମିଳେ ଅସୀମ ଆନନ୍ଦ।

ଆମ ମାନଙ୍କ ଜୀବନ ଚେତନା ସମ୍ପର୍କରେ ଟିକିଏ ଉଲ୍ଲେଖ କରୁଛି। ଶିଶୁ କୁଅଁ କୁଆଁ ହୋଇ କାନ୍ଦେ। ଟିକିଏ ବଡ଼ ହେଲେ ଡିଏଁ, ନାଚେ, କଣ୍ଢେଇ ଧରି ଖେଳେ। ଆଉ ଟିକିଏ ବଡ଼ ହେଲେ ବହିଖାତା ଧରି ପାଠ ପଢ଼ିବାକୁ ଯାଏ। କ୍ରମେ ଆହୁରି ବଡ଼ ହୋଇ ପରୀକ୍ଷାରେ ପାଶ କରେ ଓ ଉପାଧି ପାଏ। ଯୁବା ଅବସ୍ଥା ପାଇଗଲେ, ନିଶ ମୋଡ଼ି କଥା କଥାକେ କଳି କରିବାକୁ ଡିଏଁ। ସ୍ୱୀପଛରେ ଗୋଡାଏ। ଯଶ, ଗୌରବ ଓ ନାମ ପାଇଁ ଧାଁଧପଡ଼ କରେ। ଟଙ୍କା ପଇସା ସଞ୍ଚେ। ବିବାହ କରେ। ସନ୍ତାନସନ୍ତତି ଜନ୍ମ ହୁଅନ୍ତି। ସମୟ ଗଡ଼ିଚାଲେ। ସେ ବୁଢ଼ା ହୋଇଯାଏ। ତା’ର ଦୃଷ୍ଟି ଶକ୍ତି କମିଆସେ। ସେ ଚଷମା ପିନ୍ଧେ। ପଥର ଦାନ୍ତ ଲଗାଏ। ଅତି ବୁଢ଼ାବେଳେ ବାଡ଼ି ଖଣ୍ଡିଏ ଧରି ଥରି ଥରି ଚାଲେ। ଶେଷରେ ଦିନେ ହିକ୍‌କା ଉଠେ। ତା’ର ପ୍ରାଣବାୟୁ ଉଡ଼ିଯାଏ। ଭଗବାନ ଶ୍ରୀ ସତ୍ୟସାଇ ତାଙ୍କ ଦିବ୍ୟସମ୍ଭାଷଣରେ ଆମ ମାନଙ୍କୁ ମାର୍ଗଦର୍ଶନ କରି କହିଛନ୍ତି ‘ମନୁଷ୍ୟ ଏକ ଦେହଧାରୀ ଆତ୍ମା। ମୂଳତଃ ମନୁଷ୍ୟ ଏକ ଆଧ୍ୟାତ୍ମିକ ଜୀବ। ସେ ମୂଳତଃ ଏକ ଆଧ୍ୟାତ୍ମିକ ଶକ୍ତି ବା ଆତ୍ମା ହୋଇଥିବାରୁ ତାର ଜୀବନ ରହିଛି। ଆତ୍ମା ବା ଦିବ୍ୟଶକ୍ତି ହିଁ ତାର ଅନ୍ତରତମ ସାର। ମନୁଷ୍ୟର ପ୍ରକୃତି ସ୍ୱଭାବ ହେଉଛି ଐଶ୍ୱରିକତା। ତାର ସ୍ଥୂଳଶରୀର ଓ ବୁଦ୍ଧି ତାର ଅନ୍ତର୍ନିହିତ ଆତ୍ମା ଉପରେ ନିର୍ଭର କରେ। କିନ୍ତୁ ବଡ଼ ଦୁଃଖର ବିଷୟ ଯେ, ମନୁଷ୍ୟ ଆତ୍ମା ସମ୍ବନ୍ଧରେ ପ୍ରାୟ କିଛି ଜାଣେ ନାହିଁ। ଯେଉଁ ମନୁଷ୍ୟ ଆତ୍ମାର ସାକ୍ଷାତ ଲାଭ କରେ, ସେ ନିରାପତ୍ତା, ନିଶ୍ଚିତତା, ପୂର୍ଣ୍ଣତା, ସ୍ୱାଧୀନତା, ମୁକ୍ତି, ଅମରତ୍ୱ ତଥା ଶାଶ୍ୱତ ସୁଖ ଲାଭ କରେ।’ ଏହି ସଂସାର, ଏହି ପ୍ରପଞ୍ଚ, ଏହି ପାର୍ଥିବ ଚେତନା ହିଁ ଆମର ସକଳ ଦୁଃଖଯନ୍ତ୍ରଣାର ହେତୁ ଏଥିରେ ଅନ୍ୟ କାହାର ହାତ ନାହିଁ। ବ୍ୟାଘ୍ରଭୟ, ସର୍ପଭୟ, ବିଛାଭୟ, ଜ୍ୱର, ଅମାଶୟ, ଯୁଦ୍ଧ ବିଗ୍ରହ, ମହାମାରୀ, ଭୂମିକମ୍ପ, ବାତ୍ୟା, ଦୁର୍ଭିକ୍ଷ, ଅଗ୍ନି ଉତ୍ପାତ - ଏସବୁ ହେଉଛି ଗୋଟିଏ ଗୋଟିଏ ନିମିତ୍ତ, ଗୋଟିଏ ଗୋଟିଏ ପ୍ରାକୃତିକ ଘଟଣା। ଏସବୁ ହେତୁ ଆମେ ଦୁଃଖଯନ୍ତ୍ରଣା ଭୋଗୁଛୁ ସତ, କିନ୍ତୁ ଏସବୁର ପରିହାର ପାଇଁ ଆମେ ବିଶେଷ କିଛି କରିପାରିବା ନାହିଁ। ଆମ ଚତୁର୍ଦ୍ଦିଗରେ ପରିବ୍ୟାପ୍ତ ହୋଇ ରହିଥିବା ପ୍ରକୃତିକୁ ବଦଳାଇ ଦେବା ପାଇଁ ପ୍ରକୃତିକୁ ସଂଯତ ନିୟନ୍ତ୍ରିତ କରିଦେବା ପାଇଁ ଆମ ହାତରେ ସେପରି କୌଣସି ଶକ୍ତି ନାହିଁ। ଯାହା ବା ଅଛି, ତାହା ଅତ୍ୟନ୍ତ ସୀମିତ, ସାମାନ୍ୟ। ପ୍ରକୃତି ଆମକୁ ପରାସ୍ତ କରିଦେଇ ନିଜ ବାଟରେ ଚାଲିବ ହିଁ ଚାଲିବ।

ପରମେଶ୍ୱର ସହାୟ ହୁଅନ୍ତୁ। ଏହିପରି ନିଜେ ନିଜର ମଙ୍ଗଳ କରିବାରେ, ନିଜେ ନିଜ ପ୍ରତି ଦୟାଶୀଳ ହେବାରେ ଆପଣ ସଫଳ ହୁଅନ୍ତୁ। ଈଶ୍ୱର ମଙ୍ଗଳମୟ। ଭଲ ହେଉ କି ମନ୍ଦ ହେଉ, ଜଗତ ଯେପରି ସେପରି ହୋଇ ରହିବ ହିଁ ରହିବ। ଆପଣ ତାକୁ ବଦଳାଇବା ପାରିବେ ନାହିଁ। କିନ୍ତୁ ଆପଣ ବଦଳାଇ ଦେଇପାରିବେ ନିଜକୁ - ଯଦି ଅନ୍ତରର ସହିତ ଚାହିଁବେ, ତେବେ ନିଜକୁ ସୁନ୍ଦରଭାବରେ ଏକ ଭିନ୍ନ ମଣିଷ କରି ଗଢ଼ି ଦେଇ ପାରିବେ। ନିଜକୁ ଆକାଶର ଉଚ୍ଚ କରି ଗଢ଼ି ଦେଇପାରିବେ। ସେ ବିଷୟରେ ଅସୀମ ସମ୍ଭାବନା ରହିଛି - ସମ୍ଭାବନା ରହିଛି କେବଳ ପରିବର୍ତ୍ତନର ନୁହେଁ, ଆପଣ ଚାହିଁଲେ ନିଜକୁ ସମ୍ପୂର୍ଣ୍ଣ ରୂପାନ୍ତରିତ କରିଦେଇପାରିବେ, ଘଟାନ୍ତରିତ କରିଦେଇ ପାରିବେ। ପୂର୍ଣ୍ଣବିକଶିତ ମନୁଷ୍ୟ ହେଉଛି ଈଶ୍ୱର। ଭଗବାନ ଶ୍ରୀସତ୍ୟସାଇ ତାଙ୍କ ଦିବ୍ୟ ସମ୍ଭାଷଣରେ ଉଲ୍ଲେଖ କରିଛନ୍ତି - ‘ସଂସାରଲିପ୍ତ ଈଶ୍ୱର ହେଉଛନ୍ତି ମନୁଷ୍ୟ। ବନ୍ଧନଯୁକ୍ତ ଈଶ୍ୱର ମନୁଷ୍ୟ ଏବଂ ବନ୍ଧନମୁକ୍ତ ମନୁଷ୍ୟ ଈଶ୍ୱର। ମାୟାଗ୍ରସ୍ତ-ଅଜ୍ଞ ମନୁଷ୍ୟ ହେଉଛି ସାଂସାରିକ ମନୁଷ୍ୟ। ପରିପୂର୍ଣ୍ଣ ମନୁଷ୍ୟ ହେଉଛି ଈଶ୍ୱର।’ ଏହି ଆଲେଖ୍ୟଟି ଉପସ୍ଥାପନ କଲାବେଳେ ମନେପଡୁଛି କବିବର ରାଧାନାଥ ରାୟଙ୍କର ସେହି କାଳଜୟୀ ଧାଡ଼ିଟି - ‘ଏ ଭବ ସାଗରେ ସର୍ବଗ୍ରାସୀ କାଳ, ବାତ୍ୟା ବହେ ଅବିରତ। ଏହା ଜାଣି ଲୋକେ କେଉଁ ଲାଭ ଆଶେ, କଳହେ ହୁଅନ୍ତି ରତ ? କେତେ ଦିନ ଲାଗି ମର୍ତ୍ତ୍ୟେ ଅବା ଘର, ଏଥିଲାଗି କିମ୍ବା ଏତେ ଆଡମ୍ବର ? ମର୍ତ୍ତ୍ୟେ ପଡ଼ି କାନ୍ଦି ଲୋଡ଼ୁ ଦୁଧ ଥୋଡ଼ା, ଯିବାବେଳେ ଛଅଖଣ୍ଡି କାଠ ଲୋଡ଼ା।’

*ଆଇନଜୀବୀ, ବଙ୍ଗାଳିସାହି, କଟକ, ଦୂରଭାଷ : ୭୩୨୫୯୦୪୯୨୭/ ୭୩୭୭୪୩୯୦୭୭*

# ମମତା ମହାଶୟାଙ୍କ ଭାବନା ବଦଳୁ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ମମତା ବାନାର୍ଜୀ, ଏଥିରେ ସାଙ୍ଗିଆ ସମ୍ମାନୀୟାର୍ଥେ ବାନାର୍ଜୀ ବନ୍ଦୋପାଧ୍ୟାୟ କୁହାଯାଉଛି। ଉପାଧ୍ୟାୟ ଅର୍ଥରେ ଧରିଲେ ଯେ ଅଧ୍ୟାପନା ବି ସମ୍ପାଦନ କରୁଥାନ୍ତି। ଏପରି ହୋଇପାରେ ମୁଖାର୍ଜୀ ମୁଖୋପାଧ୍ୟାୟ ଚାଟାର୍ଜୀ ଚଟ୍ଟୋପାଧ୍ୟାୟ ଆଦି ବ୍ରାହ୍ମଣମାନେ ଅଧ୍ୟୟନ, ଅଧ୍ୟାପନ ଯଜନ ଯାଜନ କର୍ମ କରିବା ଶାସ୍ତ୍ରରେ ଅଛି। ସମସ୍ତେ ଗୁରୁ ବ୍ରାହ୍ମଣଙ୍କୁ ସମ୍ମାନ ଦେଖନ୍ତି। ଏପରି ସମ୍ମାନ ଅର୍ଥରେ ଯେଉଁ ଲୋକ ଜଣକ ଲାଗି ରହିଛି ତାଙ୍କ ସାଙ୍ଗିଆକୁ ଶବ୍ଦରଞ୍ଜିତ କରାଯାଇଥାଏ।

ମମତା ମାଆଙ୍କ ଘର କଲିକତା କାଳିଘାଟ କାଳି ମନ୍ଦିର ସନ୍ନିକଟ ସେ ପିଲାକାଳରୁ ସେଇଠାରେ ହିଁ ବଢ଼ି ଆସିଛନ୍ତି। ପ୍ରତି ଗ୍ରାମର ଗ୍ରାମଦେବତା ବା ମଣ୍ଡଳର ମଣ୍ଡଳେଶ୍ୱରୀଙ୍କୁ ଲୋକେ ନିତ୍ୟ ଦର୍ଶନ ବା ଆରାଧନା ସହିତ ନୈମିତ୍ତିକ କାର୍ଯ୍ୟରେ ବା କାମ୍ୟ କାର୍ଯ୍ୟରେ ପୂଜା ଚଢ଼ାନ୍ତି। ମମତା ମାଆଙ୍କର ପିତା ସେଠାରେ ଗୋ-ଖାଦ୍ୟ ଖଡ଼ ବ୍ୟବସାୟ କରୁଥିଲେ ପୂର୍ବେ କଲିକତାରେ ଗଳିକନ୍ଦିରେ ଗୋପାଳନ ହେଉଥିଲା ଏଇ ଖଡ଼ କୁଟାନଡ଼ାରୁ ପ୍ରସ୍ତୁତ ହୁଏ। ଯାହା ସେଥିରୁ ଯେଉଁ ପଇସା ଦି ପଇସା ମିଳୁଥିଲା ପରୋକ୍ଷରେ ତାହା ଗୋ ସେବାରୁ ହିଁ ମିଳୁଥିଲା ଯହିଁରେ ଆମର ଏଇ ମାଆ ତାଙ୍କ ପରିବାର ପାଳନ ପୋଷଣ ହୋଇଛନ୍ତି। ମୂଳରୁ ବ୍ରାହ୍ମଣ ବଂଶରେ ଜନ୍ମ ସମ୍ମାନର ହକଦାର ଜାତିରେ ଜନ୍ମ। ଯଦିଓ ବଡ଼ ରାଜା ଜମିଦାର ହୁଅନ୍ତୁ ସେ ବ୍ରାହ୍ମଣଙ୍କୁ ବନ୍ଦନା କରିବା ଆମ ହିନ୍ଦୁଧର୍ମର ଏକ ଆବେଗ। ଜଣେ ବ୍ରାହ୍ମଣ ଚାଣକ୍ୟଙ୍କୁ ନନ୍ଦବଂଶରେ ଅପାମାନିତ କରି ଶେଷ ନନ୍ଦବଂଶ ଧ୍ୱଂସ ହେବା ଇତିହାସ କହୁଛି। ହେଲେ ବ୍ରାହ୍ମଣ ନିତି ବିରୁଦ୍ଧ କାର୍ଯ୍ୟ କଲେ ସେ ବ୍ରାହ୍ମଣ ଯେ ନିତିଭ୍ରଷ୍ଟ ହୋଇ ବଂଶକ୍ଷୟ କରିବ, ଏଥିରେ ହିନ୍ଦୁଶାସ୍ତ୍ର ବି ଚୁପ ନୁହଁନ୍ତି ‘ରାବଣ’ ବ୍ରହ୍ମାଙ୍କର ଚତୁର୍ଥ ପୁରୁଷ ପ୍ରଥମେ ବ୍ରହ୍ମା, ଦ୍ୱିତୀୟ ତାଙ୍କ ପୁତ୍ର ପୁଲସ୍ତ୍ୟଇୟତାଙ୍କ ପୁତ୍ର ବିଶ୍ରବା ଚତୁର୍ଥ ତାଙ୍କ ପୁତ୍ର ରାବଣ। ଏଇ ବ୍ରାହ୍ମଣ ରାବଣ ଏକଧାରରେ ଶୈବ ଶାକ୍ତ, ରାମେଶ୍ୱର ଶିବଲିଙ୍ଗ ପ୍ରତିଷ୍ଠାରେ ରାବଣ ଥିଲେ ପ୍ରଧାନ ଆଚାର୍ଯ୍ୟ। ଏବେ ବି ଚଣ୍ଡୀପାଠରେ ଭ୍ରମ ରହିଲେ କୁହାଯାଉଛି ରାବଣର ଚଣ୍ଡୀପାଠ। ସଂସାରରେ ସର୍ବୋଚ୍ଚ କର୍ମ ଚଣ୍ଡୀପାଠ। ଚଣ୍ଡୀପାଠରେ ଭ୍ରମ ରହିଲେ ପାଠକ ପଟଳନ୍ତି କର୍ତ୍ତାଙ୍କର ଓଲଟଫଳ ହୁଏ। ଯାଦେବୀ ସର୍ବଭୂତେଷୁକୁ ଖାଦେବୀ ସର୍ବଭୂତେଷୁ ଉଚ୍ଚାରଣ କଲେ ଭାବ ଓଲଟା ହୁଏ। ଓଡ଼ିଆରେ ଅନ୍ତମୁଖୀ ଓ କ୍ଷ ମଧ୍ୟରେ କିଛି ଲେଖାରେ ଭିନ୍ନ ଅଛି। ଯ, କ୍ଷ, ପୁଣି କ୍ଷ, ଖ ହେଲେ ସରିଯିବ ଅନେକ ଏବେ ବି ପୁଷାକୁ ଗୁଖା ଉଚ୍ଚାରଣ କରୁଛନ୍ତି ହୁଏତ ତାଙ୍କୁ କେହି ଏପରି ଭ୍ରମକୁ ଦର୍ଶାଇ ନେତାଇ ନାହାଁନ୍ତି। ରାବଣ ଚଣ୍ଡୀପାଠ ନିଜ କରୁଥିଲେ ମାତ୍ର ଯୁଦ୍ଧବେଳେ ପୁରୋହିତ ଗଣ ଦ୍ୱାରା କରାଇଥିଲେ। ଯାହାଙ୍କର ଭ୍ରମ ଯୋଗୁଁ ତାହା ବ୍ୟର୍ଥ ହୋଇଥିଲା। ରାବଣ ମୂଲ୍ୟବାନ ବ୍ରାହ୍ମଣ ହୋଇ ବଂଶ ବୁଡ଼ା ଓ ଅକାଳ ମୃତ୍ୟୁ ରାଜ୍ୟହରା ଭୋଗିବାକୁ ବାଧ୍ୟ ହୋଇଗଲା। ଯାହାହେଉ ଶାସ୍ତ୍ରରେ କେ ବାଧ୍ୟ କେ ଅବଧ୍ୟ, କେ କ୍ଷମଣୀୟ କେଉଁ ପରିସ୍ଥିତିରେ କ୍ଷମଣୀୟ। ଏସବୁର ଧାର୍ଯ୍ୟ ଅଛି। ଶାସ୍ତ୍ରକୁ ନିଜ ମାର୍ଗରେ ଓ ଭ୍ରମମାର୍ଗରେ କେହି ନେବା ଉଚିତ ନୁହେଁ। ସଂସ୍କାର ସବୁଥିରେ ଅଛି। ଖାଦ୍ୟ ଭୋଜନରେ କେହି ଧନ ଗହମକୁ ବିନା ସଂସ୍କାରରେ ଭୋଜନ କରୁନାହିଁ। ଚାଉଳ କେବଳ ଧାନରୁ ଆବଶ୍ୟକ ମନୁଷ୍ୟ ପାଇଁ କୁଣ୍ଡା ଗୋରୁଙ୍କ ପାଇଁ ଉଦ୍ଦିଷ୍ଟ ଚାଉଳ ଉଷୁନା ଅରୁଆ ଉଆ ଏପରି ତ୍ରିଧାରା ଅଛି ସେହି ଅରୁଆ ଚାଉଳ ଢ଼ିଙ୍କି କୁଟା ହେଲେ ଦେବଯୋଗ୍ୟ ମାତ୍ର କଳକୁଟା ଅଯୋଗ୍ୟ ଏବେ ଢ଼ିଙ୍କି ଅଦରକାରୀ। ସେଲର ମିଲର ଅରୁଆ ଚାଉଳ ଶୁଦ୍ଧ କୁହାଯାଇ ଦେବପୂଜାର ଉପାଦାନରେ ଚାଲୁଛି। ଦୁଗ୍ଧରୁ ଦହି ଦହି ଖୋଳାଯାଇ ଲହୁଣୀ, ଲହୁଣୀ ଫୁଟାଇଲେ ଘିଅ, ଏ ସଂସ୍କାର ଏବେ ତମାଦୀ ଏବେ ମିଲ୍‌ଟିଲିଂ ସେଣ୍ଟରରେ ଦୁଗ୍ଧରୁ ସିଧା ମାଖନ ବା ଲହୁଣୀ କାଢ଼ି ନେଇ ଘୃତ ପ୍ରସ୍ତୁତ ହେଉଛି। ହେଲେ ଦ୍ରବ୍ୟ ଗୁଣ ଶାସ୍ତ୍ର ଏସବୁକୁ ଶୁଦ୍ଧ ସଂସ୍କାରିତ ଚାଉଳ ବା ଦୁଗ୍ଧ ବା ଘୃତ କରୁନାହାଁନ୍ତି। ମମତା ମାଆ ଉଚ୍ଚଶିକ୍ଷିତା ବିପ୍ରକୁଳରେ ଜନ୍ମ ରାଜନେତାରୁ ଏକ ରାଜ୍ୟର ସମ୍ମାନିତ ମୁଖ୍ୟମନ୍ତ୍ରୀ ତାଙ୍କର ରାଜମନ୍ତ୍ରୀତା ଆମ ରାଜ୍ୟର ପ୍ରାକ୍ତନ ମୁଖ୍ୟମନ୍ତ୍ରୀଙ୍କ ସହ ବହୁକାଳ ଧରି ରହିଛି। ସେ ଜଗନ୍ନାଥ ଧାମ ପୁରୀରେ ଆସି ବହୁ ପୁରୋହିତଙ୍କ ସାନ୍ନିଧ ପାଇଛନ୍ତି। ବାରମ୍ବାର ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ହେଲେ ସେ ଏପରି ଭ୍ରମ କରିବେ ଓ ତାଙ୍କୁ ଅର୍ଥଲୋଭରେ ସମ୍ମତି ଜଣାଇ ଭୁଲକାମକୁ ବହୁ ଆଗେଇ ନେବା ଅର୍ଥଲୋଭୀ ପଣ୍ଡିତମାନେ ମଧ୍ୟ ଅପରାଧ ଭଗବାନଙ୍କ ପାଇଁ କରିବା ସହିତ ଶାସ୍ତ୍ରରେ ବଡ଼ ଅବମାନନା କରିଛନ୍ତି। ଗୁରୁ ନାନକ ସଂସାରର ଜଣେ ପ୍ରଖ୍ୟାତଗୁରୁ ସେ ଗୁରୁଗ୍ରନ୍ଥ ସାହେବର ଉଦ୍ୟୋକ୍ତା। ନାନକ ନାମ ଯାହାଜ ହେଁ’ ‘ଜପୁଜୀ ସାହେବ ତାଙ୍କରି କୃତି ଏବେ ବି ପାଠ ଗୁରୁଦ୍ୱାରରେ ସସମ୍ମାନରେ କରାଯାଉଛି ସେ ଶ୍ରୀକ୍ଷେତ୍ରକୁ ଆସିଛନ୍ତି। ତାଙ୍କର ଦୁଇଟି ମଠ ଏବେ ବି ଶ୍ରୀକ୍ଷେତ୍ରରେ ଅଛି। ସେ ଜଗନ୍ନାଥଙ୍କୁ ବହୁ ସମ୍ମାନ ଦେଖାଇଛନ୍ତି ସେ ଜଗନ୍ନାଥଙ୍କ ପ୍ରତିମା ବି ସାଥିରେ ନେଇ ଡେରାବାବା ନାନକ, ତାଲୱାଣ୍ଡିରେ ସ୍ଥାପନା କରିଛନ୍ତତି। ସେ ତ ତାହା ଜଗନ୍ନାଥ ଧାମ କହିପାରିଥାନ୍ତେ। ତ୍ରିପୁରାରେ ଜଗନ୍ନାଥ ମନ୍ଦିର ସେ ବି ଜଗନ୍ନାଥ ଧାମ କହିପାରିଥାନ୍ତେ। ମାଡ୍ରାଶରେ ଓଡ଼ିଶାର ନାମଧନ୍ୟ ଡାକ୍ତର ଶ୍ରୀକବି ମିଶ୍ରଙ୍କ ପ୍ରଚେଷ୍ଟାରେ ଜଗନ୍ନାଥ ମନ୍ଦିର ହୋଇଛି ସେ ବି ତାହା ଜଗନ୍ନାଥ ଧାମ କରିପାରିଥାନ୍ତେ ଆମ ଓଡ଼ିଶାରେ ହରିକଳବେଦ ମନ୍ଦିର ଓ ବଣ୍ଟିଆ ଜଗନ୍ନାଥ ମନ୍ଦିର ବାରିପଦାରେ ତତ୍କାଳୀନ ପ୍ରତାପୀ ଭଞ୍ଜ ରାଜାଙ୍କ ଦ୍ୱାରା ହୋଇଛି ସେ ବି ଜଗନ୍ନାଥ ଧାମ ଡାକ ଦେଇପାରିଥାନ୍ତେ। ଓଲଟି ଶ୍ରୀଗୁଣ୍ଡିଚାର ରଥଯାତ୍ରାର ପରଦିନ ସେଠାରେ ରଥଯାତ୍ରା କରାଯାଉଛି। କେନ୍ଦୁଝରର ରାଜା, ଢ଼େଙ୍କାନାଳର ମହାପ୍ରତାପୀ ରାଜାମାନେ ଜଗନ୍ନାଥ ମନ୍ଦିର କରିଛନ୍ତି ସେ ମନ୍ଦିର ଏବେ ବି ଭକ୍ତଙ୍କର କଣ୍ଠିଧନ ସେମାନେ କାହିଁକି ? ଧାମ କରିପାରି ନାହାଁନ୍ତି ? ଶାବର ଶ୍ରୀକ୍ଷେତ୍ର ଯାହାପାଇଁ ପୋଖରୀ ବାବୁଙ୍କ ଯଥେଷ୍ଟ ଅବଦାନ ରହିଛି ସେତ ଅଖଣ୍ଡ ଶାସନରେ ଥିଲେ ସେ ତାକୁ ଶାବର ଶ୍ରୀକ୍ଷେତ୍ର କହିଲେଖି ରଖିଲେ ସିନା ଧାମ ରୂପେ ଲୋକ ପ୍ରଚାର କରାଇପାରି ନାହାଁନ୍ତି।

ଆମର କେନ୍ଦ୍ରାପଡ଼ାରେ ତୁଳସୀ କ୍ଷେତ୍ର ପ୍ରଭୁଙ୍କର ଅଭୂତ ଲୀଳା କ୍ଷେତ୍ର ଭକ୍ତଙ୍କୁ ପ୍ରତ୍ୟକ୍ଷ ଭଗବାନ ରକ୍ଷା କରନ୍ତି। ଏ କ୍ଷେତ୍ରରେ ଲୀଳାମୟ ବଳରାମଙ୍କ ଲୀଳା ଦେଖାଇଛନ୍ତି। ଏଠାରେ ପ୍ରତିବର୍ଷ ରଥଯାତ୍ରା ହେଉଛି। ସର୍ବତ୍ର ଲୋକ ଧାଉଡ଼ି ହେଲେ ଏ ବି ଧାମ ଭାବରେ ନାହିଁ। ହେ ବିଦୁଷୀ ମାଆ ପ୍ରଭୁଙ୍କର ମନ୍ଦିର କରିବା ମନା ନାହିଁ ଠିକ ନିତି ବାନ୍ଧ ଠିକ ସେବାବନ୍ଧ ବହୁ ଆଗକୁ କିପରି ମନ୍ଦିର ଦିଅଁ ଚାଲିବ ଏ ବ୍ୟବସ୍ଥା ଟିକେ ଭାବ କରିଯାଅ। ସବୁଦିନେ ଆପଣ ଶାସନରେ ରହିବେ ରାଜ୍ୟ ପ୍ରଜାଙ୍କ ଧନକୁ ବିନା ଦ୍ୱିଧାରେ ଏଥିରେ ବିନିଯୋଗ କରିବେ ଏକଥା ଭାବନା। ଆପଣ ବଙ୍ଗ ପ୍ରଶାସିକା ମୁଖ୍ୟମନ୍ତ୍ରୀ ହୋଇ ଏକ ପୀଠ ଆପଣଙ୍କ ରାଜ୍ୟରେ କରିଛନ୍ତି ଏହା ହେଉ ମାତ୍ର ମୂଳପୀଠରେ ପ୍ରତିଦ୍ୱନ୍ଦୀ ଭାବରେ ଆପଣ କରିବା ଏହି କ୍ଷେତ୍ରକୁ ସାମିଲ କରୁନାହାଁନ୍ତି। ଏହା ପ୍ରବଳ ଶାସ୍ତ୍ର ବିରୁଦ୍ଧ କାର୍ଯ୍ୟ। ଭଲ ହୋଇଥାନ୍ତ ଜଗନ୍ନାଥ ଦକ୍ଷିଣାକାଳୀ ତନ୍ତ୍ରରେ ଧରାଯାଏ, ଆପଣ କାଳୀ ମାଆରଙ୍କ ପ୍ରପୂଜିତା ଭୂମିର ଲୋକ ହୋଇ ଏହାକୁ ତାନ୍ତ୍ରିକ ଜଗନ୍ନାଥ ପୀଠ କରାଇଥିଲେ ଅନେକ ଭଲ ହୋଇଥାନ୍ତି। କାଳୀଘାଟର କାଳୀ, ଚିତେତଶ୍ୱରୀକାଳୀ, ଠକ ଠଣିଆଁର କାଳୀ ଦକ୍ଷିଣେଶ୍ୱର ରାଣୀ ରସମଣୀଙ୍କ ପ୍ରତିଷ୍ଠିତ ଭାବତାରିଣୀ କାଳୀ ପରି ବିଖ୍ୟାତ ବିଖ୍ୟାତ କାଳୀ ମନ୍ଦିରକୁ ସମ୍ମାନ ଦେଇ ଏପରି ତନ୍ତ୍ର ମତର କରିଥିଲେ ଅନେକ ଭଲ ହୋଇଥାନ୍ତି। ଆପଣ ରାଜ୍ୟରେ କାଳୀପୂଜା ଓ ଦୁର୍ଗାପୂଜା ଏକ ଯାକଯମକ ପର୍ବ ଜଗନ୍ନାଥଙ୍କ ଦୁର୍ଗାଙ୍କର ସମ୍ବଳ ଦୁର୍ଗା ମାଧବ ମନ୍ଦିର କରି ଏକ ମହାନ ସ୍ମୃତି ରଖି ପାରିଥାନ୍ତେ। ବହୁ ଶାସ୍ତ୍ରଜ୍ଞାତା ମାନଙ୍କୁ ପ୍ରକୃତରେ ଆପଣ ପରାମର୍ଶ ନକରି ସଂକୀର୍ଣ୍ଣମନା ତନ୍ତ୍ର ସ୍ମୃତି ପ୍ରାମାଣିକ ଶାସ୍ତ୍ରଜ୍ଞାନ ଅଭାବୀଙ୍କ ମତରେ କାମ କରି କୌଣସି ସବଳ ଗ୍ରହ ବୃହସ୍ପତି ଶନି ଉଚ୍ଚସ୍ଥ ବା ବର୍ଗୋମେ ମୂଳତ୍ରିକୋଣରେ ନଥିବାବେଳେ କେବଳ ରବି ଚନ୍ଦ୍ରଙ୍କ ଉଚ୍ଚସ୍ଥିତିରେ କରିଛନ୍ତି ଏହା କେବେ ହେଲେ ସୁଦୂର ପ୍ରସାରୀ ହେବ ଏମାନ୍ୟତା ଶାସ୍ତ୍ରର ନୁହଁ। ରାହୁଶନି ଏକ ରାଶିରେ ଜଣେ, ଛାୟା ସାଧିକାର ପୁତ୍ର ଆଉ ଜଣେ ଛାୟା ପୁତ୍ର ଏମାନେ ପରସ୍ପର ବନ୍ଧୁ ବେଳେ ଏକ ନକ୍ଷତ୍ରରେ ସହବସ୍ଥାନ ବେଳେ ଏକ କପଟ ସମୟରେ ଲପରି ମନ୍ଦିର କରିବା କେବେ ଶୁଭ ହେବ ଏକଥା କେହି ଭାବିବେ ଏମିତି ଜଣାପଡୁନାହିଁ। ଏବେ ବି ବଙ୍ଗରାଜ୍ୟର ଅନେକ ରୋଗୀ କଟକ ବଡ଼ମେଡ଼ିକାଲ ଚିକିତ୍ସା ପାଇଁ ଆସୁଛନ୍ତି, ଯଦି ଏଇ ମନ୍ଦିର ପାଇଁ ଉଦ୍ଦିଷ୍ଟ ପଇସାରେ ଏକ ମୂଲ୍ୟବାନ ଦାତବ୍ୟ ଚିକିତ୍ସାଳୟ ସେହିଠାରେ କରିପାରିଥାନ୍ତେ ତେବେ କେତେ ମଙ୍ଗଳ ହୋଇନଥାନ୍ତା। ବଙ୍ଗୋପସାଗର, ମାନ୍ଦ୍ରାଜରେ ଅଛି ପଣ୍ଡିଚେରୀରେ ଅଛି ଗୋପାଳପୁରରେ ଅଛି, ବିଶାଖାପାଟଣାରେ ଅଛି ଏପରିକି ଚାନ୍ଦୀପୁରରେ ଅଛି ଓ ବଙ୍ଗ ରାଜ୍ୟରେ ଅର୍ଥ ଏସବୁ ସାଗର ଉପକଣ୍ଠ ବେଳାଭୂମି ହେଲେ ପୁରୀର କେବଳ ମହୋଦଧି ଅନ୍ୟତ୍ର ଏ ଡାକ ନାହିଁ। ଅଛି ଆପଣ ରାଜ୍ୟରେ ଗଙ୍ଗା ସାଗର ଯାହା ଅନ୍ୟତ୍ର ହୋଇନପାରେ।

*ବରେଣ୍ୟ ବାଣୀ’ ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩*

# ଦଳାଚକଟା ମଣିଷକୃତ



ସୌଭାଗ୍ୟ ରଂଜନ ମହାନ୍ତି

ଏହା ନିଷ୍ଠୁର ସତ୍ୟ ଯେ, ଆମ ଦେଶରେ ଜୀବନ ଅତି ଶସ୍ତା। କୌଣସି କ୍ଷେତ୍ରରେ ଜୀବନ ହାନୀକୁ ସୁଯୋଗ ଦିଆଯିବ ନାହିଁ ବୋଲି ରାଜ୍ୟଠାରୁ ଆରମ୍ଭ କରି କେନ୍ଦ୍ର ସରକାରଙ୍କ ପର୍ଯ୍ୟନ୍ତ ସମସ୍ତେ ଡିଣ୍ଡିମ ପିଟୁଥିବାବେଳେ ବାସ୍ତବ କ୍ଷେତ୍ରରେ ଏହା ପ୍ରତିଫଳିତ ହୁଏ ନାହିଁ, ଯେ କେହି ସ୍ୱୀକାର କରିବେ। ଜୀବନ ଶସ୍ତା-ଏଭଳି ଘଟଣା ବାରମ୍ବାର ସତ୍ୟରେ ପରିଣତ ହୋଇଛି। ଗତ ୩ତାରିଖ ଦିନ ରାତ୍ରିରେ ବେଙ୍ଗାଲୁରସ୍ଥିର ଏମ.ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଘଟଣା ହେଉଛି, ଏହାର ଜ୍ୱଳନ୍ତ ଉଦାହରଣ ବୋଲି ନିସନ୍ଦେହରେ କୁହାଯାଇପାରିବ। ଦେଶରେ ଗଲା ଏକ ମାସରୁ ଅଧିକ ସମୟ ଧରି ଚାଲିଥିବା ଆଇପିଏଲ କ୍ରିକେଟ ମ୍ୟାଚର ଫାଇନାଲରେ ରୟାଲ ଚ୍ୟାଲେଞ୍ଜର ବେଙ୍ଗାଲୁର (ଆରସିବି) ଟିମର ବିଜୟ ଉତ୍ସବରେ କ୍ରିକେଟ ପ୍ରେମୀଙ୍କ ମଧ୍ୟରେ ଦଳାଚକଟାରେ ୧୧ଜଣଙ୍କ ମୃତ୍ୟୁ ଘଟଣା ଏହି ସଂକେତ ପ୍ରଦାନ କରେ।

ଏହା ସତ୍ୟ ଯେ, ଆଇପିଏଲ ଟ୍ରଫି ପାଇଁ ଆରସିବିକୁ ଦୀର୍ଘ ୧୮ବର୍ଷ ଧରି ଅପେକ୍ଷା କରିବାକୁ ପଡିଥିଲା। ଏହି ବଜୟ ନେଇ କର୍ଣ୍ଣାଟକରେ କେବଳ ଆରସିବି ନୁହେଁ କି କ୍ରିକେଟ ପ୍ରେମୀ ନୁହଁନ୍ତି, ସମଗ୍ର କର୍ଣ୍ଣାଟକରେ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ରାଜ୍ୟ ସରକାର ଏବଂ ଦଳମତ ନିର୍ବିଶେଷରେ ସମସ୍ତ ରାଜନୈତିକ ଦଳଗୁଡିକର ଉତ୍ସାହ ବେଶ ପରିଲକ୍ଷିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ସିଦ୍ଧାରାମୟାଙ୍କ ଠାରୁ ଆରମ୍ଭ କରି ଉପ-ମୁଖ୍ୟମନ୍ତ୍ରୀ ଡି.କେ. ଶିବ କୁମାର, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଜେଡିଏସ ନେତା ଏଚଡି କୁମାର ସ୍ୱାମୀ, ବିଜେପି ନେତା ଭି.ୟାଦୁରେପ୍ପାଙ୍କ ପର୍ଯ୍ୟନ୍ତ ସମସ୍ତ ଦଳର ନେତା ଓ କର୍ମୀଙ୍କ ଆରସିବିର ବିଜୟ ପାଇଁ ନିଜକୁ ଗର୍ବିତ ଅନୁଭବ କରୁଥିଲେ। ଫାଇନାଲ ମ୍ୟାଚ ଫଳାଫଳ ପରେ ବିଜୟ ଉତ୍ସବ ପାଇଁ କୌଣସି ନିଷ୍ପତି ଗ୍ରହଣ କରାଯାଇନଥିବା ସତ୍ତ୍ୱେ ଆରସିବି ବିଜୟ ଉନ୍ମାଦନା ସତର୍କତାମୂଳକ ପଦକ୍ଷେପ ପଦକ୍ଷେପ ବିନା ଯେପରି ବିଜୟ ଉତ୍ସବ ଅନୁଷ୍ଠିତ କରାଗଲା, ତାହା କେବଳ ଅପରିଣାମ ଦର୍ଶିତାର ପରିଣାମ ହୋଇନାହିଁ ମୃତ୍ୟୁର ତାଣ୍ଡବ କରିଛି। ଏଣିକି ଉନ୍ମାଦନା ଶୋକାକୂଳ ପରିବେଶରେ ପରିଣତ ହୋଇଥିଲା। ଏଇ ସାଲ କପ ନାମଦେ। ଚଳିତ ବର୍ଷ ଆମର ଏହା ହିଁ ଲୋକଙ୍କ ସ୍ଲୋଗାନ। ଷ୍ଟାଡିୟମର ସାମର୍ଥ୍ୟ ମାତ୍ର ୩୫ ହଜାର ଥିବାବେଳେ ବିଜୟ ଉତ୍ସବ ଦେଖିବାକୁ ୨ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ସମବେତ ହୋଇଥିଲେ। ଭିଡ ଏତେ ମାତ୍ରାରେ ଥିଲା ଯେ, ଶେଷରେ ଦଳାଚକଟା ଘଟି ୧୧ଜଣଙ୍କ ମୃତ୍ୟୁ ଘଟିବା ସଙ୍ଗେ ସଙ୍ଗେ ୫୦ରୁ ଉର୍ଦ୍ଧ୍ୱ ଗୁରୁତ୍ୱର ଭାବେ ଆହତ ହୋଇଛନ୍ତି। ଷ୍ଟାଡିୟମ ଭିତରେ ଓ ବାହାରେ ପଡିଥିବା ମାଳମାଳ ଚପଲ, ଯୋତା, ହାତ ଘଂଟା ଏବଂ ଅନ୍ୟାନ୍ୟ ସାମଗ୍ରୀ ଭିତର ତୀବ୍ରତା ସଂକେତ ପ୍ରଦାନ କରେ। ଏହା ନିନ୍ଦେହ ଯେ, ଆମ ଦେଶରେ ଦଳାଚକଟା ଘଟଣା ନୂଆ ନୁହେଁ, ଗତବର୍ଷ ଆମେ ମହାକୁମ୍ଭ ମେଳା, ନୂଆଦିଲ୍ଲୀ ରେଳଷ୍ଟେସନରେ କୁମ୍ଭମେଳାକୁ ଯାଉଥିବା ଶ୍ରଦ୍ଧାଳୁ, ହାଥରସ ସମାବେଶ, ତିରୁପତି, ହାଇଦ୍ରାବାଦରେ ପୁଷ୍ପା-୨ ଚଳଚିତ୍ରର ପ୍ରମୋଶନ ଇଂଭେଟରେ ଦଳାଚକଟାରେ ମୃତ୍ୟୁର ତାଣ୍ଡବ ଦେଖିଛେ। ତେବେ ଏଭଳି ଘଟଣା ଆମକୁ ମହାନ ଶିକ୍ଷା ଦେଇଥିବା ବେଳେ ସେଥିରୁ ସରକାର କିମ୍ବା ପୋଲିସ କିଛି ଶିକ୍ଷା କରିପାରିନଥିବା ମନେହୁଏ।

ଚିଦାସ୍ୱାମୀ ଷ୍ଟାଡିୟମରେ ଦଳାଚକଟା ଘଟଣାକୁ ଏଡାଯାଇପାରିଥାନ୍ତା। ଏହି ଘଟଣାକୁ ମଣିଷକୃତ ବୋଲି କୁହାଯାଇପାରିବ। ବେଙ୍ଗାଲୁର ଦଳାଚକଟା ଘଟଣା ପାଇଁ ସରକାର, ପୋଲିସ ଓ ପ୍ରଶାସନ ସମ୍ପୂର୍ଣ୍ଣ ଦାୟୀ ବୋଲି କହିଲେ ଭୁଲ ହେବ ନାହିଁ। ପ୍ରଥମେ ବିଜୟ ଉତ୍ସବକୁ ବାତିଲ କରାଯାଇଥିବାବେଳେ ପରେ ଏଥିପାଇଁ ଅନୁମତି ଦିଆଗଲା କିପରି ? ଏହା ନିସନ୍ଦେହ ଯେ, ସମ୍ଭାବ୍ୟ ଭିଡକୁ ବେଙ୍ଗାଲୁର ପୋଲିସ ପ୍ରଶାସନ ଆକଳନ କରିପାରିନଥିଲା କି କୌଣସି ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିନଥିଲା। କେବଳ ପୋଲିସ ପ୍ରଶାସନ କିମ୍ବା ସରକାର ନୁହଁନ୍ତି, କ୍ରିକେଟ ପ୍ରେମୀଙ୍କ ଅତିଶୟ ଉନ୍ମାଦନା ଏଥିପାଇଁ ଦାୟୀ। ଏହା ସତ୍ୟ ଯେ, ଭିଡ ନିୟନ୍ତ୍ରଣ ସରକାର ଏବଂ ପୋଲିସର ଦାୟିତ୍ୱ କିନ୍ତୁ ସରକାର ତାଙ୍କ ଦାୟିତ୍ୱ ସଠିକ୍ ଭାବେ କରିନାହାଁନ୍ତି। ଯାହାର ପରିଣତି ସ୍ୱରୂପ ସାଧାରଣ ନାଗରିକଙ୍କୁ ଜୀବନ ଦେବାକୁ ପଡ଼ିଛି। ବିପନ୍ନ ପରିବାରଙ୍କୁ ପର୍ଯ୍ୟାପ୍ତ କ୍ଷତିପୂରଣ ଦିଆଯିବା ଆବଶ୍ୟକ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨ ମୋବାଇଲ ନଂ- ୭୯୭୮୬୬୬୪୦୩**

## ଦେଶ ପାଳୁଛି ବିଶ୍ୱ ପରିବେଶ ଦିବସ

# କୋଇଲା ଖଣିର ଆଁ ଭିତରେ ହଜିଗଲା ପତ୍ରାପାଲିର ଶାଳବନ

## ଧର୍ଷିତା ଧରିତ୍ରୀ ଖୋଜୁଛି ନୂଆଁ ଜୀବନ



**ସମ୍ବଲପୁର,(ଡିକେ ନ୍ୟୁଜ୍):** ପ୍ରକୃତିର ଧରିତ୍ରୀ ମାଁ ଉପରେ ଚାଲିଛି ବଡ଼ ପ୍ରଘାତ। ପ୍ରତିଦିନ ହେଉଛି ଧର୍ଷିତା। ଧରିତ୍ରୀ ମାଁ ଉପରେ ବଢୁଥିବା ଛନଛନିଆ ଜୀବନ ଉପରେ ମଧ୍ୟ ଚାଲିଛି କୁଠାରଘାତ। ଟାଙ୍ଗିଆ ଓ କରତରେ କଟି ମାଟିରେ ମିଶିଯାଉଛି ମହା ପୁଣ୍ୟର ମହାଜୀବନ। ସମ୍ବଲପୁର- ଝାରସୁଗୁଡ଼ା ଜିଲ୍ଲା ସୀମାବର୍ତ୍ତୀ ପତ୍ରାପାଲି ଜଙ୍ଗଲର ଏଭଳି କରୁଣ କାହାଣୀ ପରିବେଶବିତମାନଙ୍କୁ ହତଚକ୍କିତ କରି ଦୋହଲାଇ ଦେଇଛି। ଏହି ପତ୍ରାପାଲି ଦିନେ ଥିଲା ଶାଳବନରେ ପରିପୂର୍ଣ୍ଣ। ଏହାର ସୁରକ୍ଷା ପାଇଁ ଦିନରାତି ଏକ କରି ଦେଇଥିବା ତ୍ୟାଗୀ ପ୍ରକୃତି ବନ୍ଧୁଙ୍କୁ ଦିନେ ଭାରତ ସରକାରଙ୍କ ପକ୍ଷରୁ ପ୍ରକୃତିମିତ୍ର ପୁରସ୍କାର ଦିଆଯାଇଥିଲା। ସେହି ପ୍ରକୃତି ପୁରୁଷ କିନ୍ତୁ ଆଜି ଲଙ୍ଗଳା। ନିଜ ମନ ପ୍ରାଣ ଦେଇ ଶାଳବନର ଗାରିମା ଆଣିଥିବା ଜଙ୍ଗଲ ହତ୍ୟାର ବିରୋଧ କରି ଥାନା ହାଜତକୁ ଯିବା ଭଳି ଘଟଣା ଘଟିସାରିଲାଣି। ଦୁର୍ଲ୍ଲଭ ଜୀବନ ପାଇଁ ତ୍ୟାଗୀ ମଣିଷକୁ ମହାଙ୍ଗା ହୋଇଗଲାଣି ଶିଳ୍ପ ମନ୍ତ୍ରଣାୟ ଶିଳ୍ପଯଜ୍ଞରେ ଛନ୍ଦି ହୋଇପଡିଥିବା ପ୍ରଶାସନ ପ୍ରକୃତିମିତ୍ର ବା ପ୍ରକୃତିବନ୍ଧୁକୁ ବି ଛାଡୁନି। ଦେଉଛି ଯନ୍ତ୍ରଣା। ଯାହାର ଦୁଃଖ ବୋହିବାକୁ ପଡିଛି ଏବେ ପତ୍ରାପାଲି ଗାଁର ସୁବାସ ବିଶ୍ୱାଳ (୫୦)ଙ୍କୁ। କୋଇଲା ଖଣି ପାଇଁ ବିସ୍ତୃତ ଶାଳବନ ଭୂଲୁଣ୍ଠିତ ହେଉ ପଛେ, କିନ୍ତୁ ସେହି ଶାଳବନର ସୁରକ୍ଷା ପାଇଁ ଯିଏ ଲୋକଙ୍କ ଆଦର ପାଉଥିଲେ ଓ ଶେଷରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରକୃତିମିତ୍ର ସମ୍ମାନ ଲାଭ କରିଥିଲେ ତାଙ୍କ ଉପରେ ନାଲିଆଖି ପଡିବାରୁ ଶାଳବନ ପାଲଟି ଗଲା କୋଇଲା ଖଣିର ଖାଦାନ। ଶିଳ୍ପ ମନ୍ତ୍ରଣାରେ ପ୍ରକୃତି ପୁରୁଷକୁ ଯନ୍ତ୍ରଣା ଭଳି ଘଟଣା ଦିନକୁ ଦିନ ବଢ଼ିବାକୁ ଲାଗିଥିବା ବେଳେ ବନ ସୁରକ୍ଷା ପ୍ରତି କାହାର ସୁଦ୍ଧା ତିଳେ ମାତ୍ର ନଜର ନାହିଁ। ଫଳରେ ଧରିତ୍ରୀ ମାଟି ମା’ ଉପରେ ଚାଲିଛି ପ୍ରତିଦିନ ବସ୍ତ୍ର ହରଣ। ଲୋପ ପାଇବାକୁ ଯାଉଛି ପ୍ରକୃତିର ସବୁଜିମା। ସୁବାସ ବିଶ୍ୱାଳ (୫୦), ଯଦୁମଣି ସାହୁ (୭୨) ଏବଂ ସୁରୁ ମୁଣ୍ଡା (୬୦) ଭଳି ପ୍ରକୃତି ପ୍ରେମୀ ଶିଳ୍ପ ମନ୍ତ୍ରଣାର ଚକ୍ଷୁଶିଳ। ଏହି ପ୍ରମୁଖ ବ୍ୟକ୍ତି ବିଶେଷ ଶାଳବନକୁ ସୁରକ୍ଷା ଦେବାକୁ ସଂଗ୍ରାମ କରୁଥିବା ସତ୍ତ୍ୱେ ତଲାବିରା କୋଇଲା ଖଣି ଖନନ ପାଇଁ କିଛିଦିନ ପୂର୍ବରୁ ପ୍ରାଶାସନିକ ପ୍ରତିନିଧି ଓ କମ୍ପାନୀ ପ୍ରତିନିଧିଙ୍କ ମିଳିତ ଉଦ୍ୟମରେ ପ୍ରାୟ ୨୦ ହେକ୍ଟର୍ ଜମିରୁ ଶହଶହ ସଂଖ୍ୟାରେ ମୂଲ୍ୟବାନ ଶାଳ, ପିଆଶାଳ ଏବଂ ଚାର ଗଛକୁ କାଟି ଦିଆଯାଇଥିବା ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଥିଲେ। ଏପରିକି କଟାଯାଇଥିବା ଗଛଗୁଡ଼ିକ କାଟିବା ପୂର୍ବରୁ ନମ୍ବର ମଧ୍ୟ କରାଯାଇ ନଥିବା ସେମାନେ ସେତେବେଳେ ଅଭିଯୋଗ ଆଣିଥିଲେ। ଅଭିଯୋଗ କିନ୍ତୁ ଅଭିଯୋଗରେ ରହିଯାଥିବା ବେଳେ ଧରିତ୍ରୀ ମାଟି ମାଁ ପାଇଁ କ୍ରନ୍ଦନର ସ୍ୱର ପାଣି ଫୋଟକା ପରି ପାଣିରେ ମିଳେଇଗଲା। ଦିନେ ଯେଉଁ ଜଙ୍ଗଲକୁ ଶାଳବଣର ମାନ୍ୟତା ଦିଆଯାଇଥିଲା। ଏବେ ସରକାରୀ ନଥିପତ୍ରରେ ତା’କୁ ପଥରବଣ ଭାବେ ଦର୍ଶାଯାଉଛି । ପର୍ଯ୍ୟାୟ ପରେ ପର୍ଯ୍ୟାୟ ଏପରି ୪ଟି ପର୍ଯ୍ୟାୟରେ ଗଛ କାଟି ପତ୍ରାପାଲି ଶାଳବନ ଏବେ ଟାଙ୍ଗରା ଭୁଇଁରେ ପରିଣତ ହେଲା। ଚାଲିଲା କୋଇଲା ଖଣନ। ହଜିଗଲା ସବୁଜିମା। ଏବେ କଳା ରାକ୍ଷସ ପରି ଆଁ କରି ମେଲେଇ ରହିଛି ଇତିହାସ ହୋଇ ଥିବା ଶାଳବନ। ଶିଳ୍ପ ସ୍ୱାର୍ଥ ପରିବେଶ ପ୍ରକୃତି ଶାଳବନକୁ ସଜେଇ ଦେଲା ପଥରବଣରେ। ବଦଳି ଗଲା ସରକାରୀ ନଥିପତ୍ର। ହଜି ଗଲା ସ୍ମୃତି, ଏବେ କାନ୍ଦୁଛି ଧରିତ୍ରୀ ମାଟି। ଖୋଜିଛି ନୂଆଁ ଜୀବନ। କିନ୍ତୁ ସବୁ ଢିଲା ମେଳାର ଶାସନତନ୍ତ୍ରରେ ପତ୍ରାପାଲି କିନ୍ତୁ ହରାଇଲା ନିଜର ଗୌରବ। ସବୁଜିମାର ବଳୟ ଭିତରେ ଥିବା ପତ୍ରାପାଲି ଏବେ ଲଙ୍ଗଳା ହୋଇ କଳା ଆସ୍ତରଣରେ ଛାତି ମେଲେଇ ପଡିଛି। ଏହାର ପାଖତଳ ମାଡିବାକୁ ଯେମିତି ଆଉ କେହିନାହାନ୍ତି। ପତ୍ରାପାଲି ଶାଳବନ ଆଜି ବିବସ୍ତ୍ରା, ଶ୍ରୀକୃଷ୍ଣ ନଥିଲେ ବୋଲି ହୋଇଗଲା ବସ୍ତ୍ର ହରଣ। ବନ ବିଭାଗ ଦେଇଥିବା ସୂଚନା ଅନୁସାରେ, ତଲାବିରା କୋଇଲା ଖଣି ପାଇଁ ତଲାବିରା, ପତ୍ରାପାଲି, ମାଲଦା, ଡୁମେରମୁଣ୍ଡା ଏବଂ ରାମପୁର ଗାଁର ସମୁଦାୟ ୧୦୩୮.୧୮୭ ହେକ୍ଟର ଜଙ୍ଗଲ ବଳି ପଡ଼ିବା ଏଥିରେ ଶହଶହ ବର୍ଷର ପୁରୁଣା ପତ୍ରାପାଲି ଜଙ୍ଗଲ ଅନ୍ୟତମ। ୨୦୬.୧୩୯ ହେକ୍ଟର ପରିମିତ ଏହି ଜଙ୍ଗଲର ୭୩.୬୨୬ ହେକ୍ଟର୍ ରାଜସ୍ୱ ଓ ୧୩୨.୫୧୩ ହେକ୍ଟର ଜିଲ୍ଲାସ୍ତରୀୟ କମିଟି ଜଙ୍ଗଲ ଥିବା ନେଇ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ଜଣାପଡ଼ିଛି। ସ୍ଥାନୀୟ ଅଧିବାସୀମାନେ କହନ୍ତି, ହୀରାକୁଦ ନଦୀବନ୍ଧର ଅନେକ ବିସ୍ଥାପିତ ପରିବାର ପତ୍ରାପାଲି ଜଙ୍ଗଲକୁ ନିଜର ଆଶ୍ରୟସ୍ଥଳ କରିଥିଲେ। ଫଳରେ ସେଠାରେ ଗଢ଼ି ଉଠିଥିଲା ପତ୍ରାପାଲି ଗାଁ। ଏହି ଜଙ୍ଗଲରେ ଥିବା ଚାର, ମହୁଲ, କେନ୍ଦୁ ସମେତ ବିଭିନ୍ନ ପ୍ରକାର ଜଙ୍ଗଲଜାତ ସାମଗ୍ରୀ ସଂଗ୍ରହ କରି ଲୋକେ ଜୀବିକା ନିର୍ବାହ କରୁଥିଲେ। ସମୟକ୍ରମେ ପତ୍ରାପାଲି ଜଙ୍ଗଲର ସୁରକ୍ଷା ସ୍ଥାନୀୟ ଅଧିବାସୀଙ୍କ ଆବଶ୍ୟକତାରେ ପରିଣତ ହୋଇଥିଲା। ୭୦ ଦଶକ ବେଳକୁ ଜଙ୍ଗଲ ସୁରକ୍ଷା ପାଇଁ ଗ୍ରାମବାସୀଙ୍କ ଉଦ୍ୟମରେ ବନ ସୁରକ୍ଷା କମିଟି ଗଠନ କରାଗଲା। ପ୍ରତିଦିନ ଗାଁର ୪ ଜଣ ବ୍ୟକ୍ତି ଜଙ୍ଗଲ ଜଗିବା ଦାୟିତ୍ୱରେ ରହିଲେ ଏପରିକି ଜଙ୍ଗଲରୁ ସଂଗୃହୀତ କେନ୍ଦୁପତ୍ର, ଶାଳମଞ୍ଜି ଆଦି ବନଜାତ ଦ୍ରବ୍ୟର ବିକ୍ରି ଓ ଅନ୍ୟ ସ୍ରୋତରୁ ରାଜସ୍ୱ ସଂଗ୍ରହ ହେଲା। ପତ୍ରାପାଲି ଜଙ୍ଗଲ ଯୋଗୁଁ ୧୯୮୧ ମସିହାରେ ପତ୍ରାପାଲି ହାଇସ୍କୁଲ ନିର୍ମାଣ ହୋଇଥିଲା। ଶିକ୍ଷାର ଜଳିଥିଲା ମହାଦୀପ। ଜଙ୍ଗଲ ପରିଚାଳନା ଏତେ ବ୍ୟବସ୍ଥିତ ଥିଲା ଯେ ସରକାର ଏଥିରେ ପ୍ରଭାବିତ ହୋଇଥିଲେ। ୧୯୯୧ ମସିହାରେ ଜଙ୍ଗଲ ସୁରକ୍ଷା ପାଇଁ ଭାରତ ସରକାରଙ୍କ ସହିତ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ବନ ବିଭାଗର ୪ ଜଣ ଗାର୍ଡ ମଧ୍ୟ ଲୋକଙ୍କ ସହିତ ଜଙ୍ଗଲ ଜଗିବାକୁ ଲାଗିଲେ। ସମୟକ୍ରମରେ ଜଙ୍ଗଲ କମିଟିରେ ଲୋକଙ୍କ ଭାଗିଦାରୀ ଦୁର୍ବଳ ଏବଂ ବନ ବିଭାଗର ଭୂମିକା ଅଧିକ ରହିଲା। ବନ ବିଭାଗ ନିଜର କ୍ଷମତା ବଳରେ ଚାପିଦେଲା ଲୋକଙ୍କ ସ୍ୱର। ୨୦୨୦ ମସିହାରେ ଅଚାନକ ବନ ବିଭାଗ ପକ୍ଷରୁ ଜଙ୍ଗଲ କମିଟି ପୁନର୍ଗଠନ ପାଇଁ ବନ ଅଧିକାରୀଙ୍କ ପ୍ରସ୍ତାବକୁ ଗ୍ରାମବାସୀ ଗ୍ରହଣ କଲେ। ଜଙ୍ଗଲ କମିଟି ପୁନର୍ଗଠନର ଏକ ସପ୍ତାହ ପରେ ଜଙ୍ଗଲ କାଟିବାର ବିଜ୍ଞପ୍ତି ଜାରି ହେଲା। ୨୦୨୧ ମସିହାରୁ ୪ଟି ପର୍ଯ୍ୟାୟରେ ପତ୍ରାପାଲି ଜଙ୍ଗଲ କଟିଛି। ପରବର୍ତ୍ତୀ ଦିନରେ ବି ଏହି ପ୍ରକ୍ରିୟା ବଳବତ୍ତର ରହିଲା। ପର୍ଯ୍ୟାୟ କ୍ରମରେ ଏହା ଚାଲିବା ଫଳରେ ହଜିଗଲା ପତ୍ରାପାଲିର ଶାଳ ବନ। ଏବେ ସେହି ହତ୍ୟାର ଶିକାର ହୋଇଥିବା ଧର୍ଷିତା ଧରିତ୍ରୀ ଖୋଜୁଛି ନିଜ ଜୀବନର ରାହା। ହେଲେ ସାହା ହେବାକୁ ଏବେ ଆଉ କେହି ନାହାଁନ୍ତି। ଶିଳ୍ପର କଳା ଧୂଆଁ ଚଆସ୍ତରଣ ଓ ବୁକୁଫଟା ଉଚ୍ଚ କ୍ଷମତା ସମ୍ପନ୍ନ ବିସ୍ଫୋରଣ ଭିତରେ କଟୁଛି ଜୀବନ। ପ୍ରଖର ରୌଦ୍ରତାପରେ ଜଳୁଛି ସିନା ଜୀବନ, କିନ୍ତୁ ଏହାର ପୂର୍ବ ପରିଚୟ ଫେରାଇ ଆଣିବାକୁ ନାହିଁ ଏବେ କୌଣସି ଯୋଜନା କୌଶଳ। ଜଙ୍ଗଲ ବିକାଶ ଏବେ ବାଟବଣା ହୋଇଥିବା ବେଳେ ଇତିହାସ ଗର୍ଭରେ ହଜିଯାଇଛି ପତ୍ରାପାଲିର ହୃତଗୌରବ।

## ଜେଏସପି ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ: ପ୍ଲାଷ୍ଟିକ ହ୍ରାସ ଓ ସବୁଜ ଭବିଷ୍ୟତ ଉପରେ ଗୁରୁତ୍ୱ




**ଅନୁଗୁଳ,(ଡିକେ ନ୍ୟୁଜ୍):** ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି) ପକ୍ଷରୁ ଅନୁଗୁଳ ପ୍ଲାଣ୍ଟ ପରିସରରେ ବେଶ ଉତ୍ସାହର ସହ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ବିଟ୍ ପ୍ଲାଷ୍ଟିକ ପଲ୍ୟୁସନ ବା ପ୍ଲାଷ୍ଟିକ୍ ପ୍ରଦୂଷଣକୁ ପରାସ୍ତ କରନ୍ତୁ; ଏହି ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ଲାଣ୍ଟ ପରିସରରେ ମିନି ମାରାଥନ, ବୃକ୍ଷରୋପଣ ସମେତ ଅନେକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଦୂଷଣ ବୋର୍ଡର ବୈଜ୍ଞାନିକ ଡ. ପ୍ରଫୁଲ୍ଲ କୁମାର ବେହେରା, ଜେଏସପିର ସଭାପତି (ଇସ୍ପାତ ଓ ଉପଯୋଗୀତା) ଅତୁଲ ଦୁବେ, ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଦିଲ୍ଲୀପ ସିହ୍ନା, ଯୋଗଗୁରୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀ, ସମସ୍ତ ବିଭାଗୀୟ ମୁଖ୍ୟ, କର୍ମଚାରୀ, ସେମାନଙ୍କ ପରିବାର ଓ ସ୍ଥାନୀୟ ଜନସାଧାରଣ ଅଂଶଗ୍ରହଣ କରିଥିଲେ। ପରିବେଶ ପାଇଁ ଦୌଡ଼ରୁ ବିଶ୍ୱ ପରିବେଶ ଦିବସ ପାଳନ ଆରମ୍ଭ ହୋଇଥିଲା। ଶ୍ରୀ ଅତୁଲ ଦୁବେ ସବୁଜ ପତାକା ଦେଖାଇ ଏହି ଗଣଦୌଡ଼ର ଶୁଭାରମ୍ଭ କରିଥିଲେ। ଏହା ପରେ ବୃକ୍ଷରୋପଣ କରାଯାଇଥିଲା। ଯେଉଁଥିରେ ୫ଶହରୁ ଅଧିକ ଚାରା ରୋପଣ କରାଯାଇଥିଲା। ଏହି ଅବସରରେ ଜେଏସପି ଅଧ୍ୟକ୍ଷ ତଥା ତୃତୀୟ ଥର ପାଇଁ କୁରୁକ୍ଷେତ୍ରରୁ ନିର୍ବାଚିତ ସାଂସଦ ନବୀନ ଜିନ୍ଦଲ ସୋସିଆଲ ମିଡ଼ିଆ ପୋଷ୍ଟରେ ଲେଖିଛନ୍ତି; ପ୍ଲାଷ୍ଟିକ ପ୍ରଦୂଷଣର ପ୍ରଭାବ ସୁଦୂରପ୍ରସାରୀ। ଏହା ଗୁରୁତର ଭାବେ ଆମ ପରିବେଶକୁ ପ୍ରଭାବିତ କରେ ଏବଂ ଏହାର ଉତ୍ପାଦନ ଓ ବ୍ୟବହାର ଅଙ୍ଗାରକାମ୍ଳ ନିର୍ଗମନ ବୃଦ୍ଧି କରେ। ତେଣୁ ଏକକ-ବ୍ୟବହୃତ ପ୍ଲାଷ୍ଟିକର ବ୍ୟବହାର ହ୍ରାସ କରିବା, ପୁନଃ ବ୍ୟବହାରଯୋଗ୍ୟ ବିକଳ୍ପଗୁଡ଼ିକୁ ବାଛିବା ସହ ସ୍ଥାୟୀ ବିକଳ୍ପକୁ ଗୁରୁତ୍ୱ ଦେଲେ ଆମେ ଏକ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ଆଣିପାରିବା। ରାଜ୍ୟ ପ୍ରଦୂଷଣ ବୋର୍ଡର ବୈଜ୍ଞାନିକ ଡ. ପ୍ରଫୁଲ୍ଲ କୁମାର ବେହେରା, ପରିବେଶ ଦିବସର ପୃଷ୍ଠଭୂମି ଓ ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ପରିବେଶ ସୁରକ୍ଷା ପାଇଁ ଆଇନଗତ ଆବଶ୍ୟକତା ପାଳନ କରିବା ଉପରେ ପ୍ରାଧାନ୍ୟ ଦେଇଥିଲେ। ଅତୁଲ ଦୁବେ ସମସ୍ତଙ୍କୁ ଦାୟିତ୍ୱବାନ ହେବାକୁ ଏବଂ ନିଜ କର୍ତ୍ତବ୍ୟ ପ୍ରତି ସଚେତନ ହେବାକୁ ପରାମର୍ଶ ଦେବା ସହ ଆଗାମୀ ପଢ଼ି ପାଇଁ ଏକ ସୁସ୍ଥ ଓ ସବୁଜ ପରିବେଶ ଛାଡ଼ି ଯିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନ କରିବା ପାଇଁ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଯାଏଁ, ତିନୋଟି ବର୍ଗରେ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ସେହିପରି ଜେଏସପି କର୍ମଚାରୀଙ୍କ ଗୃହିଣୀମାନଙ୍କୁ ନେଇ ପରିବେଶ ସଚେତନତା ସମ୍ପର୍କିତ କୁଇଜ ଓ ପ୍ରବନ୍ଧ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ଚିତ୍ରାଙ୍କନ, କୁଇଜ୍, ପ୍ରବନ୍ଧ ଏବଂ ଗଣଦୌଡ଼ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା । ଜିନ୍ଦଲ ନଗର ଟାଉନସିପ ବ୍ୟତୀତ ଉତ୍କଳ-ସି ଖଣି ଅଞ୍ଚଳରେ ମଧ୍ୟ ବିଶ୍ୱପରିବେଶ ଦିବସ ପାଳନ କରାଯିବା ସହ ଇଟିପି ପ୍ଲାଣ୍ଟ ଉଦଘାଟନ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜେଏସପିର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଜାମୁନାଳୀର କୃଷକ ପ୍ରଶିକ୍ଷଣ କେନ୍ଦ୍ରରେ ମଧ୍ୟ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ପ୍ରକୃତିକ ପଦ୍ଧତିରେ ଚାଷ କରୁଥିବା ୪୦ ଜଣ ଚାଷୀ ସୁସ୍ଥ ପରିବେଶ ପାଇଁ ଶପଥ ଗ୍ରହଣ କରିବା ସହ ବୃକ୍ଷ ରୋପଣ କରିଥିଲେ। ଏଥିରେ ଗ୍ରାମର ମୁଖିଆଙ୍କ ସମେତ ସରପଞ୍ଚ ଓ ପ୍ରଗତିଶୀଳ ଚିନ୍ତାଧାରାର ଅନେକ ନେତୃ ସ୍ଥାନୀୟ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ।

## କେନ୍ଦୁଝର ଜିଲ୍ଲା ବିଜେପିର କାର୍ଯ୍ୟକର୍ତ୍ତା କର୍ମଶାଳା

## ଜନହିତରେ କାର୍ଯ୍ୟ କରିବାକୁ ଉପଦେଶ ଦେଲେ ମନ୍ତ୍ରୀ ମାନସ ମହାନ୍ତି

**କେନ୍ଦୁଝର,(ଡିକେ ନ୍ୟୁଜ୍):** ବିକଶିତ ଭାରତ ଅମୃତକାଳ ଅବସରରେ ସେବା ସୁଶାସନ ଏବଂ ଗରିବ କଲ୍ୟାଣରେ କେନ୍ଦ୍ର ସରକାରଙ୍କର ୧୧ ବର୍ଷ ଓ ରାଜ୍ୟ ସରକାରଙ୍କର ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ କେନ୍ଦୁଝର ଜିଲ୍ଲା ବିଜେପି ପକ୍ଷରୁ ଜିଲ୍ଲା ବିଜେପି କାର୍ଯ୍ୟାଳୟ ଠାରେ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଆୟୋଜିତ ହୋଇଯାଇଛି। ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ବିଜେପି ରାଜ୍ୟ ସଂଗଠନ ମନ୍ତ୍ରୀ ମାନସ ମହାନ୍ତିଙ୍କ ମାର୍ଗଦର୍ଶନରେ ଆଗାମୀ ଦିନରେ ହେବାକୁ ଥିବା ଦଳର ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟକ୍ରମର ପୂର୍ବ ପ୍ରସ୍ତୁତି ପାଇଁ ଆଲୋଚନା କରିବା ସହିତ ରାଜ୍ୟ ଏବଂ ସାଧାରଣ ଲୋକ କିପରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନାରେ ସାମିଲ ହୋଇପାରିବେ ସେଥିପାଇଁ ନିଷ୍ଠାର ସହିତ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ଏବଂ ତେଲକୋଇ ବିଧାୟକ ଡା. ଫକୀରମୋହନ ନାଏକ, ଜିଲ୍ଲା ବିଜେପିର ଦୁଇ ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା ଏବଂ ଜ୍ଞାନରଞ୍ଜନ ସାମନ୍ତ ସିଂହାର, ପୂର୍ବତନ ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା ଏବଂ ସଦର ନିର୍ବାଚନ ମଣ୍ଡଳୀର ସଂଯୋଜକ ବିବେକାନନ୍ଦ ମହାନ୍ତ ପ୍ରମୁଖ ମଞ୍ଚାସିନ ହୋଇଥିଲେ। ଏହି କର୍ମଶାଳାର ପ୍ରାରମ୍ଭରେ ଜିଲ୍ଲା ତଥା ରାଜ୍ୟର ଦିବଂଗତ ବିଜେପି ନେତା ଏବଂ ପହେଲଗାମ ଆତଙ୍କୀବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିବିଶେଷଙ୍କ ଉଦେଶ୍ୟରେ ଏକ ମିନିଟର ନିରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାଙ୍ଗଠନିକ ଜିଲ୍ଲାର ସମସ୍ତ ମଣ୍ଡଳର ପ୍ରମୁଖ କାର୍ଯ୍ୟକର୍ତ୍ତା ଏବଂ ଜିଲ୍ଲା ତଥା ରାଜ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

## ମୋଟାବାଡି ଶୋଚନୀୟ ରାସ୍ତାର ପ୍ରତିକାର କେବେ ?



**ବୁଗୁଡ଼ା,(ଡିକେ ନ୍ୟୁଜ୍):** ବୁଗୁଡା ବ୍ଲକ ଅନ୍ତର୍ଗତ କୁଞ୍ଜବନ ଗାଁଠାରୁ ମୋଟାବାଡି ଗ୍ରାମ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ସାମାନ୍ୟ ବର୍ଷା ହେଲେ ରାସ୍ତାରେ ଅନେକ ସ୍ଥାନରେ ପାଣି ଜମି ରହୁଛି। ଫଳରେ ଲୋକଙ୍କ ଯାତାୟାତରେ ଘୋର ଅସୁବିଧା ହେଉଛି। ପୂର୍ବରୁ ସେହି ରାସ୍ତାଟି ଲଟାବୁଦା ମାଡିଯାଇ ସଂକୀର୍ଣ୍ଣ ଓ ଶୋଚନୀୟ ଅବସ୍ଥାରେ ରହିଥିଲା। ଠାଏଁ ଠାଏଁ ଖାଲଖମା ଯୋଗୁଁ ପଦଚାରୀ ଏବଂ ଯାନବାହାନ ଚଳାଚଳରେ ସମସ୍ୟା ସୃଷ୍ଟି କରୁଥିଲା। ଏ ନେଇ ଖବର ପ୍ରକାଶ ପାଇବା ପରେ ଗତ ବର୍ଷ ମୋରମ ପକାଯାଇ ରାସ୍ତାର ପ୍ରଶସ୍ତୀକରଣ ସହ ମରାମତି ପରେ ଅବସ୍ଥାରେ ସୁଧାର ଆସିଥିଲା। ଲୋକଙ୍କ ଯାତାୟାତରେ ସୁବିଧାଜନକ ହୋଇପାରିଥିଲା। ତେବେ ସମ୍ପ୍ରତି ବର୍ଷା ହେଲେ ରାସ୍ତାର ଅନେକ ଜାଗାରେ ପାଣି ଜମି ରହୁଥିବାରୁ ଲୋକଙ୍କ ଯାତାୟାତରେ ନାହିଁ ନଥିବା ଅସୁବିଧା ହେଉଛି। ଏଣୁ, ରାସ୍ତାର ମରାମତି ଦିଗରେ ପ୍ରଶାସନ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ଗ୍ରାମବାସୀଙ୍କ ବିରୋଧ ପରେ ୭ ଦିନ ପାଇଁ ମହଲତ ରହିଲା ଜବର ଦଖଲ ଉଚ୍ଛେଦ



**ଅସ୍ତରଙ୍ଗ,(ଡିକେ ନ୍ୟୁଜ୍):** ପାଟଳଦା ପଞ୍ଚାୟତ କୁସୁମ୍ବର ମୌଜାର ବରଡ଼ିରେ ସଞ୍ଜୟ ମହାପାତ୍ରଙ୍କୁ ଜବର ଦଖଲରୁ ହଟାଇବାକୁ ଉଦ୍ୟମ କରି ପ୍ରଶାସନ ଆଜି ବିଫଳ ହୋଇଛି । ଉଚ୍ଛେଦ ପାଇଁ ପ୍ରସ୍ତୁତ ହେଲା ବେଳେ ସ୍ଥାନୀୟ ଅଞ୍ଚଳରୁ ବହୁ ମହିଳା ଓ ପୁରୁଷ ଏହାକରୁ ବିରୋଧ କରିଥିଲେ। ଦୀର୍ଘ ସମୟ ଧରି ଅତିରିକ୍ତ ତହସିଲଦାର, ଅସ୍ତରଙ୍ଗ ପୁଲିସ୍ ପ୍ରଶାସନ ଓ ପୁଲିସ୍ ଫୋର୍ସ ଘଟଣା ସ୍ଥଳରେ ଡେରା ପକାଇ ମଧ୍ୟ ଜବରଦଖଲ ଉଚ୍ଛେଦ ହୋଇପାରିନଥିଲା। ୭ ଦିନ ସମୟ ମହଲତ ଦେବା ସହ ଉଚ୍ଛେଦ ପ୍ରକ୍ରିୟାକୁ ସାମୟିକ ଭାବେ ସ୍ଥଗିତ ରଖି ଘଟଣା ସ୍ଥଳରୁ ସମସ୍ତେ ଫେରି ଆସିଥିଲେ। ସୂଚନାନୁସାରେ ବରଡ଼ି ଛକ ନିକଟରେ ସଞ୍ଜୟ ମହାପାତ୍ରଙ୍କ ନିଜ ଜାଗାକୁ ଲାଗି ସମ୍ମୁଖରେ ଥିବା ସରକାରୀ ଜାଗାକୁ ଜବରଦଖଲ କରି ଚଳାଚଳ କରୁଛନ୍ତି। ସେ ସେଠାରେ ଏକ ଆଜାବେଷ୍ଟ ଘର କରି କୁକୁଡ଼ା ଫାର୍ମ ମଧ୍ୟ କରିଛନ୍ତି। ତେବେ ଅପରପାର୍ଶ୍ୱରେ ଦୂରରେ ସ୍ଥାନୀୟ ଅଞ୍ଚଳରୁ ପ୍ୟାରୀମୋହନ ନାୟକ ନାମକ ଅନ୍ୟ ଜଣେ ବ୍ୟକ୍ତି ଗୃହ ନିର୍ମାଣ କରି ଅନ୍ୟପଟେ ବାଟ ଥିଲେ ମଧ୍ୟ ସଞ୍ଜୟ ମହାପାତ୍ର ଚଳାଚଳ ହେଉଥିବା ଜାଗା ପଟେ ରାସ୍ତା ନେବାକୁ ଦାବିକରି ସେଠାରୁ ଜବରଦଖଲ ଉଚ୍ଛେଦ ଅସ୍ତରଙ୍ଗ ତହସିଲଦାରଙ୍କ ନିକଟରେ ଆବେଦନ କରିଥିଲେ। ଏବେ ସେଇ ଜାଗାକୁ ଉଚ୍ଛେଦ ପାଇଁ ଅସ୍ତରଙ୍ଗ ତହସିଲ୍ ପ୍ରଶାସନ ଅଣ୍ଟା ଆଜି ଦିନ ଧାର୍ଯ୍ୟ କରିଥିଲା। ନିର୍ଦ୍ଧାରିତ ସମୟରେ ଅତିରିକ୍ତ ତହସିଲଦାର ପ୍ରଭୁପ୍ରସାଦ ପଣ୍ଡା, ଅସ୍ତରଙ୍ଗ ପୁଲିସ୍ ପ୍ରଶାସନ ଓ ପୁଲିସ୍ ଫୋର୍ସ ଘଟଣା ସ୍ଥଳରେ ପହଞ୍ଚି ଉଚ୍ଛେଦ ପାଇଁ ଉଦ୍ୟମ ଆରମ୍ଭ କରନ୍ତେ ସ୍ଥାନୀୟ କେତେକ ମହିଳା ସମେତ ପୁରୁଷ ଲୋକ ଏହାକୁ ଘୋର ବିରୋଧ କରିଥିଲେ। ଜଣଙ୍କର ବ୍ୟକ୍ତିଗତ ସ୍ୱାର୍ଥକୁ ଆଖି ଆଗରେ ରଖି ଅନ୍ୟଜଣେ କାହିଁକି ହଇରାଣ ହେବ ବୋଲି ଏଭଳି ପ୍ରଶ୍ନ କରିଥିଲେ। ଅଭିଯୋଗ କରୁଥିବା ବ୍ୟକ୍ତି ନିଜେ ସରକାରୀ ଜାଗାକୁ ଜବର ଦଖଲ କରିବା, ଗୃହ ନିର୍ମାଣ ପରେ ଅନ୍ୟପଟେ ବାଟ ଥିବା ବେଳେ ନିଜର ସୁବିଧା ଦୃଷ୍ଟିକୋଣରୁ ଅନ୍ୟ ଏକ ସ୍ଥାନରୁ ଉଚ୍ଛେଦ ପାଇଁ ଦାବି କରିବା ଏକ ନ୍ୟାୟ ସଂଗତ ନୁହେଁ ବୋଲି ସ୍ଥାନୀୟ ଲୋକେ ମତ ଯକ୍ତି କରିଥିଲେ। ଅସ୍ତରଙ୍ଗ ତହସିଲ୍ ଅଧୀନରେ ପୂର୍ବରୁ ବହୁ ସଂଖ୍ୟାରେ ଜବରଦଖଲ ଉଚ୍ଛେଦ ମାମଲା ପଡିରହିଥିବା ବେଳେ ହଠାତ୍ ଜଣକ ଉପରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସୀମାଚୀନ ନୁହେଁ ବୋଲି କହିଥିଲେ। ଏଠାରୁ ଉଚ୍ଛେଦ ହେବା ମନା ନାହିଁ, କିନ୍ତୁ ଅଭିଯୋଗକାରୀ ସମେତ ଅନ୍ୟ ସମସ୍ତ ସ୍ଥାନରୁ ଜବରଦଖଲକୁ ଉଚ୍ଛେଦ କରିବାକୁ ସ୍ଥାନୀୟ ଲୋକେ ଦାବି କରିଥିଲେ। ଏଭଳି ବିରୋଧ ଓ ସ୍ଥାନୀୟ ଲୋକଙ୍କ ଦାବିକୁ ନେଇ ସେମାନଙ୍କ ସହ ଆଲୋଚନା ପରେ ଉଚ୍ଛେଦ ପ୍ରକ୍ରିୟାକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି।

## ଚୋରା ମଦ ଜବତ, ମହିଳା ସେମତ ୪ କୋର୍ଟ ଚାଲାଣ

**କେନ୍ଦ୍ରାପଡା, (ହିସ) :** କେନ୍ଦ୍ରାପଡା ଅବକାରୀ ବିଭାଗ ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ବ୍ୟାପକ ଚୋରା ମଦ ଜବତ କରାଯାଇ ମହିଳାଙ୍କ ସେମତ ୪ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏମାନେ ହେଲ କରିଲୋପାଟଣା ଗ୍ରାମର ବିକାଶ କୁମାର ଦାସଙ୍କ ଠାରୁ ୮୫ ଲିଟର ବିଦେଶୀ ମଦ, କରମକୁଳ ଗ୍ରାମର କାମିନୀ ମଳିକଙ୍କ ଠାରୁ ୩୫ ଲିଟର ଦେଶୀ ମଦ, ଅଥରବଟିଆ ଗ୍ରାମର ଜିତେନ୍ଦ୍ର ସେଠିଙ୍କ ଠାରୁ ୩୦ ଲିଟର ବିଦେଶୀ ମଦ ଓ ବଡ଼ପଲ ଗ୍ରାମର ଆଶିଷ ମଳିକଙ୍କ ଠାରୁ ୨୫ ଲିଟର ଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇ ଅଛି। ଏମାନଙ୍କ ପାଖରୁ ସମୁଦାୟ ୧୭୫ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇ ୧ ମହିଳା ସମେତ ୪ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି ବୋଲି ଅବକାରୀ ଅଧିକ୍ଷକ ଶ୍ରୀ ବିପ୍ର ଚରଣ ମଣ୍ଡଳ କହିଛନ୍ତି । ଏହି ଚଢାଉରେ ଅବକାରୀ ନିରିକ୍ଷକ ହିତାଂଶୁ ଶେଖର ମଳିକ, ଅବକାରୀ ଉପ ନିରିକ୍ଷକ ଛାୟାକାନ୍ତ ନାୟକ ଓ ଶ୍ରୀମତୀ କଳ୍ପନା ରାଉତ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

## ସୁଭଦ୍ରା ଶକ୍ତି ଆନୁକୂଲ୍ୟରେ ବ୍ଲକସ୍ତରୀୟ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା



**କୁତ୍ରା,(ଡିକେ ନ୍ୟୁଜ୍):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ କୁତ୍ରା ପଞ୍ଚାୟତ କାର୍ଯ୍ୟାଳୟ ପରିସର ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ସୁଭଦ୍ରା ଶକ୍ତି ଆନୁକୂଲ୍ୟରେ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସୁନ୍ଦରଗଡ଼ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ସିଡିଓ ସୁନ୍ଦରଗଡ଼ ସୁର୍ଜନ ସାହୁ, ଅନ୍ୟତମ ଭାରତୀୟ ପ୍ରଶାସନିକ ଅଧିକାରୀ ଫାବି ରସିଦ, କୁତ୍ରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଗଲ କିଶୋର ବିଶ୍ୱାଳ, କୁତ୍ରା ସିଡିପିଓ ଆନାରୀତା କୁଜୁର ପ୍ରମୁଖ ଅଧିକାରୀ ଏବଂ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ୨୨ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଅଂଶ ଗ୍ରହଣ କରିଥିବା ବେଳେ ପଦ୍ମାବତୀ ସ୍ୱୟଂ ସହାୟକ ଗୋଷ୍ଠୀ କୁତ୍ରା ପ୍ରଥମ ହୋଇଥିଲେ। ପରେ ଜିଲ୍ଲାପାଳ ବିରିଙ୍ଗାଟୋଲି ଓ ଖୁରାପାଳି ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପରିଦର୍ଶନ କରିବାକୁ ଯାଇଥିଲେ।

## କୋଭିଡ୍ ଭଳି ଲକ୍ଷଣ ଥିଲେ ରଥଯାତ୍ରାକୁ ନ ଯିବାକୁ ପରାମର୍ଶ

**ପୁରୀ,(ଡିକେ ନ୍ୟୁଜ୍):** ବର୍ତ୍ତମାନ ରାଜ୍ୟରେ ତଥା ଦେଶରେ କୋଭିଡ୍ ବଢିବାରେ ଲାଗିଛି। ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ଆଖିଆଗରେ ରଖି ପରାମର୍ଶ ଜାରି କରାଯାଇଛି। କୋଭିଡ୍ ଭଳି ଲକ୍ଷଣ ଥିଲେ ରଥଯାତ୍ରାକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। କୁହାଯାଇଛି ଯେ, ଥଣ୍ଡା, ଜ୍ୱର ଥିଲେ ରଥଯାତ୍ରାକୁ ଯାଆନ୍ତୁନି। ବୟୋବୃଦ୍ଧ ବ୍ୟକ୍ତି, ଗୁରୁତର ରୋଗୀ ରଥଯାତ୍ରାକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ଆହୁରି କୁହାଯାଇଛି ଯେ, ରଥଯାତ୍ରାକୁ ଗଲେ ମାସ୍କ ବ୍ୟବହାର କରିବାକୁ ପରାମର୍ଶ। ହାତ ଧୋଇବା, ସ୍ୱଚ୍ଛ ପିଇବା ପାଣି ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି। ପୁରୀରେ କୋଭିଡ ବେଳର ଆଇସିୟୁକୁ କାର୍ଯ୍ୟକ୍ଷମ କରାଯାଉଛି। ଡାକ୍ତର ଖାନାରେ ଶଯ୍ୟା, ଡାକ୍ତର ସଂଖ୍ୟା ବଢାଯାଇଛି। ଆମ୍ବୁଲାନ୍ସ ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରସ୍ତୁତ ରହିବାକୁ କୁହାଯାଇଛି। ଏନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଅମରେନ୍ଦ୍ର ନାଥ ମହାନ୍ତି ସୂଚନା ଜାରି କରିଛନ୍ତି।

## ଇଫ୍‌କୋ ପକ୍ଷରୁ ବିଶ୍ୱ ପରିବେଶ ଦିବସ



**ପାରାଦୀପ,(ଡିକେ ନ୍ୟୁଜ୍):** ଇଫ୍‌କୋ ପାରାଦୀପ ୟୁନିଟ୍ ପକ୍ଷରୁ ୫୨ତମ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ପ୍ଲାଷ୍ଟିକ ପ୍ରଦୂଷଣ ମୁକ୍ତ ଭାରତ ଗଢିବାର ଲକ୍ଷ୍ୟ ନେଇ ଇଫ୍‌କୋ ପାରାଦୀପ ୟୁନିଟ୍ ପକ୍ଷରୁ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସ୍ଥାନୀୟ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା ଯୋଗ ଦେଇ ଚାରା ରୋପଣ କରିଥିଲେ । ଇଫକୋର ୟୁନିଟ୍ ହେଡ୍ ପି.କେ. ମହାପାତ୍ର କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିଲେ। ପରିବେଶ ଯନ୍ତ୍ରୀ ଡି.ଏଲ.ମହାପାତ୍ର, ବିବେଚିତା ଶଡଙ୍ଗୀ, ଇଫକୋର ଉତ୍ପାଦନ ବିଭାଗର ସାଧାରଣ ପ୍ରବନ୍ଧକ କେ.ଆର୍.ଏନ୍.ମୂର୍ତ୍ତୀ, ଜେଜିଏମ୍ ଆର.କେ.ସ୍ୱାଇଁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ପରିବେଶ ସୁରକ୍ଷା ଓ ବୃକ୍ଷରୋପଣ କ୍ଷେତ୍ରରେ ଇଫକୋର କାର୍ଯ୍ୟକ୍ରମର ଉଚ୍ଚପ୍ରଶଂସା କରିଥିଲେ । ଇଫ୍‌କୋର ଅଧିକାରୀ, ଅଫିସର୍ସ ସଂଘ, କର୍ମଚାରୀ ସଂଘର କର୍ମକର୍ତ୍ତାମାନେ ବହୁ ସଂଖ୍ୟାରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପତ୍ରିକା ର ସମ୍ପାଦକ ଭବାନୀଶ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ଜନମନ ସମୀକ୍ଷା ବୈଠକ




**କଳାହାଣ୍ଡି,(ଡିକେ ନ୍ୟୁଜ୍):** ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ବ୍ଲକ ସମ୍ମିଳନୀ କକ୍ଷରେ କଳାହାଣ୍ଡି ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ଜନମନ ଯୋଜନାକୁ ନେଇ ଏକ ସମୀକ୍ଷା କରିଛନ୍ତି। ବ୍ଲକର ଆଦିମ ଜନଜାତି ଗୋଷ୍ଠୀଙ୍କ ପାଇଁ ଆବାସ ଗୃହ ଯୋଗାଇବା ଓ ଏହାର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ସମୀକ୍ଷା କରିଥିଲେ। ଏଥିରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀଙ୍କ ସହିତ ଜିଲ୍ଲାସ୍ତରୀୟ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ବ୍ଲକ ପ୍ରଶାସନ ତରଫରୁ ଲାଞ୍ଜିଗଡ ବିଡିଓ ଶଶାଙ୍କ ପାତ୍ରଙ୍କ ସହିତ ଅନ୍ୟାନ୍ୟ ବିଭାଗର ଅଧିକାରୀ ଓ ବିଭିନ୍ନ ବିଭାଗର କର୍ମଚାରୀ ଏହି ବୈଠକରେ ସାମିଲ ହୋଇଥିଲେ।

## ଗୁରୁ ଭଗବାନ ସାହୁଙ୍କ ଜନ୍ମୋତ୍ସବରେ ବିଭିନ୍ନ ଅନୁଷ୍ଠାନ ହେବେ ସମ୍ବର୍ଦ୍ଧିତ



**ସମ୍ବଲପୁର,(ଡିକେ ନ୍ୟୁଜ୍):** ଗୁରୁ ଭଗବାନ ସାହୁ ସ୍ମୃତି କମିଟି, ବରଗଡ଼ର ତୃତୀୟ ପ୍ରସ୍ତୁତି ବୈଠକ ଏଇ ମିସନ ସ୍କୁଲ ପରିସରରେ ଡ଼ ତପସ୍ୱୀନି ଗୁରୁଙ୍କ ସଭାପତିତ୍ୱ ଏବଂ ସମ୍ପାଦକ ସନ୍ତୋଷ କୁମାର ପଣ୍ଡା ତଥା କୋଷାଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସର୍ବ ସମ୍ମତି ନିଷ୍ପତ୍ତି କ୍ରମେ ଆସନ୍ତା ଜୁନ ୧୧, ବୁଧବାର ଦିନ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ତିଥିରେ ବରଗଡ଼ ବିଜୁପଟ୍ଟନାୟକ ଟାଉନ ହଲଠାରେ ଗୁରୁ ଭଗବାନ ସାହୁଙ୍କ ୯୫ ତମ ରାଜ୍ୟସ୍ତରୀୟ ଜନ୍ମୋତ୍ସବ ଅବସରରେ ଗୁରୁ ଭଗବାନ ସାହୁଙ୍କ ସ୍ମୃତି ରକ୍ଷା ପାଇଁ ନିରବଚ୍ଛିନ୍ନ ଉଦ୍ୟମ କରିଆସୁଥିବା ପଶ୍ଚିମାଞ୍ଚଳ ଏକତା ମଞ୍ଚ ସମ୍ବଲପୁର, ସ୍ମୃତି କମିଟି ବରପାଲି, ସୋହେଲା ଦୂର୍ଗା ପୂଜା କମିଟି, ଡୁଙ୍ଗୁରିପାଲି ସାହିତ୍ୟ ସାଂସ୍କୃତିକ ସଂସଦ, ଧର୍ମଗଡ ଡୁମେରଗୁଡା ମା' ବସ୍ତରେନ କଳା ପରିଷଦ କଳାହାଣ୍ଡି, ଅତାବିରା ଆଞ୍ଚଳିକ ସାହିତ୍ୟ ପରିଷଦ, ନିରଞ୍ଜନା ଲଏକେରା,(ଝାରସୁଗୁଡ଼ା)କବି କଳାକାର ସଂଘ ଡୁଙ୍ଗୁରିପାଲି, ଓଡିଆ ସାହିତ୍ୟ ପରିବାର ସୁବର୍ଣ୍ଣପୁର, ମନ୍ଦାକିନୀ ଶତପଥୀ ଝାରସୁଗୁଡ଼ା, ବାମଣ୍ଡା ସାହିତ୍ୟ ସଂସଦ ଦେବଗଡ଼, ସୁବାସ ଚନ୍ଦ୍ର ନାୟକ ପଶ୍ଚିମା (କୁଚିଣ୍ଡା), ଗୁରୁ ଭଗବାନ ସାହୁ କଳା ନିକେତନ ବଲାଙ୍ଗୀର, ଆଜାଦ ଯୁବକ ସଂଘ କୁମ୍ଭାରୀ, ଦଶ ମାଇଲ ବିକାଶ ପରିଷଦ, ଜୁଏ ହୁଲା ଲୋକ ମହୋତ୍ସବ ପାଳନ କମିଟି, ବିଶିପାଲି, ବରପାଲି, ଶବ୍ଦ ନୃତ୍ୟ ଅନୁଷ୍ଠାନ କନବାର, ଶବ୍ଦ ନୃତ୍ୟ ପ୍ରଶିକ୍ଷଣ କେନ୍ଦ୍ର ଅଶୁରଗଡ, ସୁର ସଂଗମ ଲୋଇସିଂହା ପ୍ରମୁଖ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସଭା ପ୍ରାରମ୍ଭରେ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ପତ୍ନୀ ସମାଜସେବୀ ଚାରୁଶିଳା ଆଚାର୍ଯ୍ୟ ଏବଂ କଳା ସଂଗଠକ ଇଂ ତୁଷାର ଭଦ୍ରଙ୍କ ବିୟୋଗରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଲୁଲୁ ରବିନ ଦାସଙ୍କ ଆବାହକତ୍ୱରେ ସର୍ବଶ୍ରୀ ଦଧିବାବନ ଶତପଥୀ, ଡ଼. ଯଶବୀର ସିଂ ସୈନୀ, ତୁଳସୀ ଚରଣ ଦାଶ, ମନୋରଞ୍ଜନ ମେହେର, ରାଜ କିଶୋର ମହାରଣା, ଉଦ୍ଧବ ବେହେରା, ପଞ୍ଚାନନ ବାରିକ, ଅଚ୍ୟୁତାନନ୍ଦ ବାରିକ, ନୁରାବତୀ ସାହୁ ସଂଘମିତ୍ରା ପଟେଲ, ସାରଥି ମେହେର, ମାନସ ରଞ୍ଜନ ଦାଶ ପ୍ରମୁଖ ଯୋଗଦାନ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ ଶେଷରେ ସର୍ଦ୍ଦାର ପ୍ରିତମ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶୁଦ୍ଧ ନାଁରେ ବଜାରରେ ମିଳୁଛି ନକଲି ପିଇବା ପାଣି

**ଜଟଣୀ,(ଡିକେ ନ୍ୟୁଜ୍):** ଖରା ବଢିବା ସାଙ୍ଗକୁ ବଜାରରେ ପିଇବା ଥଣ୍ଡା ପାଣିର ଚାହିଦା ମଧ୍ୟ ବଢିଛି। ଏଥିପାଇଁ ଏବେ ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ବିଭିନ୍ନ ଦୋକାନରେ ମିଳୁଛି ପାଣି ବୋତଲ। ଏପରିକି ସହରର ବିଭିନ୍ନ ସ୍ଥାନରେ ବେଆଇନ ପାଣି କାରଖାନା ଗଢି ଉଠିଛି। ଖୋର୍ଦ୍ଧା ସହରର ସାହି ସାହିରେ ଏହା କୁଟୀର ଶିଳ୍ପରେ ପରିଣତ ହୋଇଛି। ମିଳୁଥିବା ପାଣିର ମୂଲ୍ୟ ନାମୀଦାମୀ କମ୍ପାନୀର ପାଖାପାଖି। କିନ୍ତୁ କେବେ ତିଆରି ହୋଇଛି, କେତେ ଯାଏଁ ତା'ର ବୈଧତା ଅଛି, ବୋତଲ ପାଣି ବା ଜାର୍ ପାଣି ରେ ତା'ର ଚିହ୍ନବର୍ଣ୍ଣ ଦେଖିବାକୁ ମିଳୁନି। ପାଣିର ସ୍ୱାଦ ବି ସେମିତି ଭଲ ନୁହେଁ। ଏହି ବୋତଲ ବା ଜାର୍ ପାଣି କିଛି ଅଂଶରେ କମ୍ ଦାମରେ ଓ ସୁବିଧାରେ ସବୁଠି ଉପଲବ୍ଧ ହେଉଥିବାରୁ ସବୁ ବର୍ଗର ଲୋକଙ୍କଠାରେ ଏହା ବେଶ ଆଦୃତ ହେଉଛି। ବଜାରରେ ପୁଳାପୁଳା ଏମିତି ନକଲି ପାଣିବୋତଲ ବା ପାଣିଜାର୍ ମିଳୁଛି। କିନ୍ତୁ ଏହି ପାଣି ଉପଯୁକ୍ତମାନର କି ନୁହେଁ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହା ଯେ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ନ କରିବ, ତାହାକୁ ଏଡାଇ ଦିଆଯାଇନପାରେ। ପ୍ରକାଶ ଥାଉକି, ବର୍ତ୍ତମାନ ବଜାରରେ ବିଭିନ୍ନ କମ୍ପାନୀ ଦ୍ୱାରା ପ୍ରସ୍ତୁତ ପାଣି ବୋତଲ ଓ ପାଣି ଜାର୍ ଲୋକଙ୍କ ପାଇଁ ଏକ ସୁବିଧା ପାନୀୟ ଜଳ ମାଧ୍ୟମ ପାଲଟିଛି। ଫଳରେ ବିଭିନ୍ନ ନାମୀଦାମୀ କମ୍ପାନୀ ସହ କିଛି ଅନାମଧେୟ କମ୍ପାନୀ ମଧ୍ୟ ଏହାକୁ ପ୍ରସ୍ତୁତ କରି ବଜାରରେ ବିକ୍ରି ପାଇଁ ଛାଡୁଛନ୍ତି। ଏହାକୁ ପ୍ରସ୍ତୁତ ପାଇଁ ବିଦ୍ଧିବଦ୍ଧ ନିୟମ ଥିଲେ ହେଁ ବଜାରରେ ଉପଲବ୍ଧ ଅଧିକାଂଶ ପାଣି ବୋତଲ ଓ ପାଣିଜାର୍ ଉତ୍ପାଦନ କମ୍ପାନୀ ଉକ୍ତ ନିୟମର ଉଲ୍ଲଙ୍ଘନ କରୁଥିବା ଅଭିଯୋଗ ହେଉଛି। ସେହିପରି ଘରୋଇ ବିଦ୍ୟୁତ୍ ସଂଯୋଗରେ ଏଭଳି କୁଟୀର ଶିଳ୍ପ ଚାଲିବା ସହ ଲକ୍ଷ ଲକ୍ଷ ଟଙ୍କାର ବିଦ୍ୟୁତ୍ ବିଲ୍ ଫାଙ୍କୁଥିଲେ ମଧ୍ୟ ଏହା ଉପରେ ବିଭାଗ ଦୃଷ୍ଟି ନ ଦେବା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ମିଳିଥିବା ସୂଚନା ଅନୁସାରେ, ମିନେରାଲ୍ ୱାଟର ତିଆରି ପାଇଁ କେତେକ ପରୀକ୍ଷା ନିରୀକ୍ଷା କରାଯାଏ। ପାଣିକୁ ପ୍ରଥମେ ଭଲ ଭାବେ ବିଶୋଧନ ଓ ଜୀବାଣୁମୁକ୍ତ କରାଯାଏ। ୟୁଭି (ଅଲଟ୍ରା



ଭାଓଲେଟ୍), ଓଜୋନ୍ ଏବଂ ଆରଓ (ରିଜର୍ଭ ଓସ୍ମୋସିସ୍) ପ୍ରକ୍ରିୟା କରାଯାଏ। ପାଣି ବଜାରକୁ ଛଡ଼ାଯିବା ପୂର୍ବରୁ ଏହାକୁ ଭଲ ଭାବେ ପରୀକ୍ଷା କରାଯାଏ। ଏଥିସହିତ ପାଣି ଉତ୍ପାଦନ କମ୍ପାନୀ ଆଇଏସ୍ଆଇ ମାର୍କ ପାଇବା ସହ ଭାରତୀୟ ଖାଦ୍ୟ ନିରାପତ୍ତା ଓ ମାନ କର୍ତ୍ତୃପକ୍ଷ (ଫୁଡ ସେଫ୍ଟି ଏଣ୍ଡ ଷ୍ଟାଣ୍ଡାର୍ଡ ଅଥରିଟି ଅଫ୍ ଇଣ୍ଡିଆ) ସହିତ ସ୍ଥାନୀୟ ପ୍ରଶାସନ ଠାରୁ ଏହି ବ୍ୟବସାୟ ଲାଗି ଅନୁମତି ନେବା ବାଧ୍ୟତାମୂଳକ ରହିଛି। ପ୍ରସ୍ତୁତ ପାଣିବୋତଲ ବା ପାଣିଜାର୍ ଉପରେ ବ୍ୟାଚ୍ ନମ୍ବର ସହ ଉତ୍ପାଦନ ତାରିଖ ସ୍ପଷ୍ଟ ଉଲ୍ଲେଖ ରହିବା ବାଧ୍ୟତାମୂଳକ କରାଯାଇଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ବୋତଲ ବା ଜାର୍‌ର ପ୍ୟାକିଂ ହୋଇଥିବା ପାଣି କେତେଦିନ ପର୍ଯ୍ୟନ୍ତ ବ୍ୟବହାର ଯୋଗ୍ୟ ତାହା ମଧ୍ୟ ଉଲ୍ଲେଖ କରିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ମାତ୍ର ବଜାରରେ ଉପଲବ୍ଧ ନକଲି ଜାର୍ ପାଣି ଉପରେ ଉତ୍ପାଦନ ତାରିଖ କି ଅବଧି ଶେଷର ତାରିଖ ଲେଖା ହେଉନି। ଏପରିକି କେଉଁ ତାରିଖରେ ତାହା ପ୍ୟାକିଂ ହୋଇ କେତେଦିନ ପର୍ଯ୍ୟନ୍ତ ବ୍ୟବହାର ଯୋଗ୍ୟ ତାହା ଗ୍ରାହକମାନେ ଜାଣିବା ଅତ୍ୟନ୍ତ କଷ୍ଟକର ହୋଇ ପଡୁଛି। ତଥାପି ଶୋଷ ମେଣ୍ଟାଇବା ପାଇଁ ଏଭଳି ପାଣି କିଣିବାକୁ ବାଧ୍ୟ ହେଉଛନ୍ତି। ବିଶେଷଜ୍ଞଙ୍କ ମତରେ, ନିମ୍ନମାନର ପାନୀୟ ଅନେକ ପେଟ ରୋଗ ସହ ମାରାତ୍ମକ ରୋଗର କାରଣ ହୋଇପାରେ। ଯାହା ସ୍ୱାସ୍ଥ୍ୟାବସ୍ଥା ବିଗାଡ଼ି ଦେଇପାରେ। ଏଭଳି ପାନୀୟଠାରୁ ସବୁବେଳେ ଦୂରରେ ରହିବା ଦରକାର। ତେଣୁ ବିଭିନ୍ନ ସ୍ଥାନରେ ଚାଲିଥିବା ବେଆଇନ୍ ପାଣି କାରଖାନାରେ ଚଢଉ କରାଯାଇ ଏହାର ସଠିକ୍ ଯାଞ୍ଚ କରାଗଲେ ଉତ୍ପାଦନରେ ସଠିକ ମାନ ରକ୍ଷା କରାଯିବା ସହ ବଜାରରେ ବିକ୍ରୀ ହେଉଥିବା ପାଣିର ପରୀକ୍ଷା କରିବା ଦିଗକୁ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଉ ବୋଲି ସାଧାରଣରେ ଦାବି ହେଉଛି।

## ଦୁର୍ନୀତିର ତଦନ୍ତ କେବେ କରିବେ ବ୍ଲକ୍ ଅଧିକାରୀ



**ଉମରକୋଟ,(ଡିକେ ନ୍ୟୁଜ୍):** ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଦୁର୍ନୀତିର ତଦନ୍ତ ହେଇ ପାରୁନି। ଜନସାଧାରଣଙ୍କ ନିମନ୍ତେ ତତ୍କାଳୀନ ରାଜ୍ୟ ସରକାର ଅଥବା ନୂତନ ଡବଲ ଇଞ୍ଜିନ ସରକାର ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ମାଧ୍ୟମରେ ବିକାଶ କରିବାକୁ ପ୍ରୟାସ କରିଥାନ୍ତି। କିନ୍ତୁ କିଛି ସରକାରୀ ବାବୁ ଓ କିଛି ଲୋକ ପ୍ରତିନିଧିଙ୍କ ମିଳିତ ମଧୁଚନ୍ଦ୍ରିକାରେ ସେହି ଉନ୍ନୟନ କାର୍ଯ୍ୟ ଗୁଡିକ ବିକ୍ରୟ କରି ନିଜ ପକେଟ ଗରମ କରନ୍ତି। ଗୋଟିଏ ରାସ୍ତା ନିର୍ମାଣ ପାଇଁ ପ୍ରତ୍ୟେକ ବର୍ଷ କିଛି କିଛି ମାଟି ବିଛେଇ କନିଷ୍ଠ ଯନ୍ତ୍ରୀ ଓ ଠିକାଦାର ଅଗ୍ରିମ ବିଲ ପାସ କରି ଟଙ୍କା ଆତ୍ମସାତ କରୁଥିବା ଦେଖିବାକୁ ମିଳିଛି। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ ବେନୋରା ପଞ୍ଚାୟତ ଅଧୀନରେ ଥିବା ଖୁଟୁଗୁଡା ଗ୍ରାମ ନିକଟରେ ଥିବା ଆରଡ଼ି ରାସ୍ତା ଠାରୁ ନନ୍ଦିଗୁଡା ରାସ୍ତାର ଦୃଶ୍ୟ। ଗ୍ରାମବାସୀଙ୍କ କହିବା ଅନୁଯାୟୀ ଏହି ରାସ୍ତାରେ ପ୍ରତି ବର୍ଷ ମାଟି ବିଛେଇ ଫଳକ ଉପରେ ଫଳକ ଲଗେଇ ବିଲ୍ ପାସ କରୁଛନ୍ତି କନିଷ୍ଠ ଯନ୍ତ୍ରୀ। ସେପଟେ କନିଷ୍ଠ ଯନ୍ତ୍ରୀ ଉକ୍ତ ରାସ୍ତା କାମ ସରିନି ସେଠାରେ ମେଟେଲ ପଡିବ ଓ ରୋଲିଙ୍ଗ ହେବ କହୁଛନ୍ତି କିନ୍ତୁ ପ୍ରାୟ ନଅ ମାସ ହେଲାଣି ସେହି ରାସ୍ତାରେ କୌଣସି ମେଟେଲ ପଡ଼ିନାହିଁ। ବର୍ତ୍ତମାନ ବର୍ଷା ଦିନ ଆସିଲାଣି ଅଞ୍ଚଳବାସୀ ସେହି କାଦୁଅ ରାସ୍ତା ପାର୍ଶ୍ୱରେ ଥିବା ଜମି ହିଡ଼ରେ ଜୀବନକୁ ବାଜି ଲଗେଇ ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ଠିକାଦାର ସାଜିଥିବା ବ୍ଲକ ଉପାଧ୍ୟକ୍ଷ ସାମଲ ଓ କନିଷ୍ଠ ଯନ୍ତ୍ରୀ ମିଳିତ ଭାବେ ସେହି ରାସ୍ତା କାମଟିକୁ ଅନ୍ୟ ଏକ ଠିକାଦାରଙ୍କୁ ବିକ୍ରୟ କରି ନିଜ ପକେଟ ଗରମ କରୁଛନ୍ତି। ସେପଟେ ସ୍ଥାନୀୟ ବିଡ଼ିଓ ମନୋଜ କୁମାର ମେହେର ରାସ୍ତା ବିଷୟରେ ତଦାରଖ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହୁଛନ୍ତି, ଏହା ପୂର୍ବରୁ ଅନ୍ୟ ଏକ ପଞ୍ଚାୟତରେ ଜିଲ୍ଲା ପରିଷଦ ଓ ଅନ୍ୟ ଜଣେ କନିଷ୍ଠ ଯନ୍ତ୍ରୀ କିପରି ନିମ୍ନମାନର ଏକ ରାସ୍ତା ନିର୍ମାଣ କରି ଫଳକ ନ ଲଗେଇ ଟଙ୍କା ହଡପ କରିଥିଲେ ସେ ବିଷୟରେ ଅବଗତ କରାଯାଇଥିଲା ଏବଂ ବିଡ଼ିଓ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ତ ଦୂରର କଥା ସେହି ରାସ୍ତାର ମରାମତି ମଧ୍ୟ ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ। ଜନସାଧାରଣଙ୍କୁ ଏଭଳି ଲୋକ ପ୍ରତିନିଧି ଓ ସରକାରୀ ବାବୁ ଭୁଆଁ ବୁଲେଇ ମାଲାମାଲ ହେଉଛନ୍ତି। ଏମାନଙ୍କ ଉପରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ନିହାତି ଆବଶ୍ୟକ ବୋଲି ଲୋକେ ଦାବି କରିଛନ୍ତି।

## ସମ୍ବଲପୁରୀ ଦରପନ ପକ୍ଷରୁ ମହୋତ୍ସବ




**ସମ୍ବଲପୁର,(ଡିକେ ନ୍ୟୁଜ୍):** ସମ୍ବଲପୁରୀ ଦରପନ ପକ୍ଷରୁ ପ୍ରଥମ ଗୁରୁବାର ଦରପନ ମହୋତ୍ସବ ସାମ୍ବାଦିକ ଭବନ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅବସରରେ ସମ୍ବଲପୁରୀ ଦରପନ ପତ୍ରିକାର ସ୍ୱନକ୍ଷତ୍ର ସଂଖ୍ୟା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡ. ପ୍ରମୋଦ ରଥ କହିଥିଲେ ଯେ ସମ୍ବଲପୁରୀ ଭାଷାରେ ପତ୍ରିକା ପ୍ରକାଶନ ଏକ ବଡ଼ ଆହ୍ୱାନ ହୋଇଛି। ତେବେ ସମ୍ବଲପୁରୀ ଭାଷାର ସାମ୍ବିଧାନିକ ମାନ୍ୟତା ପାଇଁ ସମ୍ବଲପୁରୀର ସମସ୍ତ ତଥ୍ୟ ଲିପିବଦ୍ଧ କରାଯିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ସମ୍ବଲପୁରୀ ଦରପନ ପତ୍ରିକାର ପ୍ରକାଶିକା ଡଲିମା ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବଲପୁରୀ ଗୀତିକାର ଲକ୍ଷ୍ମୀ ନାରାୟଣ ପଣ୍ଡା, ଗାଳ୍ପିକ କାଳିନ୍ଦୀ ପ୍ରତାପ ସିଂହ, ସମ୍ବଲପୁରୀ ଦରପନର ପରିଚାଳନା ସମ୍ପାଦକ ଦେବୀ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଏହି ଅବସରରେ ସମ୍ବଲପୁରୀ ଦରପନ ପକ୍ଷରୁ ପ୍ରତିବର୍ଷ ସମ୍ବଲପୁରୀ ଭାଷା ସାହିତ୍ୟ ସଂସ୍କୃତିର ରେକର୍ଡ ପ୍ରକାଶନ ସହ ରେକର୍ଡ ଅଧିକାରୀ ମାନଙ୍କୁ ସମ୍ମାନୀତ କରାଯିବାକୁ ଘୋଷଣା କରାଯାଇଥିଲା। ଏହି ଅବସରରେ ସମ୍ବଲପୁରୀ କବିତା ପାଠ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ସୁପ୍ରୀୟା ଦାସ୍ ( ପୁତୁଲ) ଆୟୁଷ ବଢ଼ାଇ, କଳ୍ପନା ମହାପାତ୍ର, ବିଭୁତି ଭୁଷଣ ମିଶ୍ର, କମଲ ଲୋଚନ ପଣ୍ଡା, ଆଭାଷ ପଣ୍ଡା, ସୁଷମା ପ୍ରଧାନ, ପ୍ରଭଞ୍ଜନ ପୁରୋହିତ, ଅନୁପମା ବିଶ୍ୱାଳ, ସବିତା ମିଶ୍ର, ସୁପ୍ନିକା ସାହୁ, ଭବାନୀ ଶଙ୍କର ମେହେର, ମାନସ ରଞ୍ଜନ ଷଡ଼ଙ୍ଗୀ ପ୍ରମୁଖ ସମ୍ବଲପୁରୀ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ମାନସ ରଞ୍ଜନ ବକ୍ସୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁରୀ ପ୍ରଚାରକ ସବ୍ୟସାଚୀ ମିଶ୍ର ଏବଂ ସମ୍ବଲପୁରୀ କବି ବୃନ୍ଦାବନ ସାହୁଙ୍କ ଅମର ଆତ୍ମାର ସଦଗତି କାମନା କରି ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।

## ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା



**ଧର୍ମଗଡ଼,(ଡିକେ ନ୍ୟୁଜ୍):** ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ସ୍ୱାବଲମ୍ବୀ ଓ ରୋଜଗାର କ୍ଷମ କରିବା ପାଇଁ ଅନେକ ଯୋଜନା ରୂପାନ୍ତରିତ କରାଯାଇଛି। ଏହି କ୍ରମରେ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ମଧ୍ୟ ହାତକୁ ନିଆଯାଇଛି। କୋକସରା ବ୍ଲକ ମିଶନ ଶକ୍ତି କାର୍ଯ୍ୟାଳୟ ସଭାଗୃହରେ ଗୁରୁବାର ଏନେଇ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ମୁଖ୍ୟ ବକ୍ତା ଭାବେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର କର୍ମଚାରୀ ସୋନିଆ ହେମ୍ବ୍ରମ, ସମ୍ମାନିତ ଅତିଥି ଭାବେ କୋକସରା ବିଡ଼ିଓ ଡ଼. ହିମାଞ୍ଚଳ ମାଝୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା ଉପସ୍ଥିତ ରହି ମିଶନ ଶକ୍ତି ଗ୍ରାମାଞ୍ଚଳର ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପାରିଦର୍ଶିତାରେ ନିଜକୁ ସହଭାଗୀ କରି ବ୍ଲକ ପାଇଁ ସୁନାମ ଆଣିଥିବା କହିଥିଲେ। ଏହି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ ବ୍ଲକର ୫୦ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଅଂଶଗ୍ରହଣ କରି ମାଣ୍ଡିଆ ଓ ଅନ୍ୟ ଖାଦ୍ୟଶସ୍ୟରେ ପ୍ରସ୍ତୁତ ବିଭିନ୍ନ ପ୍ରକାରର ଖାଦ୍ୟର ସୁସ୍ୱାଦୁ ବ୍ୟଞ୍ଜନ ପ୍ରଦର୍ଶିତ କରିଥିଲେ। ଏହି ପ୍ରତିଯୋଗିତାରେ ଶ୍ରୀ ଜଗନ୍ନାଥ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଥମ, ମା' ଲକ୍ଷ୍ମୀ ନାରାୟଣୀ ଗୋଷ୍ଠୀ ଦ୍ୱିତୀୟ ଓ କାଳିକୃଷ୍ଣ ସ୍ୱୟଂ ସହାୟକ ଗୋଷ୍ଠୀ ତୃତୀୟ ସ୍ଥାନ ଅଧିକାର କରିଥିଲେ।

## ଯୌତୁକ ଜୁଇରେ ସୋନାଲି ସୁଚିସ୍ମିତା !

**ପାରାଦ୍ୱୀପ,(ଡିକେ ନ୍ୟୁଜ୍):** ଜଗସିଂହପୁର ଜିଲ୍ଲା ଏରସମା ବ୍ଲକ ଗଡକୁଜଙ୍ଗ ଗ୍ରାମରେ ନବବଧୂ ସୋନାଲି ସୁଚିସ୍ମିତା ହତ୍ୟା ଅଭିଯୋଗ ଘଟଣାରେ ଅନ୍ୟ ଅଭିଯୁକ୍ତକୁ ଗିରଫ ଦାବିରେ ଗଡକୁଜଙ୍ଗ ଗ୍ରାମର ଶହଶହ ମହିଳା ଓ ପରିବାର ଲୋକେ ଅଭୟଚନ୍ଦପୁର ଥାନା କଲେ ଘେରାଉ। ଗତ ୧ ତାରିଖରେ ଜଗତସିଂହପୁର ଜିଲ୍ଲା ଅଭୟଚନ୍ଦ ପୁର ଥାନା ଅଧିନ ଗଡକୁଜଙ୍ଗ ଗ୍ରାମରେ ସୁଚିସ୍ମିତା ମହାନ୍ତିଙ୍କ ସନ୍ଦେହ ଜନକ ମୃତ୍ୟୁକୁ ନେଇ ବାପଘର ଲୋକେ ଥାନାରେ ଝିଅକୁ ହତ୍ୟା କରାଯାଇଥିବା ନେଇ ଏକ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଅନୁଯାୟୀ ସୁଚିସ୍ମିତାର ଶାଶୁ, ଶ୍ୱଶୁର ଓ ଜ୍ୱାଇଁଙ୍କୁ ପୋଲିସ ଗିରଫ କରିଛି। ହେଲେ ନଣନ୍ଦକୁ ଗିରଫ କରାଯାଇ ନଥିବାରୁ ନଣନ୍ଦକୁ ଗିରଫ କରିବା ଦାବି ନେଇ ପରିବାର ଓ ଗ୍ରାମବାସୀମାନେ ଥାନା ଘେରାଉ କରିଥିଲେ। ତେବେ ପୋଲିସ ସେମାନଙ୍କୁ ବୁଝାସୁଝା କରିବା ସହ ସୋନାଲିର ମୃତ୍ୟୁ ଘଟଣାକୁ ନେଇ ତଦନ୍ତ ଚାଲିଛି ବୋଲି କହିଛନ୍ତି ଥାନା ଅଧିକାରୀ। ସମୀର କୁମାର ରାଉତ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପରବର୍ତ୍ତୀ ସମୟରେ ଜିଲ୍ଲାସ୍ତରୀୟ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମକୁ ବ୍ଲକ୍ ପ୍ରୋଗ୍ରାମ ମ୍ୟାନେଜର ମାନସ ରଞ୍ଜନ ବାରିକ, କର୍ମଚାରୀ ମନୋରଞ୍ଜନ ମହାନ୍ତି, ସୌମ୍ୟ ରଞ୍ଜନ ପଣ୍ଡା ପରିଚାଳନା କରିଥିବା ବେଳେ ମିଶନ ଶକ୍ତି ଅଧିନସ୍ଥ ମହିଳା କର୍ମଚାରୀମାନେ ସହଯୋଗ କରିଥିଲେ।

# ସୂଚନା ଅଧିକାର କର୍ମୀଙ୍କ କହିଲେ ଧନେଇ ଜଳ ଭଣ୍ଡାରରୁ ଗଛ କାଟିବା କଥା

**ପୋଲସରା,(ଡିକେ ନ୍ୟୁଜ୍):** ପୋଲସରା ଠାରୁ ପ୍ରାୟ ୧୨ କିଲୋମିଟର ଦୂରରେ ଅବସ୍ଥିତ ଧନେଇ ଜଳଭଣ୍ଡାରର ଗଛ କଟା ଯାଇଥିବା ନେଇ ସୂଚନା ଅଧିକାର କର୍ମୀ ଶଙ୍କର୍ଷଣ ପ୍ରଧାନ ତାଙ୍କ ଫେସବୁକ ଆକାଉଣ୍ଟରେ ସ୍ୱୀକାର କରିଛନ୍ତି। ସୂଚନାଯୋଗ୍ୟ ଯେ ଗତ ବର୍ଷ ଅଗଷ୍ଟ ମାସରେ କେହି ଦୁର୍ବୃତ୍ତ ଧନେଇ ଜଳଭଣ୍ଡାର ହିଡ ଉପରୁ ମୂଲ୍ୟବାନ ୪ ଗୋଟି ଗଛ କାଟି ନେଇଯାଇଥିବା କେତେକ ଖବର କାଗଜରେ ପ୍ରକାଶ ପାଇଥିଲା। ଏହି ବିଷୟ ସେତେବେଳେ ସାମାଜିକ ଗଣମାଧ୍ୟମରେ ମଧ୍ୟ ବ୍ୟାପକ ଚର୍ଚ୍ଚା ହୋଇଥିଲା। କାରଣ ବ୍ୟାପକ ଗଛ କଟା ସାଙ୍ଗକୁ ଜଙ୍ଗଲ କ୍ଷୟ କାରଣରୁ ପରିବେଶ ଉପରେ ଗଭୀର ପ୍ରଭାବ ପଡୁଛି। ଏଥି ଯୋଗୁଁ ଏବେ ଅଧିକାଂଶ ଅଞ୍ଚଳରେ ମରୁଡି ଅବସ୍ଥା ସୃଷ୍ଟି ହେଉଛି ବୋଲି ପରିବେଶବିତ୍‌ମାନେ ମତ ଦେଉଛନ୍ତି। ଏହି କାରଣରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବୃକ୍ଷ ରୋପଣ ବାବଦରେ ହଜାର ହଜାର କୋଟି ଟଙ୍କା ବ୍ୟୟ କରୁଛନ୍ତି। ଏପରି ସ୍ଥଳେ ଧନେଇ ଜଳଭଣ୍ଡାର ବଙ୍ଗଳାର ଅତି ନିକଟରୁ ଗୋଟିଏ ସୁଖିଲା ଗଛ ସହିତ ତିନୋଟି ବୃହତ ଜିଅନ୍ତା ଗଛକୁ କାଟି ନେଇଯିବା ସମସ୍ତଙ୍କୁ ବିସ୍ମିତ କରିଥିଲା। ଏହି ଘଟଣା ପୂର୍ବରୁ ମଧ୍ୟ ୪ ରୁ ୬ ଗୋଟି ବୃହତ ଜିଅନ୍ତା ଗଛ ଉକ୍ତ ଧନେଇ ଜଳଭଣ୍ଡାର ବଙ୍ଗଳା ଆଗରୁ ଯାଇଥିଲା। ଚିରିକିପଡା ଶାସନ ବେଆଇନ କାଠ ମିଲ୍‌ରେ କଟା ଯାଇ ସେଠାରେ ହିଁ ୨.୫ ଲକ୍ଷ ଟଙ୍କାରେ ବିକା ଯାଇଥିବା ଚର୍ଚ୍ଚା ହେଉଥିବା ବେଳେ ଉକ୍ତ ଜଳଭଣ୍ଡାରର କନିଷ୍ଠ ଓ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟକଳାପ ମଧ୍ୟ ସମସ୍ତଙ୍କୁ କ୍ଷୁବ୍ଧ କରିଥିଲା। କାରଣ ଗଛ



କଟା ମାମଲାରେ ସେମାନେ ନିରବଦ୍ରଷ୍ଟା ସାଜିଥିଲେ। ଏପରିକି ଗଛକଟାକୁ ଅସ୍ୱୀକାର ମଧ୍ୟ କରୁଥିଲେ। ମାତ୍ର ଜନସାଧାରଣଙ୍କ ରୋଷକୁ ଦେଖି ନିଜ ଇଚ୍ଛା ବିରୋଧରେ ପୋଲସରା ଥାନାରେ ଏତଲା ଦେଇଥିଲେ। ମାତ୍ର ଏତଲା ଦେବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପ୍ରତି ଆଗ୍ରହ ପ୍ରକାଶ ନ କରିବାରୁ ବେଆଇନ ଭାବେ ଗଛ କାଟି ନେଇ ଯାଇଥିବା ଦୁର୍ବୃତ୍ତ ମାନେ ଏବେବି ଆରାମରେ ଅଛନ୍ତି। ଗଛ କାଟି ଥିବା ଅଭିଯୁକ୍ତମାନଙ୍କ ମଧରେ ସୂଚନା ଅଧିକାର କର୍ମୀ ଶଙ୍କର୍ଷଣ ପ୍ରଧାନ ରହିଥିବା ଚର୍ଚ୍ଚା ହୋଇଥିଲା। ସେତେବେଳେ ଶଙ୍କର୍ଷଣ ଏହି ଘଟଣାକୁ ଅସ୍ୱୀକାର କରିଥିଲେ ବି ବର୍ତ୍ତମାନ ନିଜର ଫେସବୁକ୍ ଆକାଉଣ୍ଟରେ ସ୍ୱୀକାର କରିଛନ୍ତି। ତେବେ ଶଙ୍କର୍ଷଣ ମନ୍ଦିର ପାଇଁ ଗଛ କଟାଯାଇଥିବା ଓ କଟାଯାଇଥିବା ଗଛ ଶୁଖିଲା ଗଛ ବୋଲି ନିଜ କଣ୍ଠରେ କହିଛନ୍ତି। ଶଙ୍କର୍ଷଣ ଏହି ଭିଡିଓଟି ସାମାଜିକ ଗଣମାଧ୍ୟମରେ ବ୍ୟାପକ ଭାବେ ଭାଇରାଲ ହେଉଛି। ଶଙ୍କର୍ଷଣର ଉକ୍ତ ଭିଡିଓ ବାର୍ତ୍ତାଟି ଥାନାଧିକାରୀ କୌଶିକ ମାଝୀଙ୍କ ପାଖକୁ ମୋବାଇଲ ମାଧ୍ୟମରେ ପଠାଯାଇଛି। ଏଣୁ ଏଥର ଶଙ୍କର୍ଷଣ ଓ ଗଛକଟା ମାମଲାରେ ତାଙ୍କ ସହିତ ଥିବା ଅନ୍ୟମାନଙ୍କ ବିରୁଦ୍ଧରେ ପୋଲିସ ଓ ଜଙ୍ଗଲ ବିଭାଗ ପକ୍ଷରୁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରିବେଶବିତ୍ ଓ ଅଞ୍ଚଳବାସୀ ଦୃଢ଼ ଆଶା ପ୍ରକଟ କରୁଛନ୍ତି।

## ରୋଡ଼ ସ୍ୱେଚ୍ଛାସେବୀ ସଂଗଠନକୁ ପ୍ରକୃତିମିତ୍ର ପୁରସ୍କାର ପ୍ରଦାନ




**ଖୋର୍ଦ୍ଧା,(ଡିକେ ନ୍ୟୁଜ୍):** ଓଡିଶା ସରକାରଙ୍କର ତରଫରୁ ବିଶ୍ୱ ପରିବେଶ ଦିବସରେ ସ୍ୱେଚ୍ଛାସେବୀ ସଂଗଠନ ରୁରାଲ ଅର୍ଗାନାଇଜେସନ ଫର ଆକ୍ସନ ଆଣ୍ଡ ଡେଭଲପମେଣ୍ଟ (ରୋଡ)ଆରିକମା,ବୋଲଗଡକୁ ଓଡ଼ିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ଖୋର୍ଦ୍ଧା ଜିଲ୍ଲା ବନଖଣ୍ଡ କାର୍ଯ୍ୟାଳୟ ପକ୍ଷରୁ ସ୍ୱେଚ୍ଛାସେବୀ ସଂଗଠନ ରୋଡ କୁ ମନୋନୀତ କରାଯାଇଥିଲା ଓ ବିଶ୍ୱ ପରିବେଶ ଦିବସ ପ୍ରକୃତି ମିତ୍ର ପୁରସ୍କାର ଉତ୍ସବ ଭୁବନେଶ୍ୱର ସ୍ଥିତ କୃଷି ଶିକ୍ଷା ସଦନ ଓୟୁଏଟି ଶିରିପୁର ଠାରେ ଆୟୋଜିତ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ସମ୍ମାନୀୟ ଅତିଥି ଭାବେ ଜଙ୍ଗଲ ସୁରକ୍ଷା ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଯୋଗ ଦେଇଥିଲେ।

## ୬ ଦୁର୍ଦ୍ଧାନ୍ତ ଅପରାଧୀ ଗିରଫ : ଛ' ପିସ୍ତଲ,୨୦ ଜୀବନ୍ତ ଗୁଳି ଜବତ



**ପୁରୀ,(ଡିକେ ନ୍ୟୁଜ୍):** ପୋଲିସ ସ୍ୱତନ୍ତ୍ର ସ୍କ୍ୱାର୍ଡ ବିଭିନ୍ନ ସ୍ଥାନରେ ଚଢାଉ କରି ୬ ଜଣ ଦୁର୍ଦ୍ଧାନ୍ତ ଅପରାଧୀଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କ ନିକଟରୁ ୬ଟି ଦେଶୀ ପିସ୍ତଲ, ୨୦ଟି ଜୀବନ୍ତ ଗୁଳି, ୩ଟି ମୋବାଇଲ ଓ ନଗଦ ୨୧୦୦ ଟଙ୍କା ଜବତ କରାଯାଇଥିବା ଏସପି ବିନୀତ ଅଗ୍ରୱାଲ ଟାଉନଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ କୁମ୍ଭାର ପଡ଼ା ଥାନା ଅନ୍ତର୍ଗତ ଫ୍ରେଣ୍ଡସ କଲୋନୀର ରମେଶ ପରିଡା (୨୯), ପେଣ୍ଠକଟା ଥାନ ଅନ୍ତର୍ଗତ ବ୍ରହ୍ମ ପୋଖରୀର ବାବୁ ଦାସ ଓରଫ ଭୋଇ (୨୪), ତାଳବଣିଆ ଥାନା ଅନ୍ତର୍ଗତ କୁମୁଟିପାଟଣା ଜଗନ୍ନାଥ କଲୋନୀର ଗୁଡୁ ପଣ୍ଡା ଓରଫ ରଶ୍ମୀ, ତାଳବଣିଆ ଥାନା ଅନ୍ତର୍ଗତ ସିଦ୍ଧମହାବୀରର ହରିଚନ୍ଦନ ଦାସ ଓରଫ ଖନା, ବାସେଳୀସାହି ଥାନା ଅନ୍ତର୍ଗତ ଗୋଖା ସାହିର ପତିତ ବେହେରା (୨୫) ଓ ବାସେଳୀସାହି ଥାନା ଅନ୍ତର୍ଗତ ଓଡିଆ ମଠ ମଲ୍ଲିକାଛକର ଚିତ୍ତ ରଞ୍ଜନ ପୁରୋହିତ। ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଭାରତୀୟ ଦଣ୍ଡବିଧି ସଂହିତାର ବିଭିନ୍ନ ଧାରାରେ ମାମଲା ରୁଜୁ କରାଯାଇଥିବା ଏସପି ଅଗ୍ରୱାଲ ସୂଚନା ଦେଇଥିଲେ। ପୁରୀସହରକୁ ଅପରାଧମୁକ୍ତ ରଖିବାକୁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରାଯାଇଛି। ସ୍କ୍ୱାର୍ଡ ପକ୍ଷରୁ ଗତକିଛି ଦିନ ଧରି ଅପରାଧୀମାନଙ୍କ ଗତିବିଧି ଉପରେ ନଜର ରଖାଯାଇଥିଲା। ନିର୍ଦ୍ଦିଷ୍ଟ ତଥ୍ୟ ଆଧାରରେ ସେମାନଙ୍କୁ ଗିରଫ କରାଯାଇଥିଲା। ଆଗକୁ ରଥଯାତ୍ରା ଥିବାରୁ ଅପରାଧ ନିୟନ୍ତ୍ରଣ ପାଇଁ ପୁରୀ ପୋଲିସ ସ୍ୱତନ୍ତ୍ର ଷ୍ଟ୍ରାଟେଜି କରିଛି ବୋଲି ଏସପି ସୂଚନା ଦେଇଥିଲେ। ଗିରଫ ରମେଶ ନାମରେ ଜିଲ୍ଲାର ବିଭିନ୍ନ ଥାନାରେ ୨୩ ଟି ଅପରାଧୀକ ମାମଲା ରହିଛି। ସେହିପରି ବାବୁ ଦାସ ନାମରେ ୬ଟି, ଗୁଡୁ ପଣ୍ଡା ନାମରେ ୯ଟି , ହରିଚନ୍ଦନ ଦାସ ନାମରେ ୪ଟି, ପତିତ ବେହେରା ନାମରେ ୯ ଟି ଓ ଚିତ୍ତ ରଞ୍ଜନ ନାମରେ ୮ ଟି ମାମଲା ଅପରାଧୀକ ମାମଲା ରହିଥିବା ଏସପି ସୂଚନା ଦେଇଥିଲେ। ଅପରାଧୀମାନେ ବଡ଼ଦାଣ୍ଡ, ବେଳାଭୂମି, ବସ୍ତି ଅଞ୍ଚଳ ସହ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରୁ ବଟି ଆଦାୟ କରି ଅପରାଧ ସାମ୍ରାଜ୍ୟ ବିସ୍ତାର କରିଥିବା ଏସପି କହିଥିଲେ। ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତଥିବା ଅତିରିକ୍ତ ଏସପି କହିଥିଲେ ଯେ, ବଛା ବଛା ପୋଲିସ ଅଧିକାରୀଙ୍କୁ ନେଇ ଏସପି ସ୍ୱତନ୍ତ୍ର ଟିମ୍ ଗଠନ କରିଛନ୍ତି। ସହର ଓ ଆଖପାଖ ଅଞ୍ଚଳରେ ଚଢାଉ ଜାରି ରହିଛି ବୋଲି ସେ କହିଥିଲେ। ପୋଲିସ ଟିମର ଚଢାଉ ଜାରି ରହିଥିବା ବେଳେ ପୋଲିସ ଟାର୍ଗେଟରେ ପ୍ରାୟ ୫୦ ଜଣ ଅପରାଧୀ ରହିଛନ୍ତି। ଦିନ କେଇଟା ପରେ ଅନୁଷ୍ଠିତ ହେବ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ସ୍ନାନ ଯାତ୍ରା ଓ ରଥଯାତ୍ରା ପାଇଁ ଆଣ୍ଟି କ୍ରାଇମ୍ ୟୁନିଟ୍ ପ୍ରସ୍ତୁତ ରହିବେ ବୋଲି ଏସପି କହିଥିଲେ।

## ଦେବସ୍ନାନ ପୂର୍ଣ୍ଣିମା ଓ ରଥଯାତ୍ରା ପାଇଁ ପୋଲିସ ଓ ଛତିଶା ନିଯୋଗ ସମନ୍ୱୟ ବୈଠକ

**ପୁରୀ, (ହି.ସ.):** ଚଳିତବର୍ଷ ଜୁନ୍ ୧୧ ଦେବସ୍ନାନ ପୂର୍ଣ୍ଣିମା ଓ ଜୁନ୍ ୨୭ ତାରିଖ ରଥଯାତ୍ରା ଉପଲକ୍ଷେ ଛତିଶା ନିଯୋଗ ସେବାୟତ ଓ ପୋଲିସ ପ୍ରଶାସନ ମଧରେ ସମନ୍ୱୟ ବୈଠକ ଜିଲ୍ଲା ପୋଲିସ କାର୍ଯ୍ୟାଳୟ ଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲ ଅଧକ୍ଷତା କରିଥିଲେ । ଛତିଶା ନିଯୋଗର ସମସ୍ତ ସଦସ୍ୟ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଶୀଲ ମିଶ୍ର, ସଚିନ ପଟେଲ, ସୌମ୍ୟରଂଜନ ମଲ୍ଲିକ, ସିଟି ଡିସପି ପ୍ରଶାନ୍ତ ସାହୁ, ଟ୍ରାଫିକ ଡିସପି ରାଜକୁମାର ପରିଡା ଏହା ସହ ଟାଉନର ସମସ୍ତ ଥାନା ଅଧିକାରୀ ସହ ଏସଏସଏମଏସଭି ବାଟାଲିୟନର ଦୃଗପତି ତାପସ ଦାସ, ଉପଦୃଗପତି କୌଶିକ ନାୟକ, ସହ ଦୃଗପତି ଘନଶ୍ୟାମ ହେମ୍ବ୍ରମ, ବିଜୟ ନନ୍ଦ, ସୌମ୍ୟରଞ୍ଜନ ଦାଶ, ନାରାୟଣ ରାଉତ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିବର୍ଗ ଉପସ୍ଥିତ ଥିଲେ । ବୈଠକର ଆରମ୍ଭରେ ଏସପି ପୁରୀ ସଭାରେ ଉପସ୍ଥିତ ସମସ୍ତଙ୍କୁ ଅଭିନନ୍ଦନ ଜଣାଇ, ଦେବସ୍ନାନ ପୂର୍ଣିମା ଓ ରଥଯାତ୍ରାର ଧାର୍ମିକ ମହତ୍ୱ ବିଷୟରେ ଆଲୋଚନା କରିଥିଲେ । ସେ ଉଲ୍ଲେଖ କରିଥିଲେ ଯେ, ପୁରୀ ପୋଲିସ ପକ୍ଷରୁ ପୂରା ଉତ୍ସବ ଦ୍ୱାରା ଶୃଙ୍ଖଳା ଓ ନିୟମିତତା ରକ୍ଷା କରିବାକୁ ସମ୍ପୂର୍ଣ୍ଣ ଆଗ୍ରହ ଓ ଦାୟିତ୍ୱପୂର୍ଣ୍ଣ ଭାବେ ପଦକ୍ଷେପ ଗ୍ରହଣ କରାଯିବ। ସମସ୍ତ ଛତିଶା ନିଯୋଗର ସେବାୟତ ତାଙ୍କ ନାମ ଓ ପଦବୀ ସହ ନିଜ ପରିଚୟ ଦେଇଥିଲେ, ଯାହାଦ୍ୱାରା ଆପସିକ ବିଶ୍ୱାସ ଓ ସମନ୍ୱୟ ବୃଦ୍ଧି ପାଇଲା । ଛତିଶା ନିଯୋଗ ପକ୍ଷରୁ ପୁରୀ ପୋଲିସ ସହ ପୂର୍ବ ସମୟର ସଫଳ ସହଯୋଗ ପ୍ରତି ରଣୀତା ବ୍ୟକ୍ତ କରାଯିବା ସହିତ ଏସ୍ପି ଶ୍ରୀ ଅଗ୍ରୱାଲ ସେବାୟତଙ୍କୁ ଆଗାମୀ ଉତ୍ସବ ପାଇଁ ସମ୍ପୂର୍ଣ୍ଣ ସହଯୋଗ ଓ ସମୟ ଅନୁସାରେ ସମସ୍ତ ନୀତିକାନ୍ତ ସମାପନ କରିବା ପାଇଁ ପ୍ରସ୍ତାବ କରିଥିଲେ। ଗାଡ଼ି ଯାତାୟାତ ଓ ପାର୍କିଂ ବ୍ୟବସ୍ଥା ଦେବସ୍ନାନ ପୂର୍ଣିମା ପାଇଁ ନୂଆ ପାର୍କିଂ ସ୍ଥଳ ହିସାବରେ ପଶ୍ଚିମ ଗେଟ୍ ନିର୍ଦ୍ଦିଷ୍ଟ ହୋଇଛି। ରଥଯାତ୍ରା ସମୟରେ ମୁକ୍ତାକାଶ ରଙ୍ଗମଂଚ ପାଖରେ ଗାଡ଼ି ରଖିବା ପାଇଁ ବ୍ୟବସ୍ଥା କରାଯିବ । ନିଯୋଗ ପକ୍ଷରୁ ଶୃଙ୍ଖଳିତ ଯାତାୟାତ ପାଇଁ ସହଯୋଗ ଦାବି କରାଯାଇଛି । ନିଯୋଗ ସମ୍ପର୍କିତ ପାଇଁ ନୋଡାଲ୍ ଅଫିସର୍ : ଅତିରିକ୍ତ ଏସପି ସଚିନ ପଟେଲ, ସିଟି ଡିଏସପି ପ୍ରଶାନ୍ତ କୁମାର ସାହୁ, ଟାଉନ୍ ଆଇଆଇସି ଗୋକୁଳ ରଞ୍ଜନ ଦାସ, କୁମ୍ଭାରପଡା ଆଇଆଇସି ସୁଶାନ୍ତ ସାହୁ, ସିଂହଦ୍ୱାର ଆଇଆଇସି ଶ୍ୱେତପଦ୍ମା ଦାଶ ଯାତାୟାତ ସମ୍ପର୍କିତ ପାଇଁ ନୋଡାଲ୍ ଅଫିସର ଟ୍ରାଫିକ୍ ଡିଏସପି ରାଜକୁମାର ପରିଡା, ଟ୍ରାଫିକ୍ ଆଇଆଇସି ଜୟଦୀପ ମହାନ୍ତି ଯୋଗାଯୋଗ ଓ ସମନ୍ୱୟ। ଛତିଶା ନିଯୋଗ ଓ ପୋଲିସ ମଧରେ ରହିଥିବା ବର୍ତ୍ତମାନ ହ୍ୱାଟସଅପ୍ ଗ୍ରୁପ୍ ଚାଲୁ ରହିବ। ଉତ୍ସବ ସମୟରେ ଯେକୌଣସି ସମସ୍ୟା ଅତି ଶୀଘ୍ର ସେଠାରେ ଅପଡେଟ୍ କରିବାକୁ ଅନୁରୋଧ। ପୋଲିସ ପକ୍ଷରୁ ତ୍ୱରିତ ପ୍ରତିକ୍ରିୟା ଏବଂ ସମାଧାନ ଦିଆଯିବ। ଛତିଶା ନିଯୋଗ ସଦସ୍ୟମାନେ ତାଙ୍କ ସୁପରିଶ, ଆଶଙ୍କା ଓ ମତାମତ ରଖିଥିଲେ। ଛତିଶା ନିଯୋଗ ନାୟକ ଜନାର୍ଦନ ପାଟଯୋଶୀ ମହାପାତ୍ର ଜଣାଇଥିଲେ ମହାପ୍ରଭୁଙ୍କ ଘୋଷଯାତ୍ରାରେ କିପରି ଛୋଟ ଛୋଟ ସମସ୍ୟା ଶୀଘ୍ର ସମାଧାନ ହେବା ସହ ଯାହାର ଯାହା ସେବାୟତଙ୍କ ଦାଇତ୍ୱ ରହିବ ସେମାନେ କୌଣସି ମନରେ ଅଙ୍କୁଶ ନ ରଖି ମହାପ୍ରଭୁଙ୍କ କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ହୋଇଥିଲା । ଏଥିସହ ଏସପି ଶ୍ରୀ ଅଗ୍ରୱାଲ ସମସ୍ତ ଅଭିଯୋଗ ପ୍ରତି ଗମ୍ଭୀରତା ସହ ଶୁଣାଯାଇ ଉଚିତ ପଦକ୍ଷେପ ନିଆଯିବା ନିଶ୍ଚିତ କରିଛନ୍ତି। ଆରକ୍ଷୀ ଅଧୀକ୍ଷକ ଓ ସମସ୍ତ ନିଯୋଗ ସେବାୟତ ଓ ଅଧିକାରୀଙ୍କୁ ସଫଳ ଉତ୍ସବ ପାଇଁ ପ୍ରଶଂସା କରିଥିଲେ । ସେ କହିଥିଲେ ଯେ, ସମସ୍ତଙ୍କ ଏକତା ଓ ସହଯୋଗ ଦ୍ୱାରା ଦେବସ୍ନାନ ପୂର୍ଣ୍ଣିମା ଓ ରଥଯାତ୍ରା ୨୦୨୫ ଯଥାର୍ଥ ଭାବେ ସଫଳ ହେବା କାମନା କରିଥିଲେ ।

## କେବେ ସରିବ କୋରୁକୋଣ୍ଡାରେ ନିର୍ମାଣାଧୀନ ପୁନର୍ବାସ କେନ୍ଦ୍ର କାମ

**ମାଲକାନଗିରି, (ହି.ସ.):** ତତ୍କାଳୀନ ରାଜ୍ୟ ସରକାର ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ନିରାଶ୍ରୟ ଦିବ୍ୟାଙ୍ଗ ଏବଂ ବୃଦ୍ଧବୃଦ୍ଧାଙ୍କୁ ଆଶ୍ରୟ ଯୋଗାଇ ଦେବାକୁ ଏକ ପୁନର୍ବାସ କେନ୍ଦ୍ର ନିର୍ମାଣ ପାଇଁ ଯୋଜନା କରିଥିଲେ । ଜିଲ୍ଲାର କୋରୁକୋଣ୍ଡାର ଇନ୍ଦିରା କଲୋନୀରେ ଏହି ପୁନର୍ବାସ କେନ୍ଦ୍ର ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନ ସ୍ଥାନ ନିରୂପଣ କରିଥିଲା । ତେବେ ଗତ ୬ ବର୍ଷ ହେଲା କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ କାମ ସରିବାର ନାମ ନେଉନାହିଁ। ଗତ ୨୦୧୮ ମସିହାରେ ଏହି ପୁନର୍ବାସ କେନ୍ଦ୍ର ପାଇଁ କୋରୁକୋଣ୍ଡାରେ ପ୍ରାୟ ୨୫ ଏକର ଜାଗା ଚିହ୍ନଟ କରାଯାଇଥିଲା। ଏଠାରେ ରହିଥିବା ଏକ କଲୋନୀର ପ୍ରାୟ ୧୩ ଜଣ ପରିବାରଙ୍କୁ ଅନ୍ୟତ୍ର ଜାଗା ଦେବା ସହ ଗୃହ ନିର୍ମାଣ କରାଯାଇଥିଲା। କାର୍ଯ୍ୟ ବି ଜୋରସୋରରେ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକୁ ଭୁବନେଶ୍ୱରର ବ୍ରିଜ ଏବଂ ରୁଫ କମ୍ପାନୀ ଲିମିଟେଡ ଠିକା ସଂସ୍ଥା ଟେଣ୍ଡର ପାଇବା ପରେ କାମ ଆରମ୍ଭ କରିଥିଲା । ସେ ଗତ ୨୦୧୮ରେ ଟେଣ୍ଡର ପାଇଥିଲେ ମଧ ୨୦୧୯ରେ କାମ ଆରମ୍ଭ କରିଥିଲା । ଏହି ପ୍ରକଳ୍ପରେ ଚାରୋଟି ବ୍ଲକ ହେବ ପ୍ରତ୍ୟେକ ବ୍ଲକ ତିନି ମହଲା ବିଶିଷ୍ଟ ହେବ । ଏଥିପାଇଁ ସେତେବେଳେ ୨୭ କୋଟି ୪୪ ଲକ୍ଷ ୨୭୦୦ ଟଂକା ବ୍ୟୟବରାଦ ହୋଇଥିଲା । ଏହି ପୁନର୍ବାସ କେନ୍ଦ୍ରରେ ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ ଏବଂ ସ୍ୱାମୀ ପରିତ୍ୟକ୍ତା ମହିଳାମାନେ ଥଇଥାନ ହେବା ସହ ସେମାନଙ୍କ ପାଇଁ ଗୃହ, ଶୌଚାଳୟ, ରୋଷେଇ ଗୃହ, ଚିକିତ୍ସା ଗୃହ ଇତ୍ୟାଦି ନିର୍ମାଣ କରାଯାଉଛି । ଏହି ୪ଟି କାମ ମଧ୍ୟରୁ ଗୋଟିଏ ହେଲେ କାମ ଆଜି ପର୍ଯ୍ୟନ୍ତ ସରିନାହିଁ। ଏବେ ବି କିଛି ବ୍ଲକରେ ଛାତ ପଡିନଥିବା ବେଳେ ଇଟା ଯୋଡେଇ ହୋଇନାହିଁ । ତେବେ ରାଜ୍ୟ ସରକାର ବଦଳି ଥିବାବେଳେ ଜିଲ୍ଲା ପ୍ରଶାସନ ମଧ ଏନେଇ କୌଣସି ପଦକ୍ଷେପ ନେଉନଥିବା ଜଣାପଡିଛି । ପରବର୍ତ୍ତୀ ସମୟରେ ଏହାର ଖର୍ଚ୍ଚ ରାଶି ୩୫ କୋଟି ୬୯ ଲକ୍ଷରେ ପହଂଚିଲାଣି । କିନ୍ତୁ, କାମ ସମାପ୍ତ ହେଉନାହିଁ । ବ୍ରିଜ ଏଣ୍ଡ ରୁଫ କମ୍ପାନୀ ଜିଲ୍ଲାର କିଛି ଠିକାଦାରଙ୍କୁ ଏହି କାମ ଦେଇଥିବା ବେଳେ ସେମାନେ ମଧ କାମ କରି ଏବେ ଠକାମୀରେ ପଡିଥିବା ଜଣାପଡିଛି । ସ୍ଥାନୀୟ ଠିକାଦାରମାନେ ଟଙ୍କା ପାଇ ନଥିବା ଅଭିଯୋଗ ହୋଇଛି । ତେବେ କେବେ ଏହି ପୁନର୍ବାସ କେନ୍ଦ୍ରର କାମ ସରିବ ଏବଂ ଜିଲ୍ଲାର ଅସହାୟ ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ ଏବଂ ଅସହାୟ ମହିଳାମାନେ ଥଇଥାନ ହେବେ ତାକୁ ନେଇ ଜିଲ୍ଲାରେ ବେଶ ଚର୍ଚ୍ଚା ହେଉଛି । ବର୍ତ୍ତମାନର ସରକାର ଏହାକୁ ଗୁରୁତ୍ୱର ସହ ନେଲେ ହୁଏତ ଆଗାମୀ କିଛି ଦିନ ମଧ୍ୟରେ ଏହି ପୁନର୍ବାସ କେନ୍ଦ୍ରର କାମ ଦ୍ରୁତ ଗତିରେ ଆରମ୍ଭ ହୋଇ ସମାପ୍ତ ହେବ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି ।

## ଯୌତୁକ ପାଇଁ ବଧୂ ହତ୍ୟା ଅଭିଯୋଗ

**ଭଦ୍ରକ, (ହି.ସ.):** ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଅଧୀନସ୍ଥ ମାଳତିରା ଗ୍ରାମର ରବୀନ୍ଦ୍ର ପଣ୍ଡାଙ୍କ ଝିଅ ରଶ୍ମିତା ପଣ୍ଡା ୫ ବର୍ଷ ତଳେ ଘସିପୁରା ଥାନା ଅଧୀନସ୍ଥ ଝାଡ଼ଖଣ୍ଡି ଗ୍ରାମର ଲକ୍ଷ୍ମୀଧର ପଣ୍ଡାଙ୍କ ପୁଅ କୁ ବୈଦିକ ରୀତି ନୀତି ରେ ବିବାହ କରିଥିଲେ। କିଛି ଦିନ ଉଭୟଙ୍କ ମଧ୍ୟରେ ସୁ ସମ୍ପର୍କ ଚାଲିଥିଲା।ତାଙ୍କର ଗୋଟିଏ ପୁଅ ସନ୍ତାନ ମଧ୍ୟ ହୋଇଥିଲା।ପରବର୍ତ୍ତୀ ମୁହୂର୍ତ୍ତରେ ଶିବାନନ୍ଦ ଏବଂ ତାର ପରିବାର ଲୋକେ ରଶ୍ମିତାକୁ ବାରମ୍ବାର ଯୌତୁକ ନିର୍ଯାତନା ଦେବା ସହିତ ଶାରୀରିକ ଓ ମାନସିକ ଅତ୍ୟାଚାର ମଧ କରୁଥିଲେ।ଏହି ଘଟଣା ବିଷୟରେ ମୃତ ରଶ୍ମିତା ମା ବାପା ଓ ଭଉଣୀକୁ ଜଣାଇଥିଲେ। କିଛି ଦିନ ତଳେ ରଶ୍ମିତାଙ୍କ ସ୍ୱାମୀ ଓ ତାଙ୍କ ଶଶୁର ଘର ଲୋକେ ଜୀବନରୁ ମାରିଦେବାକୁ ଯୋଜନା କରୁଥିବା ବେଳେ ରଶ୍ମିତା ଖସି ଯାଇ ଘସିପୁରା ଥାନାରେ ଏକ ଲିଖିତ ଅଭିଯୋଗ ମଧ କରିଥିଲେ। ପୋଲିସ ଉଭୟଙ୍କୁ ବୁଝା ସୁଝା କରିଥିଲେ। ବେଳେ ଗତ ୩ ଦିନ ତଳେ ସ୍ୱାମୀ ଶିବାନନ୍ଦ ଓ ତାର ପରିବାରର ସମସ୍ତ ସଦସ୍ୟ ମିଶି ରଶ୍ମିତାକୁ ଜୋର ଜବରଦସ୍ତ ବିଷ ପିଆଇ ଦେଇଥିବାର ଅଭିଯୋଗ କରିଛନ୍ତି ତାର ପିତାଘର। ରଶ୍ମିତା ଗୁରୁତର ହେବାରୁ ସ୍ଥାନୀୟ ଘସିପୁରା ହସ୍ପିଟାଲକୁ ନିଆଯାଇଥିଲା।ପରେ ସ୍ଥିତି ବିଗିଡି ବାରୁ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଥିଲା, ।ସେଠି ଚିକିତ୍ସାଧୀନ ଆବସ୍ଥାରେ ରଶ୍ମିତାଙ୍କ ପ୍ରାଣ ବାୟୁ ଉଡିଯାଇଥିଲା। ମୃତ ରଶ୍ମିତାଙ୍କ ବାପା ରବୀନ୍ଦ୍ର ପଣ୍ଡା ଝିଅର ମୃତ ଶରୀରକୁ ଧରି ଘସିପୁରା ଥାନାରେ ନ୍ୟାୟ ଭିକ୍ଷା କରିବା ସହିତ ଦୋଷିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ଅପରେସନ ସିନ୍ଦୁର ପରାକ୍ରମ ଶୋଭାଯାତ୍ରା

ମାଲକାନଗିରି, (ହି.ସ.): ମାଲକାନଗିରି ବ୍ଲକ ଅନ୍ତର୍ଗତ ପାଣ୍ଡ୍ରିପାଣି ଗ୍ରାମରେ ଆଜି ପାଳିତ ହୋଇଯାଇଛି 'ଅପରେସନ ସିନ୍ଦୁର' ପରାକ୍ରମ ଶୋଭାଯାତ୍ରା। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ସାବିତ୍ରୀ କ୍ରିଷାନୀ, ଶିଶୁ ମନ୍ଦିର ମାତୃ କମିଟି ସଦସ୍ୟା ଶ୍ରୀମତୀ ବିମନ୍ତି ଗଡାଙ୍ଗ, ସମାଜସେବୀ ସଙ୍ଗୀତା ଦୁର୍ଗା ଓ ସମାଜସେବୀ ସାନୁ କୋଡେ, ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ, ସମସ୍ତ ଆଚାର୍ଯ୍ୟ, ଆଚାର୍ଯ୍ୟା, ପରିଚାଳନା ସଦସ୍ୟ/ସଦସ୍ୟା, ଛାତ୍ରଛାତ୍ରୀ, ପୂର୍ବତନ ଛାତ୍ରଛାତ୍ରୀ ଯୋଗଦେଇ ଥିଲେ। ପରାକ୍ରମ ଶୋଭାଯାତ୍ରା ବ୍ୟାନର ଓ ଜାତୀୟ ପତାକା ସହ ଜୟକାର ଧ୍ୱନୀ ସହ ସ୍ଥାନୀୟ ଶିଶୁ ମନ୍ଦିର ଠାରୁ ସେରପାଲ୍ଲୀ ଛକ ପର୍ଯ୍ୟନ୍ତ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଚେନାବ ରେଲୱେ...

ଏବେ ପାକିସ୍ତାନ ଯେତେବେଳେ 'ଅପରେସନ ସିନ୍ଦୂର' ନାମ ଶୁଣିବ, ସେତେବେଳେ ତାର ଲଜ୍ଜାଜନକ ହାର ମନେପଡିବ। ପାକିସ୍ତାନୀ ସେନା ଓ ଆତଙ୍କବାଦୀମାନେ କେବେ ଚିନ୍ତା କରିନଥିଲେ ଯେ ଭାରତ ପାକିସ୍ତାନ ଭିତରକୁ ପଶି ଏଭଳି ଭାବେ ଆତଙ୍କବାଦୀମାନେ ଉପରେ ଆକ୍ରମଣ କରିପାରିବ। ବର୍ଷଧରି ଯେଉଁ ଆତଙ୍କର ମହଲା ଗଢିଥିଲେ, ସେଗୁଡ଼ିକ କେବଳ କିଛି ମିନିଟ୍‌ରେ ଧ୍ୱଂସ ହୋଇଗଲା।" ସେ କହିଛନ୍ତି ଯେ, ଚିନାବ ଓ ଅଞ୍ଜି ପୋଲ୍ ଭାରତର ଇଞ୍ଜିନିୟରିଂ ଶକ୍ତିର ପ୍ରତୀକ। ଏହି ପୋଲ୍‌ଗୁଡ଼ିକ ଦୁର୍ଗମ ପାହାଡ଼ ଅଞ୍ଚଳରେ ତିଆରି ହୋଇଛି ଓ ବର୍ତ୍ତମାନ ସେଗୁଡ଼ିକ ପର୍ଯ୍ୟଟନ, ବ୍ୟବସାୟ ଓ ସ୍ଥାନୀୟ ଉଦ୍ୟୋଗ ପାଇଁ ମେରୁଦଣ୍ଡ। ଉଧମପୁର-ଶ୍ରୀନଗର-ବାରାମୁଲା ରେଲ ପ୍ରକଳ୍ପ ଏବେ ଜମ୍ମୁ-କଶ୍ମୀରର ଏକ ନୂଆ ପରିଚୟ ଓ ଭାରତର ଏକ ନୂଆ ଶକ୍ତିର ପ୍ରତୀକ ହୋଇଯାଇଛି। ଜମ୍ମୁ-କଶ୍ମୀରକୁ ଦୁଇଟି ନୂଆ ବନ୍ଦେ ଭାରତ ଟ୍ରେନ୍ ଓ ୪୬ ହଜାର କୋଟି ଟଙ୍କାର ବିକାଶ ପ୍ରକଳ୍ପ ମିଳିଛି, ଯାହା ଏହି ଅଞ୍ଚଳକୁ ଏକ ନୂଆ ଗତି ଦେବ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏବେ ଜମ୍ମୁ ଓ ଶ୍ରୀନଗରରେ ଆଇଆଇଟି, ଆଇଆଇଏମ୍, ଏମ୍ସ ଓ ଏନଆଇଟି ପରି ପ୍ରତିଷ୍ଠିତ ସଂସ୍ଥାଗୁଡ଼ିକ ଉପସ୍ଥିତ ଅଛନ୍ତି। ଗତ ପାଞ୍ଚ ବର୍ଷରେ ସାତଟି ନୂଆ ମେଡିକାଲ କଲେଜ ଆରମ୍ଭ କରାଯାଇଛି ଓ ଏମ୍‌ବିବିଏସ୍ ସିଟ୍‌ର ସଂଖ୍ୟା ୫୦୦ ରୁ ବଢି ହେବାକୁ ୧୩୦୦ ହୋଇଯାଇଛି। ସେ ଏହାମଧ ଘୋଷଣା କରିଛନ୍ତି ଯେ, ଜିଲ୍ଲାକୁ ଶିଘ୍ର ଏକ ନୂଆ ମେଡିକାଲ କଲେଜ ମିଳିବ, ଯାହାଦ୍ୱାରା ସ୍ୱାସ୍ଥ୍ୟ ସୁବିଧା ଆହୁରି ଉନ୍ନତ ହେବ।

### ୭ଟି ବିଭାଗରେ...

ଆମ ସରକାରଙ୍କ ବିଚାରଧାରା ପ୍ରତିଫଳିତ ହେଉଛି। ଆଗାମୀ ଦିନରେ ଆହୁରି ନିଯୁକ୍ତି ଆସିବ ସେଥିପାଇଁ ଆମର ପ୍ରକ୍ରିୟା ଜାରି ରହିଛି। ନିଯୁକ୍ତି ପ୍ରକ୍ରିଆରେ ସ୍ୱଚ୍ଛତା ପାଇଁ ବିଧାନସଭାରେ ବିଲ ପାରିତ କରି ଆମେ ଆକ୍ଟ ପ୍ରଣୟନ କରିଛୁ। ନିଯୁକ୍ତି କ୍ଷେତ୍ରରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରାଯାଉଛି। ଚାକିରୀ ବୟସ ସୀମାକୁ ମଧ ଆମେ ୪୨ ବର୍ଷକୁ ବୃଦ୍ଧି କରିଛୁ। ସେ ପୁଣି କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ମାର୍ଗଦର୍ଶନରେ ଆମେ କ୍ରମାଗତ ନିଯୁକ୍ତି ମେଳା ଆୟୋଜନ କରୁଛୁ। ଦାୟିତ୍ୱ ନେବା ପରଠାରୁ ଯୁବଶକ୍ତିକୁ ନିଯୁକ୍ତି ଦେବା ଓ ସେମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଅଭିଯାନ ଜାରି ରହିଛି। ସେ ଆହୁରି କହିଥିଲେ ଆମ ରାଜ୍ୟରେ ଯେତେସବୁ ନିଯୁକ୍ତି ଅଛି, ସେଥିରୁ ମାତ୍ର ୨ ପ୍ରତିଶତ ସରକାରୀ ସ୍ତରରେ ହୋଇଥାଏ, ବାକି ସବୁ ବେସରକାରୀ ଓ ଶିଳ୍ପକ୍ଷେତ୍ରରେ ସୃଷ୍ଟି ହୋଇଥାଏ। ଆଗାମୀ ଦିନରେ ଆମ ରାଜ୍ୟରେ ଅତି କମରେ ୧୩ ଲକ୍ଷ ନିଯୁକ୍ତି ସୃଷ୍ଟି ହେବାକୁ ଯାଉଛି କେବଳ ଶିଳ୍ପ କ୍ଷେତ୍ରରେ। ଏଥିପାଇଁ ଆମ ଯୁବପିଢିଙ୍କୁ ଇଣ୍ଡଷ୍ଟ୍ରି ରେଡି ହେବାପାଇଁ ପଡିବ। ଉତ୍କର୍ଷ ଓଡିଶା ଆୟୋଜନର ମାତ୍ର ୪ ମାସ ମଧ୍ୟରେ ଏବେ ଶିଳ୍ପକ୍ଷେତ୍ରରେ ୯୦ ହଜାର ନିଯୁକ୍ତି ପାଇଁ ବାଟ ଖୋଲିଛି। ମୁଖ୍ୟମନ୍ତ୍ରୀ କହିଥିଲେ, ଆଜିଠାରୁ ଆପଣ ମାନେ ସରକାରଙ୍କ ଅଙ୍ଗଭାବେ ଓଡିଶାର ଜନସାଧାରଣଙ୍କ ସେବା କରିବାର ସୁଯୋଗ ପାଇବେ। ଆପଣ ମାନେ ଉତ୍ସର୍ଗୀକୃତ ଓ ସମର୍ପଣ ଭାବ ସହିତ ଲୋକଙ୍କ ସୁବିଧା, ଅସୁବିଧାକୁ ହୃଦୟଙ୍ଗମ କରି ସେବା ଯୋଗାଇଦେବେ ବୋଲି ମୋର ବିଶ୍ୱାସ। ଦୁର୍ନୀତି ବିରୋଧରେ ଆମ ସରକାର ଶୂନ୍ୟ ସହନଶୀଳତା ନୀତି ଆପଣେଇଛନ୍ତି। ଦୁର୍ନୀତି ଠାରୁ ଦୂରେଇ ରହିବା ପାଇଁ ସେ ପରାମର୍ଶ ଦେଇଥିଲେ। ସବୁ ନବନିଯୁକ୍ତଙ୍କୁ ଏକ୍ ପେଡ୍ ମା କେ ନାମ୍ ଅଭିଯାନରେ ନିଜ ମାଆଙ୍କ ନାମରେ ଏକ ବୃକ୍ଷରୋପଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଥିଲେ ଯେ, ଆମେ ସମସ୍ତେ ସାଧାରଣ ଲୋକଙ୍କ ପାଇଁ କାମ କରୁଛେ। ଭଲ କାମ କରନ୍ତୁ, ନୂଆ ଓଡିଶା ନିର୍ମାଣରେ ଆପଣ ମାନଙ୍କ ଭଲ ଉଦ୍ୟମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ। ଉପ ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା କହିଲେ ଯେ, ନିଯୁକ୍ତି ପାଇଁ ଆମ ସରକାର ପ୍ରତିବଦ୍ଧ ଅଛନ୍ତି। ଆମେ ସମସ୍ତେ ଲୋକଙ୍କ ଟିକସ ପଇସାରେ ଚାକିରୀ କରି ପଇସା ପାଉଛେ, ତେଣୁ ଆମ ସମସ୍ତଙ୍କୁ ଲୋକଙ୍କ ସେବକ ଭାବେ କାମ କରିବା ଉଚିତ୍। ଆପଣ ମାନେ ଆମ ବିକଶିତ ଓଡିଶାର ବାହକ। ଆସନ୍ତୁ ଆମେ ସମସ୍ତେ ମିଶି ସରକାରଙ୍କ ଟିମ୍ ଭାବେ ଲୋକଙ୍କ ସେବା କରିବା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ କହିଲେ ଯେ ଗୋଟିଏ ବର୍ଷ ମଧ୍ୟରେ ଆମେ ଯାହା କଥା ଦେଇଥିଲୁ ତାହା ରଖିଛୁ। ସୁଶାସନ ଲୋକଙ୍କ ପାଖରେ ପହଞ୍ଚାଇବା ଲକ୍ଷ୍ୟରେ ଆମେ ଏହି ନିଯୁକ୍ତି କାର୍ଯ୍ୟକ୍ରମ କରୁଛୁ। ସମସ୍ତ ନବନିଯୁକ୍ତ ଅଧିକାରୀଙ୍କୁ ନିଷ୍ଠାର ସହ କାମ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ, ଓଡିଶାରେ ଶାସନ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ଏବଂ ପ୍ରତ୍ୟେକ ବିଭାଗକୁ ସଶକ୍ତି କରିବା ପାଇଁ ଆମ ସରକାର ସବୁ ପଦକ୍ଷେପ ନେଉଛନ୍ତି। ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗରେ ଏକ ବର୍ଷ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ନିଯୁକ୍ତି, ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସେ ଆଲୋକପାତ କରି ନବନିଯୁକ୍ତ ମାନଙ୍କୁ ବିକଶିତ ଓ ସମୃଦ୍ଧ ରାଜ୍ୟ ଗଠନରେ ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବା ପାଇଁ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ୩୦ ଟି ଜିଲ୍ଲାରୁ ୩୦ ଜଣ ନବନିଯୁକ୍ତଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ସ୍ନାତକୋତ୍ତର ଶିକ୍ଷକ ଭାବେ ନିଯୁକ୍ତି ପାଇଥିବା ନବରଙ୍ଗପୁରର ଗୀତାଞ୍ଜଳୀ ସୁନା, ସହକାରୀ ପ୍ରାଧ୍ୟାପକ ଭାବେ ସ୍ୱାସ୍ଥ୍ୟ ବିଭାଗରେ ନିଯୁକ୍ତି ପାଇଥିବା ଡ. ସୋନାଲି ଶୁଭଦର୍ଶିନୀ ଏବଂ ଦକ୍ଷତା ବିକାଶ ବିଭାଗରେ ଅଧ୍ୟାପକ ଭାବେ ନିଯୁକ୍ତି ପାଇଥିବା କେନ୍ଦୁଝରର ବ୍ରଜବନ୍ଧୁ ନାହକ ସ୍ୱଚ୍ଛ ନିଯୁକ୍ତି ପ୍ରକ୍ରିୟା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇ ସେମାନଙ୍କର ଅନୁଭୂତି ଓ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ଏବଂ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଉପସ୍ଥିତ ଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଳୀନି ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱଥୀ ଏସ୍. ଧନ୍ୟବାଦ ଅର୍ପଣ କରିଥିଲେ।

### ପରିବାରର ଆର୍ଥିକ...

ପରିବାରର ଗରିବୀ ଓ ଅର୍ଥାଭାବ ଜଣେ ମେଧାବୀ ଛାତ୍ରକୁ ଦାଦନ ସଜାଇଛି। ଘରେ ବୁଢା ବାପ-ମାଆ ଓ ଭାଇ ଥିବାବେଳେ ନିଜ ଫର୍ମ ପୂରଣ ଓ ନାମଲେଖା ପାଇଁ ସେ ଟଙ୍କା ଯୋଗାଡ଼ କରିବାକୁ ଦାଦନ ଖଟିବାକୁ ଯାଇଥିବା ତାଙ୍କ ପରିବାର ଲୋକେ ସ୍ୱୀକାର କରିଛନ୍ତି। ତେବେ ଅର୍ଥାଭାବ ଓ ପରିବାରର ଆର୍ଥିକ ଦୁର୍ଗତି ଯୋଗୁଁ ଜଣେ ମେଧାବୀ ଛାତ୍ର ଦାଦନ ଖଟିବାକୁ ବାଧ ହେବା ଘଟଣାକୁ ନେଇ ବିଭିନ୍ନ ମହଲରେ ଚିନ୍ତାବ୍ୟକ୍ତ କରାଯାଇଛି। ଏଣୁ ଦାଦନ ସାଜିଥିବା ମେଧାବୀ ଛାତ୍ରଙ୍କୁ ଉଦ୍ଧାର କରି ଉଚ୍ଚଶିକ୍ଷା ପ୍ରଦାନ ପାଇଁ ସରକାର, ପ୍ରଶାସନ କିମ୍ବା କୌଣସି ଘରୋଇ ଶିକ୍ଷାନୁଷ୍ଠାନ ଆଗେଇ ଆସିବାକୁ ଦାବି ହେଉଛି।

### ଜୈବପ୍ରଯୁକ୍ତି ବିଜ୍ଞାନର...

ବଳିଷ୍ଠ କ୍ଷେତ୍ର ଭାବେ ଚିହ୍ନଟ କରିଛନ୍ତି, ଯେଉଁଥିପାଇଁ କୌଶଳ ଯୁକ୍ତ କର୍ମୀବୃନ୍ଦ, ଗବେଷଣା ଓ ନବସୃଜନ, ଅତ୍ୟାଧୁନିକ ଭିତ୍ତିଭୂମି, ଶିଳ୍ପ କ୍ଷେତ୍ର, ଷ୍ଟାର୍ଟଅପ୍ ଏବଂ ଇନକ୍ୟୁବେଟର ପାଇଁ ପ୍ରୋତ୍ସାହନର ଆବଶ୍ୟକତା ରହିଛି। ଜୈବପ୍ରଯୁକ୍ତି ବିଜ୍ଞାନର ବିକାଶ ଯୋଜନା, ଶିକ୍ଷା, ଶିଳ୍ପ ଓ ଗବେଷଣା ମଧ୍ୟରେ ସହଯୋଗକୁ ପ୍ରୋତ୍ସାହିତ କରିବା ଦ୍ୱାରା ସମାଜକୁ ଲାଭ ଦେବାକୁ ଏବଂ ବିଭିନ୍ନ କ୍ଷେତ୍ରରେ, ଯଥା ଶିଳ୍ପ, କୃଷି, ଚିକିତ୍ସା ଓ ପରିବେଶ ସହିତ ଜୈବପ୍ରଯୁକ୍ତି ବିଜ୍ଞାନ ପ୍ରୟୋଗ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିବାକୁ ସହାୟତା କରିବ। ଓଡ଼ିଶା ଜୈବପ୍ରଯୁକ୍ତି ବିଜ୍ଞାନ ନୀତି ୨୦୨୪ ଲାଗୁ ହୋଇସାରିଥିବାରୁ, ଏହି ଯୋଜନାରେ ଉତ୍ପାଦ ଏବଂ ସେବା ବିକାଶ ନିମନ୍ତେ ଉନ୍ନତ ଭିତ୍ତିଭୂମିର ବିକାଶ ପାଇଁ ପ୍ରୋତ୍ସାହନ ପ୍ରଦାନ କରାଯିବା ସହିତ, ଓଡ଼ିଶାକୁ ଏକ ଜ୍ଞାନଭିତ୍ତିକ ଜୈବ-ଅର୍ଥନୀତିରେ ପରିଣତ କରିବା ଏବଂ ରାଜ୍ୟର ସାମଗ୍ରିକ ଆର୍ଥିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିବାର ଲକ୍ଷ୍ୟ ରଖିଛି ।

### ଆଜି ମୁଖ୍ୟମନ୍ତ୍ରୀଙ୍କ...

ହୋଇପାରି ନ ଥିବା ନେଇ ଜିଲ୍ଲାରେ ଲୋକଙ୍କ ଭିତରେ ବ୍ୟାପକ ଜନ ଅସନ୍ତୋଷ ଲାଗି ରହିଛି। ଏଣୁ ନୂତନ ମୁଖ୍ୟମନ୍ତ୍ରୀ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଥା ପ୍ରକଳ୍ପ ଶିଳାନ୍ୟାସ ନେଇ ସୋନପୁରବାସୀ ଆଶାବାଦୀ ଅଛନ୍ତି। ଏଥି ପାଇଁ ଜିଲ୍ଲା ପ୍ରଶାସନ ଓ ଭାଜପା ଶିବିର ଚଳଚଞ୍ଚଳ ହୋଇ ଉଠିଥିବା ବେଳେ ନୂଆ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଜିଲା ବାସୀ ମଧ୍ୟ ବେଶ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି। ଏ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଉ ଥିବା ବେଳେ ପୋଲିସ ପକ୍ଷରୁ ମଧ୍ୟ ଏସପି ନାରାୟଣ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କଡାକଡି ଗ୍ରହଣ କରାଯାଉ ଥିବା ଦେଖିବାକୁ ମିଳିଛି।

### ଅଗଷ୍ଟ ୩ରେ...

ଏନବିଇ କରିଥିବା ଆବେଦନର ଶୁଣାଣି ବେଳେ ଖଣ୍ଡପୀଠ ପରୀକ୍ଷାରେ ବିଳମ୍ବକୁ ନେଇ ଚିନ୍ତା ପ୍ରକଟ କରିଥିଲେ ଓ ପ୍ରଶ୍ନ କରିଥିଲେ ଯେ ଆପଣ କାହିଁକି ୨ ମାସ ସମୟ ଆବଶ୍ୟକ କରୁଛନ୍ତି? ଏନବିଇ କୋର୍ଟକୁ ଜଣାଇଥିଲା ଯେ ପରୀକ୍ଷା ଦେବାକୁ ୨.୫ ଲକ୍ଷ ପ୍ରାର୍ଥୀ ରହିଥିବା ବେଳେ ପରୀକ୍ଷା କେନ୍ଦ୍ର ସଂଖ୍ୟା ୪୫୦ ରହିଛି। ପରୀକ୍ଷା ଯେହେତୁ ଗୋଟିଏ ସିଫ୍ଟରେ ହେବ, ତେଣୁ ୫୦୦ଟି କେନ୍ଦ୍ର ଆବଶ୍ୟକ। ପରୀକ୍ଷା କେନ୍ଦ୍ର ଚିହ୍ନଟ କରିବା, ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଓ ଶିକ୍ଷାର୍ଥୀମାନଙ୍କୁ କେନ୍ଦ୍ର ଚୟନର ବିକଳ୍ପ ଦେବା ଆଦି କାମ ପାଇଁ ସମୟ ଆବଶ୍ୟକ। ଜଷ୍ଟିସ ପିକେ ମିଶ୍ର ଏନବିଇକୁ ପ୍ରଶ୍ନ କରିଥିଲେ ଯେ ଆପଣ ଅଗଷ୍ଟ ୩ ଯାଏ ସମୟ ଚାହୁଁଛନ୍ତି? କାହିଁକି ଏତେ ସମୟ? ଜଷ୍ଟିସ ଏଜି ମାସିରେ ଏଥିରେ ଯୋଡ଼ିଥିଲେ ଯେ ମେ' ୩୦ରେ ନିର୍ଦ୍ଦେଶ ପାରିତ କରାଯାଇଥିଲେ ହେଁ ଆପଣ ଏଯାଏ ପ୍ରକ୍ରିୟା ଆରମ୍ଭ କରି ନାହାନ୍ତି। ସମୟ ବୃଦ୍ଧି ଆବେଦନକୁ ନେଇ ମଧ ଖଣ୍ଡପୀଠ ଚିନ୍ତା ପ୍ରକଟ କରିଥିଲେ। ଏହାର ଜବାବରେ ଏନବିଇ କହିଥିଲା ଯେ ଆମର ଟେକ୍ନିକାଲ ପାର୍ଟନର ହେଉଛି ଟିସିଏସ୍। ସେମାନେ ସ୍ଥିତିର ବିସ୍ତୃତ ସୂଚନା ଦେଇ ପାରିବେ। ଜଷ୍ଟିସ ମାସି ବିରକ୍ତ ପ୍ରକାଶ କରି କହିଥିଲେ ଯେ ଆପଣଙ୍କ ପାଇଁ ଏହା ଦୁର୍ଭାଗ୍ୟଜନକ। ଆପଣ ଜାଣିଛନ୍ତି ଟିସିଏସ୍ କେମିତି କାମ କରେ। ପିଲମାନେ ପାଠ ପଢୁଛନ୍ତି ଓ ନାମ ଲେଖା ବିଳମ୍ବ ମଧ ହେବ। ଉଭୟ କେନ୍ଦ୍ର ସରକାର ଓ ଏନବିଇ ଗୋଟିଏ ସିଫ୍ଟରେ ପରୀକ୍ଷା ଆୟୋଜନ ପାଇଁ ସମୟର ଆବଶ୍ୟକତା ସମ୍ପର୍କରେ ଯୁକ୍ତି ରଖିଥିଲେ। ଏହା ଶୁଣିବା ପରେ ସୁପ୍ରିମକୋର୍ଟ ସେମାନଙ୍କ ଅନୁରୋଧକୁ ଅନୁମତି ଦେଇଛନ୍ତି। ମେ' ୩୦ରେ ସୁପ୍ରିମକୋର୍ଟ ନିଜର ରାୟରେ ଏନବିଇକୁ ୨ଟି ବଦଳରେ ଗୋଟିଏ ସିଫ୍ଟରେ ନିଟ ପିଜି-୨୦୨୫ ଆୟୋଜନ କରିବାକୁ କହିଥିଲେ। ଏହି ରାୟ ପରେ ଧାର୍ଯ୍ୟ ତାରିଖ ଜୁନ ୧୫ରେ ଗୋଟିଏ ସିଫ୍ଟରେ ପରୀକ୍ଷା ଅସମ୍ଭବ ବୋଲି ଯୁକ୍ତି ରଖି ଏନବିଇ ସୁପ୍ରିମକୋର୍ଟରେ ସମୟ ବୃଦ୍ଧି ପାଇଁ ଆବେଦନ କରିଥିଲା। ସିଙ୍ଗଲ ସିଫ୍ଟରେ ପରୀକ୍ଷା କରିବା ପାଇଁ ଟିସିଏସ ସମସ୍ତ ବ୍ୟବସ୍ଥା ଅଗଷ୍ଟ ୩ ପୂର୍ବରୁ କରିପାରିବ ନାହିଁ ବୋଲି କହିବା ପରେ ଏକଥା ଏନବିଇ ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ।

# ପୀୟୁଷ ଚାୱଲା ହଠାତ୍ କ୍ରିକେଟ୍ର ସବୁ ଫର୍ମାଟରୁ ଅବସର ନେଇ ଚମକାଇଦେଲେ



**ନୂଆଦିଲ୍ଲୀ, ୬/୬ (ହି.ସ):** ଭାରତୀୟ କ୍ରିକେଟର ପୀୟୁଷ ଚାୱଲା ସମସ୍ତ ଫର୍ମାଟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ସେ ଗତ ବର୍ଷ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳିଥିଲେ। ସେ ୨୦୨୫ ନିଲାମରେ ମଧ୍ୟ ନିଜର ନାମ ଦେଇଥିଲେ କିନ୍ତୁ ବିକ୍ରି ହୋଇନଥିଲେ। ସିଜିନ ଶେଷ ହେବା ପରେ, ସେ ତାଙ୍କର ଅବସର ଘୋଷଣା କରି ଏକ ପୋଷ୍ଟ ଶେୟାର କରିଥିଲେ। ପୀୟୁଷ ଚାୱଲା ତାଙ୍କ କ୍ରିକେଟ କ୍ୟାରିୟରର ସ୍ମରଣୀୟ ମୁହୂର୍ତ୍ତଗୁଡ଼ିକୁ ମନେ ପକାଇ ନୋଟ ଶେୟାର କରିଥିଲେ। ଏହା ସହିତ, ସେ କ୍ୟାପସନରେ ଲେଖିଛନ୍ତି, ଏହି ଅଧ୍ୟାୟର ଶେଷ! ଖେଳର ସମସ୍ତ ଫର୍ମାଟରୁ ଅବସର, ଏହି ସୁନ୍ଦର ଯାତ୍ରା ସମୟରେ ସମର୍ଥନ ପାଇଁ ସମସ୍ତଙ୍କୁ ଧନ୍ୟବାଦ। ପଡିଆରେ ଦୁଇ ଦଶନ୍ଧିରୁ ଅଧିକ ସମୟ ବିତାଇବା ପରେ, ଏବେ ଏହି ସୁନ୍ଦର ଖେଳକୁ ବିଦାୟ ଦେବାର ସମୟ ଆସିଛି। ଅନ୍ତର୍ଜାତୀୟ ସ୍ତରରେ ଭାରତକୁ ପ୍ରତିନିଧିତ୍ୱ କରିବା ଠାରୁ ଆରମ୍ଭ କରି ୨୦୦୭ ବିଶ୍ୱକପ, ୨୦୧୧ ଦିନିକିଆ ବିଶ୍ୱକପ ଦଳର ଅଂଶ ହେବା ପର୍ଯ୍ୟନ୍ତ, ଏହି ଅବିଶ୍ୱସନୀୟ ଯାତ୍ରାର ପ୍ରତ୍ୟେକ ମୁହୂର୍ତ୍ତ ଏକ ଆଶୀର୍ବାଦଠାରୁ କମ ନୁହେଁ। ଏହି ସ୍ମୃତିଗୁଡ଼ିକ ସର୍ବଦା ମୋ ହୃଦୟରେ ରହିବ। ସେ ସମସ୍ତ ଦଳକୁ ମଧ୍ୟ ଧନ୍ୟବାଦ ଜଣାଇଥିଲେ ଯେଉଁମାନଙ୍କ ପାଇଁ ସେ ଖେଳିଥିଲେ। ସେ ଲେଖିଛନ୍ତି, ଇଣ୍ଡିଆନ ପ୍ରିମିୟର ଲିଗ ମୋ କ୍ୟାରିୟରର ଏକ ବିଶେଷ ଅଧ୍ୟାୟ ହୋଇଛି ଏବଂ ମୁଁ ଏଥିରେ ଖେଳିବାର ପ୍ରତ୍ୟେକ ମୁହୂର୍ତ୍ତକୁ ଉପଭୋଗ କରିଛି। ସେ ବିସିସିଆଇ, ୟୁପିସିଏ (ଉତ୍ତର ପ୍ରଦେଶ କ୍ରିକେଟ ଆସୋସିଏସନ), ଜିସିଏ (ଗୁଜରାଟ କ୍ରିକେଟ ଆସୋସିଏସନ) ଏବଂ ତାଙ୍କର ସମସ୍ତ ପ୍ରଶିକ୍ଷକଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି। ତାଙ୍କ ପରିବାରକୁ ତାଙ୍କର ଶକ୍ତି ବୋଲି ବର୍ଣ୍ଣନା କରି, ସେ ତାଙ୍କ ପିତାଙ୍କ ପାଇଁ ଏକ ବିଶେଷ ବାର୍ତ୍ତା ଲେଖିଛନ୍ତି,ମୋର ସ୍ୱର୍ଗତ ପିତାଙ୍କ ପ୍ରତି ବିଶେଷ ବାର୍ତ୍ତା, ଯାହାଙ୍କ ବିଶ୍ୱାସ ମୋତେ ଆତ୍ମବିଶ୍ୱାସ ଦେଇଥିଲା। ତାଙ୍କ ବିନା ଏହି ଯାତ୍ରା କେବେ ସମ୍ଭବ ହୋଇପାରି ନ ଥାନ୍ତା। ସେ ଆହୁରି ଲେଖିଛନ୍ତି, ଆଜି ମୋ ପାଇଁ ଏକ ଅତ୍ୟନ୍ତ ଭାବପ୍ରବଣ ଦିନ, କାରଣ ମୁଁ ଆନୁଷ୍ଠାନିକ ଭାବରେ ସମସ୍ତ ଫର୍ମାଟ କ୍ରିକେଟରୁ ଅବସର ଘୋଷଣା କରୁଛି। ଯଦିଓ ମୁଁ କ୍ରିଜ ରୁ ଦୂରେଇ ଯାଉଛି, କ୍ରିକେଟ ସବୁବେଳେ ମୋ ଭିତରେ ରହିବ। ଏବେ ମୁଁ ଏକ ନୂତନ ଯାତ୍ରା ଆରମ୍ଭ କରିବାକୁ ଅପେକ୍ଷା କରୁଛି, ଯେଉଁଥିରେ ମୁଁ ଏହି ସୁନ୍ଦର ଖେଳର ଆତ୍ମା ଏବଂ ଶିକ୍ଷାକୁ ମୋ ସହିତ ବହନ କରିବି। ଗତ ବର୍ଷର ଅଂଶ ଥିବା ପିୟୁଷ ମଧ୍ୟ ଓଟଖ ସିଜିନ ୧୮ ପାଇଁ ନିଲାମ ତାଲିକାରେ ନିଜର ନାମ ଦେଇଥିଲେ। ତାଙ୍କର ମୂଳ ମୂଲ୍ୟ ୫୦ ଲକ୍ଷ ଟଙ୍କା ଥିଲା, କିନ୍ତୁ କୌଣସି ଦଳ ତାଙ୍କୁ କିଣି ନ ଥିଲା। ସେ ବିକ୍ରି ହୋଇ ନ ଥିଲେ। ପୂଜ୍ୟ ୨୦୦୬ରେ ତାଙ୍କର ଅନ୍ତର୍ଜାତୀୟ ଡେବ୍ୟୁ କରିଥିଲେ। ସେ ମାର୍ଚ୍ଚ ୯ରେ ମୋହାଲିରେ ଇଂଲଣ୍ଡ ବିପକ୍ଷରେ ପ୍ରଥମ ଟେଷ୍ଟ ଖେଳିଥିଲେ। ଏହା ପରେ, ସେ ୨୦୦୭ରେ ଏକଦିବସୀୟ ଏବଂ ୨୦୧୦ରେ ଟି-୨୦ ଡେବ୍ୟୁ କରିଥିଲେ। ପୂଜ୍ୟ ତାଙ୍କ ୬ ବର୍ଷର କ୍ରିକେଟ କ୍ୟାରିୟରରେ ୩ଟି ଟେଷ୍ଟ, ୨୫ଟି ଦିନିକିଆ ଏଂ ୭ଟି ଟି-୨୦ ମ୍ୟାଚ ଖେଳିଥିଲେ। ଏଥିରେ ସେ ଯଥାକ୍ରମେ ୮, ୩୨ ଏବଂ ୪ଟି ଓ୍ୱିକେଟ ନେଇଥିଲେ।

# ଆରସିବିର ମାର୍କେଟିଂ ମୁଖ୍ୟ ନିଖିଲ ସୋସାଲେ ଗିରଫ



**ବେଙ୍ଗାଲୁରୁ, ୬/୬ (ହି.ସ):** ଜୁନ୍ ୪ ତାରିଖରେ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ହୋଇଥିବା ଦଳାଚକଟା ଘଟଣାରେ ଦୀର୍ଘ ୨ ଦିନ ପରେ ବେଙ୍ଗାଲୁରୁ ପୁଲିସ୍ ଆରସିବିର ମାର୍କେଟିଂ ମୁଖ୍ୟ ନିଖିଲ ସୋସାଲେଙ୍କୁ ଗିରଫ କରିଛି। ସେ ମୁମ୍ବାଇ ଯାଉଥିବା ବେଳେ ଡିଆଜିଓ ଇଣ୍ଡିଆରେ ଆରସିବିର ମାର୍କେଟିଂ ଏବଂ ରାଜସ୍ୱ ମୁଖ୍ୟ ସୋସାଲେଙ୍କୁ ବେଙ୍ଗାଲୁରୁ ବିମାନବନ୍ଦରରେ ଅଟକ ରଖାଯାଇଥିଲା। ପୃଥକ ଭାବରେ, ବିଜୟ ଉତ୍ସବର ଆୟୋଜକ ଡିଏନଏ ଏଣ୍ଟରଟେନମେଣ୍ଟନେଟଓ୍ୱାର୍କସ୍ ପ୍ରାଇଭେଟ୍ ଲିମିଟେଡର ତିନି ଜଣ କର୍ମଚାରୀଙ୍କୁ ମଧ୍ୟ ପୁଲିସ ଅଟକ ରଖିଛି। କିରଣ, ସୁମନ୍ତ ଏବଂ ସୁନୀଲ ମାଥ୍ୟୁ ନାମକ କର୍ମଚାରୀମାନଙ୍କୁ ପଚରାଉଚରା ପାଇଁ ନିଆଯାଇଥିଲା। ଦଳାଚକଟା ସମ୍ପର୍କରେ ଏଫଆଇଆର ରୁଜୁ ହୋଇଥିବା କ୍ୟୁବନ ପାର୍କ ପୁଲିସ ଷ୍ଟେସନରେ ପଚରାଉଚରା ଚାଲିଛି। ଯେଉଁଥିରେ ଆରସିବି, ଇଭେଣ୍ଟସଂଗଠନ କମ୍ପାନୀ ଏବଂ କର୍ଣ୍ଣାଟକ ରାଜ୍ୟ କ୍ରିକେଟ ଆସୋସିଏସନ (କେଏସସିଏ)କୁ ଅଭିଯୁକ୍ତ ଭାବରେ ନାମିତ କରାଯାଇଛି। ଏହି ସମୟରେ, କେଏସସିଏ ସଚିବ ଏବଂ କୋଷାଧ୍ୟକ୍ଷ ଫେରାର୍ ଥିବା କୁହାଯାଉଛି। ପୁଲିସ ସେମାନଙ୍କ ଘରେ ପହଞ୍ଚିଥିଲେ ମଧ୍ୟ ସେମାନଙ୍କୁ ପାଇପାରିଲେ ନାହିଁ। ସୂତ୍ର ଅନୁଯାୟୀ, ଆରସିବି ପରିଚାଳନା ସେମାନଙ୍କର ବିଜୟ ପରେଡ ବିଷୟରେ ଟ୍ୱିଟ୍ କରିବା ପୂର୍ବରୁ ପୁଲିସ ସହିତ ପରାମର୍ଶ କରିନଥିଲା, ଯାହା ଭାଇରାଲ ହୋଇଥିଲା ଏବଂ ଲକ୍ଷ ଲକ୍ଷରୁ ଅଧିକ ଭ୍ୟୁ ହୋଇଥିଲା। ସୂତ୍ର ଅନୁଯାୟୀ, ସେମାନେ ପରେ ବିଜୟ ପରେଡ ପାଇଁ ଅନୁମତି ପାଇଁ ପୁଲିସକୁ ଅନୁରୋଧ କରିଥିଲେ ଯାହାକୁ ମନା କରାଯାଇଥିଲା।

# ୬୫୦ କୋଟି ଟଙ୍କା ଆୟ କଲା ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର



**ନୂଆଦିଲ୍ଲୀ, ୬/୬ (ହି.ସ):** ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ସ୍ୱପ୍ନ ଆଇପିଏଲ ୨୦୨୫ରେ ସାକାର ହୋଇଥିଲା। ୧୮ତମ ସିଜିନରେ ଆରସିବି ପ୍ରଥମ ଟ୍ରଫି ଜିତିଥିଲା। ଦଳ ମଧ୍ୟ ଏହାକୁ ବହୁତ ଉତ୍ସାହର ସହିତ ପାଳନ କରିଥିଲା। ଆରସିବିକୁ ଆଇପିଏଲ ଦ୍ୱାରା ୨୦ କୋଟି ଟଙ୍କାର ପୁରସ୍କାର ରାଶି ଦିଆଯାଇଥିଲା। ତେବେ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ୨୦୨୪ ଆର୍ଥିକ ବର୍ଷରେ ବି ଆରସିବି ବମ୍ପର ଆୟ କରିଛି। ଏହା ସହିତ, ଆମେ ଆପଣଙ୍କୁ ଆରସିବିର ମୋଟ ସମ୍ପତ୍ତି ବାବଦରେ ମଧ୍ୟ କହିବୁ। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦୨୪ ଆର୍ଥିକ ବର୍ଷରେ ମୋଟ ପ୍ରାୟ ୬୫୩ କୋଟି ଟଙ୍କା ରୋଜଗାର କରିଛି। ଏଥିରେ, ଆରସିବି ପ୍ରସାରଣରୁ ୪୨୦ କୋଟି ଟଙ୍କା ରୋଜଗାର କରିଛି। ସେହି ସମୟରେ, ପ୍ରାୟୋଜକ ଏବଂ ବିଜ୍ଞାପନରୁ ଆରସିବିର ରୋଜଗାର ୧୨୦ କୋଟି ଟଙ୍କା ହୋଇଛି। ଟିକେଟ୍ ବିକ୍ରି କରି ମଧ୍ୟ ଫ୍ରାଞ୍ଚାଇଜ୍ ବହୁତ ଟଙ୍କା ରୋଜଗାର କରିଛି। ଆରସିବି ଟିକେଟ୍ ରୁ ପ୍ରାୟ ୬୦ କୋଟି ଟଙ୍କା ରୋଜଗାର କରିଛି। ଫ୍ରାଞ୍ଚାଇଜ୍ ବିଜନେସରୁ ୩୦ କୋଟି ଟଙ୍କା ରୋଜଗାର କରିଛି। ଏହା ସହିତ, ଆରସିବି ଡିଜିଟାଲ୍ ଏବଂ ସୋସିଆଲ ମିଡିଆରୁ ୧୦ କୋଟି ଟଙ୍କା ରୋଜଗାର କରିଛି। ଯଦି ଏଥିରେ ପୁରସ୍କାର ରାଶିକୁ ଯୋଡାଯାଏ, ତେବେ ଆରସିବି ମୋଟ ପ୍ରାୟ ୬୫୩ କୋଟି ଟଙ୍କା ରୋଜଗାର କରିଛି। ପୂର୍ବରୁ, ୨୦୨୩ ଆର୍ଥିକ ବର୍ଷରେ, ଆରସିବି ପ୍ରାୟ ୨୩୫ କୋଟି ଟଙ୍କା ଏବଂ ୨୦୨୨ ଆର୍ଥିକ ବର୍ଷରେ, ବାଙ୍ଗାଲୋର ପ୍ରାୟ ୨୯୨ କୋଟି ଟଙ୍କା ରୋଜଗାର କରିଥିଲା। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ମୋଟ ସମ୍ପତ୍ତି ପ୍ରାୟ ୧୦୧୨ କୋଟି ଟଙ୍କା। ଆଇପିଏଲ ଇତିହାସରେ ଆରସିବି ତୃତୀୟ ସବୁଠାରୁ ସଫଳ ଫ୍ରାଞ୍ଚାଇଜ୍। ଏହି ତାଲିକାରେ ମୁମ୍ବାଇ ଇଣ୍ଡିଆନ୍ସ ଦ୍ୱିତୀୟ ସ୍ଥାନରେ ଅଛି ଏବଂ ଚେନ୍ନାଇ ସୁପର କିଙ୍ଗ୍ସ ଏକ ନମ୍ବରରେ ଅଛି। ମୁମ୍ବାଇର ନେଟ୍ ସମ୍ପତ୍ତି ପ୍ରାୟ ୧୦୨୯ କୋଟି ଟଙ୍କା ଏବଂ ଚେନ୍ନାଇର ନେଟ୍ ସମ୍ପତ୍ତି ପ୍ରାୟ ୧୦୫୯ କୋଟି ଟଙ୍କା। ଆପଣଙ୍କୁ ଜଣାଇ ଦେଉଛୁ ଯେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ପ୍ରଥମ ଆଇପିଏଲ ଟ୍ରଫି ଜିତିବା ପାଇଁ ୧୮ ବର୍ଷ ଲାଗିଥିଲା। ଦଳ ୨୦୦୮ ରୁ ୨୦୨୪ ପର୍ଯ୍ୟନ୍ତ ତିନିଥର ଫାଇନାଲରେ ପହଞ୍ଚିଥିଲା, କିନ୍ତୁ ତିନିଥର ଦଳ ଟାଇଟଲ ଜିତି ପାରିନଥିଲା।

# ଗିଲ୍ଙ୍କ ପାଇଁ ଟେଷ୍ଟ୍ ଅଧିନାୟକତ୍ୱ ସହଜ ହେବନି: ପଣ୍ଟିଂ



**ଅହମଦାବାଦ, ୬/୬ (ହି.ସ):** ଜୁନ୍ ୨୦ ତାରିଖରୁ ଭାରତୀୟ କ୍ରିକେଟ୍ ଦଳ ଇଂଲଣ୍ଡ ବିପକ୍ଷରେ ଟେଷ୍ଟ୍ ଶୃଙ୍ଖଳା ଖେଳି ନୂଆ ଡବ୍ଲ୍ୟୁଟିସି ଚକ୍ର ଆରମ୍ଭ କରିବ। ଯୁବ ଖେଳାଳି ଶୁବମନ ଗିଲଙ୍କ ପାଇଁ ଏହା ଅଗ୍ନିପରୀକ୍ଷା ହେବାକୁ ଯାଉଛି। କାରଣ ପ୍ରଥମ ଥର ପାଇଁ ଟେଷ୍ଟ୍ ଦଳର ନେତୃତ୍ୱ ନେବାକୁ ଯାଉଛନ୍ତି ଏହି ବ୍ୟାଟର୍। ଏହି ଦାୟିତ୍ୱ ଶୁବମନଙ୍କ ପାଇଁ ଆହ୍ୱାନଭରା ହେବ ବୋଲି ଅନେକ ପୂର୍ବତନ ଖେଳାଳି ମତପୋଷଣ କରୁଛନ୍ତି। ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ ରିକି ପଣ୍ଟିଂ ମଧ୍ୟ ସମାନ ବିଚାରରେ ମତ ରଖିଛନ୍ତି। ଶୁବମନ ଗିଲଙ୍କୁ ତାଙ୍କ ଟେଷ୍ଟ୍ ମ୍ୟାଚ୍ ବ୍ୟାଟିଂ ଉପରେ ଅଧିକ କାମ କରିବାକୁ ପଡ଼ିବ। ବିଶେଷ କରି ଇଂଲଣ୍ଡ ଗସ୍ତରେ ଅଧିନାୟକତ୍ୱର ଅତିରିକ୍ତ ଦାୟିତ୍ୱ ମିଳିଥିବାରୁ ସେ ନିଜକୁ ୪ ନମ୍ବର ସ୍ଥାନକୁ ଖସାଇ ବ୍ୟାଟିଂ କରିବା ଉଚିତ' ବୋଲି କହିଛନ୍ତି ସଦ୍ୟ ସମାପ୍ତ ଆଇପିଏଲରେ ରନର୍ ଅପ୍ ହୋଇଥିବା ପଞ୍ଜାବ କିଙ୍ଗ୍ସର ମୁଖ୍ୟ ପ୍ରଶିକ୍ଷକ ପଣ୍ଟିଂ। ବିରାଟ କୋହଲିଙ୍କ ଅବସର ପରେ ୪ ନମ୍ବର ସ୍ଥାନକୁ ନେଇ ବହୁ ଚର୍ଚ୍ଚା ଚାଲିଥିବା ବେଳେ ପଣ୍ଟିଂ କହିଛନ୍ତି, ''ଅନ୍ତତଃ ଟେଷ୍ଟ୍ ନେତୃତ୍ୱର ପ୍ରାରମ୍ଭିକ ପର୍ଯ୍ୟାୟରେ ଗିଲ୍ ଭାରତର ନୂଆ ୪ ନମ୍ବର ବ୍ୟାଟର୍ ହେବା ଭଲ। ଆଇପିଏଲ୍ ଫାଇନାଲ୍ ମ୍ୟାଚ୍ ଅବସରରେ ପଣ୍ଟିଂ କହିଛନ୍ତି, ''ଗିଲ୍ଙ୍କ ଧଳାବଲ୍ ଫର୍ମ ଉଲ୍ଲେଖନୀୟ ଭାବେ ଭଲ। ଟେଷ୍ଟ୍ ମ୍ୟାଚ୍ ବ୍ୟାଟିଂ ଉପରେ କିନ୍ତୁ କିଛି କାମ କରିବାକୁ ପଡ଼ିବ। ନୂଆ ଅଧିନାୟକ ଭାବେ ଏବେ କାମଟି କେବେ ସହଜ ନୁହେଁ। ପୂର୍ବଭଳି ସମାନ ସ୍ତରର ବ୍ୟାଟିଂ କରିବା ବେଳେ ନେତୃତ୍ୱ ନେବା ସମ୍ଭବ ହୋଇ ନଥାଏ। ନବନିଯୁକ୍ତ ଅଧିନାୟକ ଗିଲ୍ ପ୍ରଥମରୁ ଓପନିଂ କରୁଥିବା ବେଳେ ଗତବର୍ଷ ୩ ନମ୍ବର ସ୍ଥାନରେ ଖେଳୁଥିଲେ। ଗତବର୍ଷ ସିଡ୍ନି ଟେଷ୍ଟ୍ ପୂର୍ବରୁ ରୋହିତ ଶର୍ମା ନ ଖେଳିବାରୁ ଏବଂ ଯଶପ୍ରୀତ ବୁମ୍ରା ଆହତ ସମସ୍ୟାରେ ଥିବାରୁ ଗିଲ୍ଙ୍କ ନେତୃତ୍ୱ ଦେବାକୁ ମୁଁ କହିଥିଲି। ବୁମରା ନେତୃତ୍ୱ ନେଇଥିଲେ ବି ମ୍ୟାଚ୍ ଶେଷ ପର୍ଯ୍ୟନ୍ତ ପଡ଼ିଆରେ ରହିପାରି ନଥିଲେ। ଅନ୍ୟପକ୍ଷରେ ବିଗତ କିଛି ବର୍ଷ ଭିତରେ ମୁଁ ବହୁବାର ଗିଲ୍ଙ୍କ ସହ ବ୍ୟାଟିଂ ଓ ନେତୃତ୍ୱ ନେବା ସମ୍ପର୍କରେ ଆଲୋଚନା କରିଛି। ଗୁଜରାଟ ଟାଇଟନ୍ସ ପାଇଁ ବି ସେ ବିଆ କରିଛନ୍ତି, ଏଥିରେ କିଛି ସନ୍ଦେହ ନାହିଁ। ମୁଁ ନିଃସନ୍ଦେହ ଯେ ସେ ନିଶ୍ଚିତ ଭାବେ ଭାରତୀୟ କ୍ରିକେଟ୍ ସହ ପରବର୍ତ୍ତୀ ୧୦ ବର୍ଷ ରହିବେ। କିନ୍ତୁ କଠିନ ହାତରେ ଖେଳୁଥିବାର ଭୁଲ୍ କରିଥାନ୍ତି। ତାଙ୍କ ରକ୍ଷଣାତ୍ମକ ଟେକ୍ନିକ୍ ମଧ୍ୟ ପ୍ରଶ୍ନବାଚୀ ଲଗାଏ। ଟେଷ୍ଟ୍ ମ୍ୟାଚ୍ ବ୍ୟାଟିଂ ପାଇଁ ବି ମାନସିକ ଦୃଢ଼ତାର ଆବଶ୍ୟକତା ରହିଛି। ଅବଶ୍ୟ ଏକକଥା ମଧ୍ୟ ସତ୍ୟ ଯେ ବହୁ ମହାନ ଖେଳାଳିଙ୍କ ରକ୍ଷଣାତ୍ମକ ଖେଳ ବି ଭଲ ନଥାଏ। ବୀରେନ୍ଦ୍ର ସେହବାଗ ଏହାର ଶ୍ରେଷ୍ଠ ଉଦାହରଣ। ତୁମେ ଯଦି ତୁମ ଷ୍ଟ୍ରୋକ ନିୟନ୍ତ୍ରଣ କରିପାରୁଥିବ ତେବେ ରକ୍ଷଣାତ୍ମକ ଖେଳକୁ ନେଇ ବିଶେଷ ଚିନ୍ତା କରିବାର କିଛି କାରଣ ନାହିଁ। କିନ୍ତୁ ତୁମକୁ ପ୍ରତି ବଲ୍ ପାଇଁ ୧୦୦ ପ୍ରତିଶତ ସଙ୍କଳ୍ପ ରଖିବାକୁ ପଡ଼ିବ। ପ୍ରତିଦିନ ୬/୭ ଘଣ୍ଟା ଖେଳିବା ସମୟରେ ବି ଏହା କରିବାକୁ ପଡ଼ିବ। ଭାରତ ଯଦି ଯଶସ୍ୱୀ ଜୟସ୍ୱାଲ ଓ ସାଇ ସୁଦର୍ଶନଙ୍କୁ ନେଇ ଓପନିଂ କରିବ ତେବେ ରାହୁଲ କିମ୍ବା ନାୟର ୩ ନମ୍ବରରେ ଏବଂ ଗିଲ୍ ୪ ନମ୍ବରରେ ବ୍ୟାଟିଂ କରିପାରିବେ। ଏଥିରେ ବିବା ପରେ ୩ ନମ୍ବର ସ୍ଥାନକୁ ସେ ଉଠିପାରିବେ। ସାଇ ସୁଦର୍ଶନଙ୍କୁ ଭାରତୀୟ ଦଳରେ ନିଆଯିବାକୁ ପଣ୍ଟିଂ ମଧ୍ୟ ଉଚ୍ଚ ପ୍ରଶଂସା କରିଛନ୍ତି। ସୁଦର୍ଶନ ପ୍ରସ୍ତୁତ ଅଛନ୍ତି, ପ୍ରଥମ ଶ୍ରେଣୀରେ ପ୍ରଚୁର ରନ୍ କରିବା ପରେ ଆଇପିଏଲରେ ଅରେଞ୍ଜ୍ କ୍ୟାପ୍ ଜିତି ଅନେକଙ୍କୁ ପଛରେ ପକାଇଛନ୍ତି। ବୈଷୟିକ ଦୃଷ୍ଟି କୋଣରୁ ବି ସେ ଭଲ। କେଏଲ୍ ରାହୁଲ ବି ମଧ୍ୟକ୍ରମକୁ ଖସିଲେ ବ୍ୟାଟିଂରେ ଦୃଢ଼ତା ଆସିପାରିବ'' ବୋଲି ପଣ୍ଟିଂ କହିଛନ୍ତି।

# ବିବାହ ବନ୍ଧନରେ ବାନ୍ଧିହେଲେ ସୁପରଷ୍ଟାର ନାଗାର୍ଜୁନଙ୍କ ସାନ ପୁଅ ଅଖିଲ ଆକ୍କିନେନି

**ନୂଆଦିଲ୍ଲୀ, ୬/୬ (ହି.ସ):** ସାଉଥ ସୁପରଷ୍ଟାର ନାଗାର୍ଜୁନ ଏବଂ ଅମାଲା ଆକ୍କିନେନିଙ୍କ ସାନ ପୁଅ ତଥା ଅଭିନେତା ଅଖିଲ ଆକ୍କିନେନି ଜୈନବ ରାଓଜୀଙ୍କୁ ବିବାହ କରିଛନ୍ତି ଏବଂ ସେମାନଙ୍କ ବିବାହର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଆଜି ହାଇଦ୍ରାବାଦରେ ପ୍ରେମୀଯୁଗଳ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ଅଖିଲ ଆକ୍କିନେନି ଏବଂ ଜୈନବ ରାଓଜୀ ରୀତିନୀତି ଅନୁଯାୟୀ ବିବାହ କରି ଆନୁଷ୍ଠାନିକ ଭାବରେ ସ୍ୱାମୀ-ସ୍ତ୍ରୀ ହୋଇଛନ୍ତି। ଦମ୍ପତିଙ୍କ ବିବାହର ପ୍ରଥମ ଫଟୋ ସୋସିଆଲ ମିଡିଆରେ ହଇଚଇ ସୃଷ୍ଟି କରିଛି। ଅନେକ ପ୍ରଶଂସକ ଏବେ ନବ ବିବାହିତ ଦମ୍ପତିଙ୍କୁ ସେମାନଙ୍କ ବିବାହ ପାଇଁ ଅଭିନନ୍ଦନ ଜଣାଉଛନ୍ତି। ଆପଣଙ୍କୁ କହି ରଖୁଛୁ ଯେ ଅଖିଲ ଆକ୍କିନେନି ଏବଂ ଜୈନବ ରାଓଜୀଙ୍କ ବିବାହର ଅନେକ ଫଟୋ ଇନଷ୍ଟାଗ୍ରାମରେ ପ୍ରକାଶ ପାଇଛି। ଗୋଟିଏ ଫଟୋରେ, ଦମ୍ପତି ପରସ୍ପରର ହାତ ଧରି ଅତିଥିମାନଙ୍କ ସହିତ ଖୁସିରେ ପୋଜ୍ ଦେଉଥିବାର ଦେଖାଯାଇଛି। ଏହି ସମୟରେ, ଅନ୍ୟ ଏକ ଫଟୋରେ,



ନାଗାର୍ଜୁନ ତାଙ୍କ ପୁଅ ଅଖିଲ ପାଖରେ ବସି ବିବାହ ସମୟରେ ଏକ ପରମ୍ପରା ପାଳନ କରୁଥିବାର ଦେଖାଯାଉଛି। ହାଇଦ୍ରାବାଦରେ ଅଖିଲ ଆକ୍କିନେନି ଏବଂ ଜୈନବ ରାଓଜୀଙ୍କ

ବିବାହରେ ଅନେକ ସେଲିବ୍ରିଟି ଯୋଗ ଦେଇଥିଲେ। ବିବାହ ଉତ୍ସବରେ ଅଖିଲଙ୍କ ଭାଇ ନାଗା ଚୈତନ୍ୟ ଏବଂ ଭାଉଜ ସୋଭିତା ଧୂଳିପାଲା ଉପସ୍ଥିତ ଥିଲେ। ଚିରଞ୍ଜିବୀ, ରାମ ଚରଣ ଏବଂ ପ୍ରଶାନ୍ତ ନୀଲଙ୍କ ଭଳି ସେଲିବ୍ରିଟି ମଧ୍ୟ ଉତ୍ସବରେ ଯୋଗ ଦେଇଥିଲେ। ଏହି ସମୟରେ, ଅଖିଲଙ୍କ ବରଯାତ୍ରୀ ଭିଡିଓରେ, ନାଗାର୍ଜୁନ ଏବଂ ନାଗା ଚୈତନ୍ୟଙ୍କୁ ନାଚୁଥିବା ଏବଂ ବହୁତ ମଜା କରୁଥିବାର ଦେଖିବାକୁ ମିଳୁଛି। ଆପଣଙ୍କୁ କହି ରଖୁଛୁ ଯେ ନାଗା ଚୈତନ୍ୟ ଏବଂ ସୋଭିତା ଧୂଳିପାଲାଙ୍କ ବିବାହ ପୂର୍ବରୁ ଅଖିଲ ଆକ୍କିନେନି ଏବଂ ଜୈନବ ରାଓଜୀଙ୍କର ଗତ ବର୍ଷ ନଭେମ୍ବରରେ ନିର୍ବନ୍ଧ ହୋଇଥିଲା।




# ସ୍ପିରିଟ୍ ବିବାଦ ମଧ୍ୟରେ କଳ୍କି-୨ ଛାଡ଼ିଲେ ଦୀପିକା ପାଦୁକୋନ



**ନୂଆଦିଲ୍ଲୀ,୬/୬ (ହି.ସ):** ସନ୍ଦୀପ ରେଡ୍ଡୀ ଭାଙ୍ଗାଙ୍କ ଫିଲ୍ମ 'ସ୍ପିରିଟ୍'ରୁ ଦୀପିକା ପାଦୁକୋନଙ୍କ ବାହାରିବା ନେଇ ଚାଲିଥିବା ବିବାଦ ମଧ୍ୟରେ, ଏହି ଅଭିନେତ୍ରୀ ତାଙ୍କ ବ୍ଲକବଷ୍ଟର ଫିଲ୍ମ 'କଳ୍କି ୨୮୯୮ ଏଡି'ର ଦ୍ୱିତୀୟ ଭାଗରୁ ମଧ୍ୟ ବାହାରି ଯାଇଥିବା ଖବର ମିଳିଛି। ରିପୋର୍ଟ ଅନୁଯାୟୀ, ତାଙ୍କର ଏହି ନିଷ୍ପତ୍ତି ୮ ଘଣ୍ଟିଆ କାମ ସମୟ ଦାବି କରିବା ଯୋଗୁଁ ନିଆଯାଇଛି। ବଲିଉଡ୍.ମୋବି ରିପୋର୍ଟ ଅନୁସାରେ, ଦୀପିକା ସେପ୍ଟେମ୍ବର ୨୦୨୪ରେ ଜନ୍ମ ହୋଇଥିବା ତାଙ୍କ ଝିଅ ଦୁଆର ମାଆ ହେବା ପରେ 'କଳ୍କି ୨୮୯୮ ଏଡି'ର ନିର୍ମାତାଙ୍କୁ କମ ସମୟ କାମ କରିବାକୁ ଅନୁରୋଧ କରିଥିଲେ। କିନ୍ତୁ ଫିଲ୍ମଟି ବିଶାଳ ସ୍ତରରେ ନିର୍ମାଣ ହେଉଥିବାରୁ ନିର୍ମାତାମାନେ ତାଙ୍କ ଏହି ଦାବି ପୂରଣ କରିବାରେ ଅସୁବିଧା ଅନୁଭବ କରୁଛନ୍ତି, ଫଳରେ ସେମାନେ ତାଙ୍କ ଭୂମିକାକୁ ହଟାଇବା କିମ୍ବା କମାଇବା ଯୋଜନା କରୁଛନ୍ତି। ଏ ସମ୍ପର୍କରେ ନିର୍ମାତା କିମ୍ବା ଦୀପିକା ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ବିବୃତି ଜାରି କରିନାହାନ୍ତି। 'କଳ୍କି ୨୮୯୮ ଏଡି'ର ପ୍ରଥମ ଭାଗରେ ଦୀପିକା ଜଣେ ଗର୍ଭବତୀ ମହିଳା ଭୂମିକାରେ ଅଭିନୟ କରିଥିଲେ, ଯିଏ ଭଗବାନ ବିଷ୍ଣୁଙ୍କ କଳ୍କି ଅବତାରଙ୍କୁ ଗର୍ଭରେ ଧାରଣ କରିଥିଲେ, ଯାହାର ଜନ୍ମ ପୋଷ୍ଟ-ଆପୋକାଲିପ୍ଟିକ୍ ଦୁନିଆକୁ ଦୁଷ୍ଟ ଶାସକଙ୍କଠାରୁ ରକ୍ଷା କରିବ। ଚିତ୍ରନାଟ୍ୟ ଅନୁସାରେ, ଦ୍ୱିତୀୟ ଭାଗରେ ସେ ବିଶ୍ୱର ରକ୍ଷକଙ୍କୁ ଜନ୍ମ ଦେବେ। ମହାଭାରତରୁ ପ୍ରେରଣା ନେଇ ନିର୍ମିତ ଏହି ଫିଲ୍ମରେ ଅମିତାଭ ବଚ୍ଚନ, ପ୍ରଭାସ ଏବଂ କମଲ ହାସନ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। କିଛି ଦିନ ପୂର୍ବେ ଦୀପିକା ଖବରରେ ଥିଲେ ଯେତେବେଳେ ରିପୋର୍ଟ ଆସିଥିଲା ଯେ ସେ ସନ୍ଦୀପ ରେଡ୍ଡୀ ଭଙ୍ଗାଙ୍କ ଆଗାମୀ ଫିଲ୍ମ 'ସ୍ପିରିଟ୍'ରୁ, ଯେଉଁଥିରେ ପ୍ରଭାସ ଅଭିନୟ କରୁଛନ୍ତି, ବାହାରି ଯାଇଛନ୍ତି। ସେ ୮ ଘଣ୍ଟିଆ କାମ ସମୟ, ବିପୁଳ ପାରିଶ୍ରମିକ ଏବଂ ଫିଲ୍ମର ଲାଭରୁ ଅଂଶ ଦାବି କରିଥିଲେ। ଯଦିଓ ତାଙ୍କ ବାହାରିବା ଆନୁଷ୍ଠାନିକ ଭାବେ ଘୋଷଣା ହୋଇନଥିଲା, ବଙ୍ଗା ତ୍ରିପ୍ତୀ ଡିମ୍ରିଙ୍କୁ ଫିଲ୍ମର ମୁଖ୍ୟ ଅଭିନେତ୍ରୀ ଭାବେ ଘୋଷଣା କରିଥିଲେ। ସେ ମଧ୍ୟ ଦୀପିକାଙ୍କୁ ଅଭିଯୋଗ କରିଥିଲେ ଯେ ସେ ତାଙ୍କୁ ପୂର୍ବରୁ ଦିଆଯାଇଥିବା 'ସ୍ପିରିଟ୍'ର ଚିତ୍ରନାଟ୍ୟ ଲିକ୍ କରିଛନ୍ତି। ସେ ଏକ୍ସରେ ଲେଖିଥିଲେ, ଯେତେବେଳେ ମୁଁ ଜଣେ ଅଭିନେତାଙ୍କୁ କାହାଣୀ ଶୁଣାଇଥାଏ, ମୁଁ ୧୦୦% ବିଶ୍ୱାସ ରଖିଥାଏ। ଆମ ମଧ୍ୟରେ ଏକ ଅଲିଖିତ ଏନଡିଏ (ଅଣ-ପ୍ରକାଶନ ଚୁକ୍ତି) ଥାଏ।




କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor-Simanchall Pattnaik
Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com
Phone-0674-2975387
Mob: 9090962011
ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik